| ହୋମିଓପାଥି ଦେଶ ଶୁଦ୍ଧପରି | ଗୋ ୧ ଟ ୦ ୶ |
| ସବନ୍‌ରେଶ | ଗୋ ୧ ଟ ୦ ୵ |
| ମୁସ୍ଥଳପଥରର ଫସ୍କପ୍ରେସ୍କା ଓ ଗୁଡ଼ଘରଲଳସାବାଲ | ଗୋ ୧ ଟ ୨ । |
| ଲେବେଣ୍ଡର | ଗୋ ୧ ଟ ୧୧ |
| ମେଲ୍ସର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରୁଆ | ଖ ୧ ଟ ୦ ୵୯ |
| ଫଲବାଲ | ଗୋ ୧ ଟ ୦ ୶ |
| ହେବାଲଗିର ମୁଖାଲିଶ୍ୟା | ଗୋ ୨ ଟ ୪ । |
| ଏଇକ ଏକଡାଲିଆ | ଗୋ ୧ ଟ ୨ |
| ଟେକ | ଗୋ ୧ ଟ ୨ |
| ଅକ୍ସଫେଟ | ଗୋ ୧ ଟ ୵ ୨ |
| ଛାତ | ତ ୧ ଟ ୦ ୲ |
| ଖାଜାପଗଡ଼ୀ | ଗୋ ୧ ଟ ୩ ୧ |
| କଳାହଣ୍ଡୀ ପଟ୍ଟ ଜଷ | ଖ ୧ ଟ |

ପେଟରୁ ଏହାକୁ ଚୌକଷି ଖାଇବେ ଭଲି ନାହିଁରେ ଜଉଳାଇ ଦୋଠା ଖଇର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ଭୟ ନ ରହେ ଗୋ ୧ ଟ ୦

କଟକ ଚୌଧୁରୀ ବଜାର } ଅରଜବନ୍ଧୁ ଦାସ କମ୍ପାନି ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର ଚୌଦିଶ ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ୲ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଓଡ଼ିଆବଜାର ଦରଘାଟନାର ଭିତର ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୩୫ ଶ / ସ ୩୨ ଶା | ତା ୧୯ ଚନ୍ଦ୍ର ମାହେ ଅଗଷ୍ଟ ସନ ୧୮୯୩ ମସିହା । ମୃ । ଶ୍ରାବଣ ୩୦ । ୭ ଦିନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧ / ପଶ୍ଚାଦ୍‌ଦେୟ ଟ ୩୲


ଏ ନଗର ବନ୍ଧାକୁ ଦୃଢ଼ କରିବାପାଇଁ ଚଉଦହଜାରଟଙ୍କା ମଞ୍ଜୁର ହୋଇଅଛି । ମାତ୍ର କାର୍ଯ୍ୟ କେବେ ଆରମ୍ଭ ହେବ ତାହାର ସ୍ଥିରତା ନାହିଁ କାରଣ ଗବର୍ଣ୍ଣମେଣ୍ଟଙ୍କର ଆଦେଶ ଏହି ଯେ ଅର୍ଥର ସୁବିଧା ଘଟିଲେ ଏ କାର୍ଯ୍ୟରେ ହାତ ଦିଆଯିବ ।

---

ଆଗାମି ଶୀତବର୍ଷମଧ୍ୟରେ ସରକାର ଯେସମସ୍ତ ରେଲବାଟ ନିର୍ମାଣ କରିବେ ତାହାର ଏକ ତାଲିକା ବାହାରିଅଛି ଏବଂ ତାହାରୁ ଜଣାଯାଏ ଯେ ଅନ୍ୟାନ୍ୟ ରେଲବାଟଅପେକ୍ଷା ଇଷ୍ଟକୋଷ୍ଟ ଏବଂ ଆସାମ ବେଙ୍ଗଲ ରେଲବାଟ ନିମନ୍ତେ ବିଶେଷ ଟଙ୍କା ମଞ୍ଜୁରହୋଇ ଅଛି ।

---

ପୁଲିସ ଓ ରେଲ୍‌ବେ କର୍ମଚାରୀମାନେ ପୁରୀରୁ ଫେରନ୍ତା ଯାତ୍ରିମାନଙ୍କୁ ଶୀଘ୍ର ବିଦାୟ କରିବାପକ୍ଷରେ ଯେତେ ଚେଷ୍ଟା କଲେ ସୁଦ୍ଧା ହାବଡ଼ା ରେଲିଷ୍ଟେସନରେ ଯାତ୍ରିଙ୍କ ଭିଡ଼ ନିତାନ୍ତ କମ ହୋଇ ନ ଥିଲା ଏବଂ ଓଲାଉଠାର ଉପଦ୍ରବ ସେଠାରେ ଏପରି ହୋଇଥିଲା ଯେ ଏକଦିନରେ ଚାରିଜଣ ରୋଗୀ ହାବଡ଼ା ହାସ୍‌ପାତାଲରେ ଭରତି ହେଲେ ଏବଂ ତାହାମଧ୍ୟରୁ ତିନିଜଣ ମରିଗଲେ ।

---

ଓଡ଼ିଶା ଗଡ଼ଜାତ ମହାଲ ସମ୍ବନ୍ଧରେ ଗୋଟିଏ ଆଇନ କରିବାର ପ୍ରସ୍ତାବ ଅନେକଦିନରୁ ଲାଗିଥିଲା । ସମ୍ପ୍ରତି ଅବଗତ ହେଲୁଁ ଯେ ଉକ୍ତ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି । ଏବଂ ଭାରତ-ବିଧିବ୍ୟବସ୍ଥାପକସଭାର ଆଗାମୀ ଅଧିବେଶନରେ ମାନ୍ୟବର ସର ଅଲେକଜାଣ୍ଡର ମିଲର ସାହେବଙ୍କଦ୍ୱାରା ଅର୍ପିତ ହେବ । ପାଣ୍ଡୁଲିପି ଗେଜେଟରେ ପ୍ରକାଶିତ ହେଲେ ତାହାର ମର୍ମ ଜଣାଯିବ ।

---

ଫରାସିମାନେ ଯାହା ଯାହା ଦାବି କଲେ ଶ୍ୟାମ ତାହାରେ ସମ୍ମତ ହେବାରୁ ଯୁଦ୍ଧର ଆଶଙ୍କା ଆପାତତଃ ଦୂର ହେଲା ଏବଂ ଫରାସିମାନେ ଯେଉଁ ଅବରୋଧ ଘୋଷଣା କରିଥିଲେ ତାହା ଉଠାଇ ନେଲେ । ସନ୍ଧିର ଶର୍ତ୍ତସମୂହ କାର୍ଯ୍ୟରେ ପରିଣତ ନ ହେବା ପର୍ଯ୍ୟନ୍ତ ଫରାସିମାନେ ଶ୍ୟାମ ଉପସାଗରସ୍ଥ ଚେଣ୍ଟାବୁନ୍ ବନ୍ଦର ଅଧିକାର କରିବେ । ଇଂରାଜ ଅପଣା ସ୍ୱାର୍ଥରକ୍ଷାନିମିତ୍ତେ ଫରାସିଙ୍କ ସହିତ ସୀମା ନିର୍ଦ୍ଧାରିତ କରି ନେଇ ଅଛନ୍ତି । ଯାହା ହେଉ ଏ ସନ୍ଧିରେ ଇଂରାଜମାନଙ୍କର ମନ ମାନ ନାହିଁ ଏବଂ ପାର୍ଲିଆମେଣ୍ଟ ସଭାରେ ଏ ସମ୍ବନ୍ଧରେ ଗୋଟିଏ ତର୍କ ହେବାର ଆରମ୍ଭ ହୋଇଅଛି ।

---

ଗତ କଲିକତାଗେଜେଟରେ ଲିଖିତ ବ୍ୟକ୍ତିମାନେ ମାନ୍ୟବର ବଙ୍ଗୀୟ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କୁ ସାହାଯ୍ୟ କରିବା ଏବଂ ତାହାପାଇଁ ବାଙ୍ଗାମାନଙ୍କୁ ଧନ୍ୟବାଦ ଦେବାର ପ୍ରକାଶ ହୋଇଅଛି । ଯଥା;—

ଶ୍ରୀମତି ମହାରାଣୀ ଗୁଥିଏଅରର ସ୍ୱଜମାତା ମୂର୍ଷିଆ ପ୍ରଜାସାହେବ ବେଥୁନ ସ୍କୁଲ ବାଳିକାଙ୍କ ବାର୍ଷିକ ପୁରସ୍କାର ନିମନ୍ତେ ଟ ୪୦୦୲

ମେଦିନୀପୁରର କୁମାର ନରେନ୍ଦ୍ରଲାଲ ଖାଁନ ଅପଣା ପିତାର ନାମ ଚିରସ୍ମରଣ ନିମନ୍ତେ ମେଦିନୀପୁରଠାରେ ଗୋଟିଏ ଚିକିତ୍ସାଳୟ ସ୍ଥାପନଉଦେଶରେ ୩୦ ହଜାର ଟଙ୍କା ଦାନ କରି ସେହି ଚିକିତ୍ସାଳୟ ଗୃହ ନିର୍ମାଣ ନିମନ୍ତେ ଦେବାରେ ଆଉ ଦଶହଜାର ଟଙ୍କା ।

---

କୋଣାର୍କ ଦେବସ୍ଥଳମୂର୍ତ୍ତି କଲିକତା ଯାଦୁଘରକୁ ସ୍ଥାନାନ୍ତରିତ ହେଲେ ହିନ୍ଦୁଧର୍ମ ବିହିତ କୌଣସି ଆପତ୍ତି ହେବ କି ନା ମାନ୍ୟବର ଲୁଦ୍ଧ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର କମିଟୀର ଦେଶୀୟ ସଭ୍ୟମାନଙ୍କୁ ପ୍ରଶ୍ନ କରିଥିଲେ, ତଦନୁସାରେ ମହାମହୋପାଧ୍ୟାୟ ଶ୍ରୀଯୁକ୍ତ ମହେଶଚନ୍ଦ୍ର ନ୍ୟାୟରତ୍ନ ସ୍ୱାମୀୟ ଉଦନ୍ତଦ୍ୱାରା ବୁଝିଲେ ଯେ ଅଦ୍ୟ ବିବରଣ ଯାହା ଥାଉ ସମ୍ପ୍ରତି ଉକ୍ତ ସ୍ଥଳର ଲୋକ ସେହି ଦେବସ୍ଥଳ ମୂର୍ତ୍ତି ଅର୍ଚ୍ଚିତ ସମ୍ପ୍ରଦାୟକୁ ପୂଜା କରୁଅଛନ୍ତି ଏବଂ ଯେ ସ୍ଥାନରେ ପୂଜା ହେଉଅଛି ସେଠାରୁ ସ୍ଥାନାନ୍ତରିତ ହେଲେ ହିନ୍ଦୁମାନଙ୍କ ଧର୍ମ ବିଶ୍ୱାସ ପ୍ରତି ହସ୍ତକ୍ଷେପ ହେବ । ଯାହାଉପରି ଦେଶୀୟ ସଭ୍ୟମାନେ ଏହିପରି ଲିଖିତ ରିପୋର୍ଟ ଦେବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହିପରି ବୃତ୍ତାନ୍ତ

Digitized by srujanika@gmail.com

Split by PDF Splitter

254



ଆଦେଶ ଦେଇଅଛନ୍ତି ଯେ ଉକ୍ତ ପ୍ରସ୍ତର ସେହିଠାରେ ରହିବ ଏବଂ ବାରକମାଷ୍ଟର ମହକୁମା ଭବିଷ୍ୟତରେ ଏହାକୁ ସ୍ପର୍ଶ କରିବେ ନାହିଁ । ପ୍ରସ୍ତରଟି ସ୍ଥାନାନ୍ତରିତ ହେବା ନିମନ୍ତେ ଗୋଟିଏ ଶକଟ ଉପରେ ବୋଝାଇ ହୋଇ ରହିଅଛି । ସେହି ଶକଟରୁ ଓହ୍ଲାଇ ପୂର୍ବେ ଯେଉଁ ସ୍ଥାନରେ ଥିଲା ସେହିସ୍ଥାନରେ ରଖିଦେବାପାଇଁ ବାରକମାଷ୍ଟର ମହକୁମାପ୍ରତି ଆଦେଶ ହୋଇଥିବ ।

---

ବାଲେଶ୍ୱର ସମ୍ବାଦବାହିକାରେ ଅବଗତ ହେଲୁଁ ପାଠ କଲୁଁ ଯେ ସେଠାର ଏକ୍ଟିଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମାଡ଼କସ ସାହେବ ଯାତ୍ରୀମାନେ ବଡ଼ କଷ୍ଟ ପାଉଥିବାର ଶୁଣି ଦରିଦ୍ର ଓ ପୀଡ଼ିତ ଯାତ୍ରୀମାନଙ୍କୁ ବିତରଣ କରିବା କାରଣ ଟ ୬୦୯ କାର ଚାଉଳ ଡାଲି ଇତ୍ୟାଦି ସର୍ବଦା ପ୍ରସ୍ତୁତ ରଖିବାପାଇଁ ସରକାରୀ ଡାକ୍ତରଙ୍କୁ ଆଦେଶ ଦେଇ ଅଛନ୍ତି ଏବଂ ଔଷଧ ଖର୍ଚ୍ଚ ନିମନ୍ତେ ଅଥବା ଟଙ୍କା ପ୍ରୟୋଜନ ମତେ ଦେବାର ବନ୍ଦୋବସ୍ତ କରୁଅଛନ୍ତି । ସାହେବ ମହୋଦୟ ପୁଲିସସୁପରିଣ୍ଟେଣ୍ଡେଣ୍ଟଙ୍କ ସଙ୍ଗେ ସେତ ଏକଦିନ ନଳକୂଳ ମୁହାମକୁ ଯାଇ ଯାତ୍ରିମାନଙ୍କର ଦୁର୍ଦ୍ଦଶା ଓ ତାହାଙ୍କ ଆବାସର ଦୌସ୍ଥ୍ୟ ପ୍ରତ୍ୟକ୍ଷ କରି ଆସିଥିଲେ । ଏକ ବ୍ୟକ୍ତି ଚାଲିଟିକେଟ ଦ୍ୱାରା ଯାତ୍ରିମାନଙ୍କଠାରୁ ଜାହାଜ ଭଡ଼ା ନେବା ଅପରାଧରେ ପୁଲିସର ଗୃହଲମତେ ହସ୍ତଗତରେ ଅଟକିଅଛି । ବାସ୍ତବରେ ସାହେବ ମହୋଦୟଙ୍କର ଏ କାର୍ଯ୍ୟ ବଡ଼ ପ୍ରଶଂସନୀୟ ଏବଂ ଏଥିରୁ ତାହାଙ୍କର କର୍ତ୍ତବ୍ୟଜ୍ଞାନ ଓ ଦୟାର ଯଥେଷ୍ଟ ପରିଚୟ ମିଳୁଅଛି । କଟକରେ ଯାତ୍ରିମାନେ ଅଶେଷ କଷ୍ଟ ପାଉଥିଲେ ଏଠା କଲେକ୍ଟରଙ୍କୁ ଟିକିଏ ବ୍ୟସ୍ତ ହେବାର ଦେଖିଲୁଁ ନାହିଁ ।

---

ଏଠାକାର ଜେଲର ପୁଲିସ କର୍ମଚାରୀଙ୍କ ମଧ୍ୟରୁ କେହି କେହି ଚୋର ଡକାଏତଙ୍କୁ ସାହାଯ୍ୟ କରିବା ଅଥବା ସେମାନଙ୍କ ସଙ୍ଗରେ ମିଶି ଚୋରିକରିବାର ଲୋକଙ୍କର ଧାରଣା ଥିଲା । ସରକାରୀ ଅନ୍ୟ କୌଣସି ମହକୁମାପ୍ରତି ଏପରି ସନ୍ଦେହ ଥିବାର କେବେ ଶୁଣା ଯାଇ ନାହିଁ । କିନ୍ତୁ ସମ୍ପ୍ରତି ଦଳକୁଦଳ ଏମନ୍ତ କଠିନ ହେଉଅଛି ଏବଂ ମନ୍ଦ ପ୍ରବୃତ୍ତି ଏପରି ବଢ଼ୁଅଛି ଯେ ଜେଲଖାନାର ପ୍ରହରୀମାନେ ଡକାଏତଙ୍କୁ ସାହାଯ୍ୟ କରିବାକୁ ଆରମ୍ଭ କରିଅଛନ୍ତି । ବାସ୍ତବିକ ଜେଲଖାନାର ହେଡ଼ ୱାର୍ଡର ଓ ତାହାର ଜଣେ ସହକାରୀ ନିୟତ ଗୃହଦ୍ୱାରରେ କେତେକ ଚୋରଙ୍କୁ ଦେଖି ଡକାଏତି କରିବା କାରଣ ଜେଲଖାନାରୁ ଛାଡ଼ିଦେବା ଏବଂ ଚୋରଦ୍ରବ୍ୟର ଭାଗ ସେମାନଙ୍କଠାରୁ ନେବା ଅଭିଯୋଗରେ ବନ୍ଦିସ୍ଥାନରେ ଆସିଅଛନ୍ତି । ଯେଉଁ ଚୋରମାନଙ୍କୁ ସେମାନେ ରାତ୍ରିରେ ଛାଡ଼ି ଦେଉଥିଲେ ସେମାନଙ୍କମଧ୍ୟରୁ କେତେଜଣ ଏକସ୍ଥାନରେ ଡକାଏତି କରୁଥିବା ଅବସ୍ଥାରେ ଧୃତ ହୋଇ ଦୁଇବର୍ଷ ଲେଖାଏଁ କଠିନ ପରିଶ୍ରମ ସହିତ କାରାଦଣ୍ଡ ପାଇଅଛନ୍ତି । ଜେଲରକ୍ଷକମାନଙ୍କର ଦଣ୍ଡର ଶେଷ ହୋଇ ନାହିଁ । ଅସତ୍ ବ୍ୟବହାର ପୃଥଗ୍ ଅଡ଼େ ବୃଦ୍ଧି ହେଲେ ସରକାର ଦେଖେ ତାହାକୁ ଜଗିବେ ।

— ❋ ❋ —

ଗତମାସ ତା ୩ ଇଖ ଗୁରୁବାର ରଥମାନଙ୍କର ଦକ୍ଷିଣମୁର୍ତ୍ତି ଶେଷ ହେଲା । ଶୁକ୍ରବାର ଦିନ ଘ ୨ ଘା ସମୟରେ ପହଣ୍ଡି ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଠାକୁରମାନେ ରଥଉପରେ ବିଜେକଲେ ଏବଂ ବଡ଼ରଥ ଟଣା ହୋଇ ଜେଲଖାନା ନିକଟରେ ରହିଲେ । ଶନିବାର ସୁଭଦ୍ରାଦେବୀଙ୍କ ରଥ ବଳଗଣ୍ଡିଠାରେ ରହିଲେ । ଅନବରତ ବର୍ଷାହେତୁ ରବିବାର ଓ ସୋମବାର ଏ ଦୁଇଦିନ ରଥଟଣା ହୋଇ ପାରିଲ ନାହିଁ । ମଙ୍ଗଳବାର ବଡ଼ରଥ ସିଂହଦ୍ୱାର ନିକଟରେ ଲାଗିଲା । ସେଦିନ ଏକାଦଶୀ ଥିଲା ଠାକୁରମାନେ ସିଂହାସନାରୂଢ଼ ହୋଇଥିଲେ ସୁଦର୍ଶନଙ୍କ ବାହାର ନଗର ଭ୍ରମଣ କରନ୍ତି । ବହୁ ବଡ଼ ଦୁଃଖର ବିଷୟ ଯେ ଠାକୁରମାନେ ରଥଉପରେ ଥିବାରୁ ଉକ୍ତଲୀଳା ବନ୍ଦ ହେଲା । ବୁଧବାର ଜଗନ୍ନାଥଙ୍କ ରଥ ଗୁଣ୍ଡିଚାମନ୍ଦିର ନିକଟରେ ଏବଂ ଠାକୁରାଣୀଙ୍କ ରଥ ବଳଗଣ୍ଡିଠାରେ ଥିଲେ । ଶୁକ୍ରବାର ଚିତାଲାଗି ହେଉଥିବାରୁ ଦୁଇଦିନ ମଧ୍ୟରେ ରଥ ଲାଗି ଠାକୁରମାନେ ପହଣ୍ଡି ହୋଇ ସିଂହାସନରେ ଯେ ଚିତାଲାଗି ହୋଇଥିବ ସମ୍ଭବ ହେଉ ନାହିଁ । ଏବର୍ଷ ଉକ୍ତଲୀଳା ବନ୍ଦ ହେବା ଏବଂ ରଥ ଉପରେ ଚିତାଲାଗି ହେବା ବଡ଼ ଶୁଭସମ୍ବାଦ ନୁହେ ।

ଗତ ବୁଧବାରଠାରୁ ଲଗାଣବୃଷ୍ଟି ଆରମ୍ଭ ହୋଇ ଗତଦିନ ସ୍ଥାୟୀ ହୋଇଥିଲା । ଏହାଦ୍ୱାରା ନଦୀ ବୃଦ୍ଧି ହୋଇ ଶରଲୁଣ୍ଡ ଘାଇବନ୍ଧ ହୋଇ ଯିବାରୁ ଅନେକ ଗ୍ରାମ ଜଳପ୍ଲାବିତ ହୋଇଅଛି ଲୁଣ ଯାଇ ବୁଡ଼ି ଉଜାଡ଼ ହେଲା ଏହିପରି ଭଗ୍ନ ହେଉଥିବାରୁ ନିକଟସ୍ଥ ଗ୍ରାମବାସିମାନେ ବଡ଼କଷ୍ଟଭୋଗୀ ହେଉଅଛନ୍ତି ।

ଯାତ୍ରିମାନେ ସମ୍ପ୍ରତି ବାହାର ଗଲେଣି । ଯେଉଁମାନେ ଅଛନ୍ତି ସେମାନେ ପ୍ରଭୁମାନେ ସିଂହାସନାରୂଢ଼ ହେବାର ଦେଖି ଅନ୍ନ ମହାପ୍ରସାଦ ଭୋଜନ କଲେ ପୁଣିଥରୁ ଯାତ୍ରା କରିବେ ।

---

### ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷା ।

ଲୋଅର ପ୍ରାଇମେରୀ ଅର୍ଥାତ୍ ନିମ୍ନ ପ୍ରାଥମିକ ପରୀକ୍ଷା ଏବଂ ତହିଁର ବୃତ୍ତିଲାଭ ସମ୍ବନ୍ଧରେ ଗତମାସ ତା ୯ ଇଖରେ ନୂତନ ନିୟମାବଳୀ ପ୍ରଚଳିତ ହୋଇଅଛି । ଯେଉଁ ଛାତ୍ର କୌଣସି ସ୍କୁଲରେ ପଢ଼ୁ ନାହିଁ ଅଥବା ଡେପୁଟୀ ଇନସ୍ପେକ୍ଟରଙ୍କ ବିନା ଅନୁମତିରେ ପରୀକ୍ଷାର ପୂର୍ବବର୍ତ୍ତୀ ଛମାସମଧ୍ୟରେ କୌଣସି ସ୍କୁଲରେ ପଢ଼ୁଥିବ ତାହାକୁ ପ୍ରାଇଭେଟ ବା ବାହାରର ଛାତ୍ର କହାଯିବ । ପ୍ରାଇଭେଟ ଛାତ୍ରମାନେ ଡେପୁଟୀ ଇନସ୍ପେକ୍ଟରଙ୍କ ବିଶ୍ୱାସ ହେବାମତେ ଚରିତ୍ର ଏବଂ କେହି ଜାଣିତ ଭଦ୍ରଲୋକଠାରୁ ଚରିତ୍ରର ସାର୍ଟିଫିକେଟ ଆଣି ଦେଲେ ପରୀକ୍ଷା ଦେଇ ପାରିବେ । ଶିକ୍ଷକମାନେ ଫିସ୍ ଓ ସାର୍ଟିଫିକେଟ ବିନା ପରୀକ୍ଷା ଦେଇ ପାରିବେ ମାତ୍ର ଯାହାର ଚରିତ୍ର ସନ୍ତୋଷଜନକ ନୁହେଁ ଡେପୁଟୀ ଇନସ୍ପେକ୍ଟର ତାହାକୁ ବାହାର କରିଦେଇ ପାରନ୍ତି । ଯେଉଁ ସ୍କୁଲଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷକ ଅଯୋଗ୍ୟ ଥିବାର କହିବେ ସେମାନେ ପରୀକ୍ଷା ଦେଇପାରିବେ ନାହିଁ । ପରୀକ୍ଷାର ପୂର୍ବ ଛମାସ କ୍ରମାଗତ ସ୍କୁଲରେ ପଢ଼ିଥିବା ଛାତ୍ର ପରୀକ୍ଷାଦେବାର ଯୋଗ୍ୟ ହେବ କୌଣସି ଛାତ୍ର ଥରେ ପାଶକଲାଉତ୍ତାରୁ ଆଉ ସେ ପରୀକ୍ଷା ଦେଇପାରିବ ନାହିଁ ।

ସରକାରୀ-ସାହାଯ୍ୟପ୍ରାପ୍ତ ହେଉ ବା ନହେଉ ସକଳସ୍କୁଲର ଛାତ୍ର ବୃତ୍ତି ପାଇବାର ଯୋଗ୍ୟ ହେବେ କିନ୍ତୁ କୌଣସି ସ୍କୁଲ ଏକାବର୍ଷରେ ନିମ୍ନପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଏହି ଉଭୟଶ୍ରେଣୀର ବୃତ୍ତିନିମନ୍ତେ ଛାତ୍ର ପଠାଇପାରିବ ନାହିଁ । ଏକବର୍ଷରେ ଗୋଟିଏ ବୃତ୍ତିରୁ ଅଧିକ କୌଣସି ସ୍କୁଲ ପାଇପାରିବ ନାହିଁ । ସ୍କୁଲର ଇନସ୍ପେକ୍ଟରଙ୍କ ମଞ୍ଜୁରୀରେ ଜିଲାବୋର୍ଡ ପରୀକ୍ଷା ନେବାର ଯେ ବନ୍ଦୋବସ୍ତ କରିବେ ତଦନୁସାରେ ପରୀକ୍ଷା ଗୃହୀତ ହୋଇ ତହିଁର

Digitized by srujanika@gmail.com

ଫଳଦୃଷ୍ଟିରେ ଇନସ୍ପେକ୍ଟର ଡେପୁଟୀ ଇନ-ସ୍ପେକ୍ଟରଙ୍କଠାରୁ ପରାମର୍ଶ ନେଇ ବୃତ୍ତି ପ୍ରଦାନ କରିବେ । ଯେଉଁ ଛାତ୍ରର ବୟସ ୧୧ ବର୍ଷରୁ ଅଧିକ ସେ ବୃତ୍ତିପାଇବ ନାହିଁ । ବୃତ୍ତି ମାସକୁ ଟ ୨ ଙ୍କା ଲେଖାଏଁ ଦୁଇବର୍ଷପର୍ଯ୍ୟନ୍ତ ସ୍ଥାୟୀ ହେବ ମାଇନର ଛାତ୍ର ଦେଖାଗଲେ ବହୁତ ହେବ । ବୃତ୍ତିଧାରୀ ଛାତ୍ର କୌଣସି ସରକାରୀ ବା ସାହାଯ୍ୟପ୍ରାପ୍ତ ସ୍କୁଲରେ ବିନା ବେତନରେ ପଢ଼ିପାରିବ । ନିମ୍ନ ପ୍ରାଥମିକ ବୃତ୍ତିପରୀକ୍ଷା ଦେବାକାରଣ ଡାଇରେକ୍ଟରଙ୍କ ମଞ୍ଜୁରୀ ବିନା ଛାତ୍ର ଫିସ ଦେବାକୁ ହେବ ନାହିଁ ।

---

ଗଞ୍ଜେଇ—କମିଶନ ।

ଭାରତର ଗଞ୍ଜେଇ ବ୍ୟବସାୟର ଅନୁସନ୍ଧାନ-ନିମନ୍ତେ ବିଲାତର ସେକ୍ରେଟେରୀ ଅବ ଷ୍ଟେଟଙ୍କ ଆଦେଶମତେ ଯେଉଁ କମିଶନ ବସିଅଛି ଏବଂ ପଞ୍ଜାବର ଅସ୍ଥାୟୀ-ଭାରତୀୟ ପ୍ରଧାନ କମି-ଶନର ମାଉଣ୍ଟଷ୍ଟୁଆର୍ଟ ସାହେବ ଯହିଁର ସଭାପତି ହୋଇଅଛନ୍ତି ସେହି କମିଶନ ଅଥବା ସମିତି ଯେ ସମସ୍ତ ବିଷୟର ଅନୁସନ୍ଧାନ କରି ପରାମର୍ଶ ଦେବେ ସେଥିର ଗୋଟିଏ ନିର୍ଦ୍ଧାରଣ ଇଣ୍ଡିଆ-ଗଭର୍ଣ୍ଣମେଣ୍ଟ ପ୍ରକାଶ କରିଅଛନ୍ତି । ତହିଁରୁ ଜଣା-ଯାଏ ଯେ ଏ ଅନୁସନ୍ଧାନ ବଡ଼ ବିସ୍ତାରରୂ-ପରେ ହେବ । କମିଶନରମାନେ ଭାରତର ସମସ୍ତ ଅଥବା ଅଧିକାଂଶ ପ୍ରଦେଶ ଭ୍ରମଣ ଏବଂ ସାକ୍ଷ୍ୟ ଗ୍ରହଣ କରିବେ । ଦେଶୀୟ ରାଜାଙ୍କ ଅଧୀନ ରାଜ୍ୟକୁ ଯିବାର ଶକ୍ତି ଅଛି । କେତେକ ସେସମ୍ବନ୍ଧରେ ସେ ଯାହା ଜାଣି ପାରିବେ ତାହା ରିପୋର୍ଟରେ ଲେଖିବାକୁ ହେବ । ଅନୁ-ସନ୍ଧାନର ପ୍ରଧାନ ବିଷୟ ଏହି ଯେ କେଉଁ ପ୍ରଦେଶରେ କପରି କେତେ ଗଞ୍ଜେଇ ଉତ୍ପନ୍ନ ହୁଅଇ କି ପ୍ରଣାଳୀରେ ଚାଷ ହୁଏ ଗଞ୍ଜା ଚରସ ପ୍ରଭୃତି କପରି ପ୍ରସ୍ତୁତ ହୁଏ କେଉଁ ଶ୍ରେଣୀର ଲୋକ କି ପରିମାଣରେ ବ୍ୟବହାର କରେ ଏବଂ ବ୍ୟବହାରଦ୍ୱାରା ତାହାର କି ଫଳ ହୁଏ ଏହି ସମସ୍ତ ଉତ୍ତର ନିଶ୍ଚୟ ଜଣାଇବାକୁ ହେବ । ଫଳାଫଳ ନିର୍ଣ୍ଣୟ କରିବା ନିମନ୍ତେ ଡାକ୍ତର-ମାନଙ୍କର ସାକ୍ଷ୍ୟ ଗ୍ରହଣ କରିବାକୁ ହେବ ଏବଂ କେତେଲୋକ ଗଞ୍ଜେଇ ଖାଇବାକୁ ନିତାନ୍ତ ଅଭ୍ୟସ୍ତ ହୋଇଅଛନ୍ତି ଏଥିର ଗୋଟିଏ ଅନୁ-ମାନିକ ତାଲିକା କମିଶନ ପ୍ରସ୍ତୁତ କରିବେ । ଗଞ୍ଜେଇ ଖାଇଲେ ଲୋକେ ପାଗଳ ହୁଅନ୍ତି ବୋଲି ଯେଉଁ ସାଧାରଣ ବିଶ୍ୱାସ ଅଛି ତାହା କେତେଦୂର ପ୍ରମାଣସଙ୍ଗତ ଏବଂ ଗଞ୍ଜେଇର ଦ୍ୱାରା ନିର୍ଦ୍ଦୋଷ ଅଥବା ଉପକାରୀ କି ନା ବିଶେଷରୂପେ ନିରୂପଣ କରିବେ । ଏଥିଉତ୍ତାରୁ ଗଞ୍ଜେଇର ଉତ୍ପତ୍ତ୍ୟାଦି ବିଷୟରେ ଲକ୍ଷ ରଖିବା ଏବଂ ତହିଁର ମାସୁଲ ଆଦାୟ କରିବାର ସକା-ଶେ ବନ୍ଦୋବସ୍ତ କେଉଁ ପ୍ରଦେଶରେ କପରି ପ୍ରଚଳିତ ଅଛି କମିଶନରମାନେ ତାହା ଅବଗତ ହୋଇ ରିପୋର୍ଟ କରିବେ । ଫକୀର ବୈଷ୍ଣବୀ-ପ୍ରଭୃତି ଗଞ୍ଜେଇ ବ୍ୟବହାର କରନ୍ତି ବୋଲି କେତେ ଲୋକ ତାହାକୁ ପବିତ୍ର ବସ୍ତୁ ମନେ କରନ୍ତି । ବଙ୍ଗଳାରେ ବିଜୟାଦଶମୀଦିନ ଭାଙ୍ଗ ଖାଇବାର ବିଧି ଅଛି । ଭାରତର ଅନ୍ୟାନ୍ୟ ସ୍ଥାନରେ ଏପରି ଅନେକ ନିୟମ ପ୍ରଚଳିତ ଥିବ । ଅନେକ ସ୍ଥାନରେ ଭାଙ୍ଗ ଗରିବଲୋକ-ଙ୍କର ଏକମାତ୍ର ମାଦକଦ୍ରବ୍ୟ ଅଟଇ । ଏ ସବୁ ଦୃଷ୍ଟିରେ ଗଞ୍ଜେଇ ଏକାବେଳକେ ବନ୍ଦ କଲେ ତାହା ତହିଁ ସମ୍ବନ୍ଧରେ ଉଚିତ ନିୟମ କଲେ ଭାରତର କୌଣସି କୌଣସି ଅଂଶରେ ଅଥବା କୌ-ଣସି କୌଣସି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଜାତ ହେବ କି ନାହିଁ କମିଶନ ଏ କଥାମାନ ଉତ୍ତମ-ରୂପେ ବିବେଚନା କରିବେ । ପରିଶେଷରେ ବିଶେଷତଃ ଏ କଥା ମଧ୍ୟ ବୁଝିବେ ଯେ ଗଞ୍ଜେଇ ବନ୍ଦ ହେଲେ ଲୋକମାନେ ମଦ ବା ଅନ୍ୟ କୌଣସି ନିଶା ବ୍ୟବହାର କରିବାକୁ ଲାଗି ହେବେ କି ନା ଅଲ୍ କମେଣ୍ଟ ଏପରି ଜଣାଯିବ ଯେ ଗଞ୍ଜେଇ ଉଠାଇଦେବା ଉଚିତ ନୁହେ ଅଥବା ଉଠାଇ ଦିଆଯାଇ ପାରେ ନା ତେବେ ତହିଁ ସମ୍ବନ୍ଧରେ ସରକାରଙ୍କର ବର୍ତ୍ତମାନ ଯେ ବ୍ୟବସ୍ଥା ପ୍ରଚଳିତ ଅଛି ତାହା କିଛି ପରିବର୍ତ୍ତନ କରିବାର ଆବଶ୍ୟକ ବିବେଚନା କଲେ ଗବ-ର୍ଣ୍ଣମେଣ୍ଟଙ୍କୁ ରିପୋର୍ଟରେ ଜଣାଇବେ କିନ୍ତୁ ଏ କଥା ସ୍ମରଣ ରଖିବାକୁ ହେବ ଯେ ବ୍ୟବସ୍ଥାର ଯେ କିଛି ପରିବର୍ତ୍ତନ ପରାମର୍ଶସିଦ୍ଧ ବିବେଚିତ ହେବ ତଦ୍ଦ୍ୱାରା ଯେମନ୍ତ ଗୁପ୍ତ ବା ଅଭ୍ୟାସର ବୃଦ୍ଧି ହୋଇ ପାରିବ ନାହିଁ ।

---

ହିନ୍ଦୁ ମୁସଲମାନର ବିବାଦ ।

ମାନ୍ୟବର ବଙ୍ଗୀୟ ଛୋଟଲାଟ ଗତମାସ ତା ୩୧ ରଖ ଅପରାହ୍ନକାଳରେ ପାଟନାଠାରେ ଯେଉଁ ଦରବାର କରିଥିଲେ ଏବଂ ଯହିଁର କାର୍ଯ୍ୟ ଅତ୍ୟନ୍ତ ସମାରୋହ ଏବଂ ସନ୍ତୋଷଜନକରୂପେ ନିର୍ବାହ ହୋଇଥିଲା ସେହି ଦରବାରରେ ବିହାରପ୍ରଦେଶର ନୂତନ ଉପାଧି ପାଇଥିବା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ତହିଁର ସନଦ ପ୍ରଦାନ ଉତ୍ତାରୁ ଏକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ହିନ୍ଦୁ ମୁସଲମାନଙ୍କ ବିବାଦ ଏବଂ ବିହାରର ଜମିର ବନ୍ଦୋବସ୍ତ ବକ୍ତୃତାର ବିଷୟ ଥିଲା । ପ୍ରଥମୋକ୍ତ ବିଷୟରେ ସେ ଉଭୟପକ୍ଷଙ୍କୁ ସୁନ୍ଦର କେତେଗୁଡ଼ିଏ ସଦୁପଦେଶ ଦେଇଥି-ଲେ । ସକଳସ୍ଥାନର ଲୋକଙ୍କ ପକ୍ଷରେ ତାହା ହିତକର ବିବେଚନା ହେବାରୁ ସଂକ୍ଷେପରେ ଆମ୍ଭେ ପ୍ରକାଶ କରୁଅଛୁଁ ।

ଦରବାରସ୍ଥ ବ୍ୟକ୍ତିମାନଙ୍କୁ ସମ୍ବୋଧନପୂର୍ବକ ମାନ୍ୟବର ଛୋଟଲାଟ କହିଲେ କି ବହୁ ବର୍ଷ ପୂର୍ବେ ଆମ୍ଭେ ଏ ପ୍ରଦେଶରେ ତୁମ୍ଭମାନଙ୍କ ସହିତ କେତେକାଳ ବାସ କରିଥିଲୁଁ । ବର୍ତ୍ତମାନ ଆମ୍ଭେ ଯାହା କହୁଅଛୁଁ ତାହାକୁ କେବଳ ଶାସନକର୍ତ୍ତାର କଥା ବୋଲି ମନେ କରିବ ନାହିଁ ମାତ୍ର ବନ୍ଧୁର କଥା ବୋଲି ଗ୍ରହଣ କରିବ । ଯେଉଁ ସମୟରେ ଆମ୍ଭେ ଏଠାରେ ଥିଲୁଁ ମୁସ-ଲମାନ ଓ ହିନ୍ଦୁ ବନ୍ଧୁଭାବରେ ବାସ କରୁଥିଲେ ଏବଂ ପରସ୍ପରର ଧର୍ମପ୍ରତି ବିଦ୍ୱେଷ ନ ଥିଲା । ବର୍ତ୍ତମାନ ଦେଖୁଅଛୁଁ ଯେ ବଳବାନ ଦେଶ ହିନ୍ଦୁ ମୁସଲମାନ ମଧ୍ୟରେ ଘୋର ବିବାଦ ଉପସ୍ଥିତ ଏବଂ ତହିଁ ପାଇଁ କେତେଲୋକ ଅଦାଲତରେ ଦଣ୍ଡ ପାଇଅଛନ୍ତି ଏବଂ ବିଶେଷ ପୁଲିସ୍ ନିଯୁକ୍ତ କରିବାର ଆବଶ୍ୟକ ହୋଇ-ଅଛି । ଏ ପରିବର୍ତ୍ତନ କାହିଁକି ଘଟିଲା ? ଏକପ-କ୍ଷ ହିନ୍ଦୁଙ୍କର ଏବଂ ଅପରପକ୍ଷ ମୁସଲମାନମାନଙ୍କର ଦୋଷ ଦିଅନ୍ତି । କାହାର କେତେ ଦୋଷ ତାହା ଏସ୍ଥାନରେ ବୁଝିବା ଆମ୍ଭର ଆବଶ୍ୟକ ନାହିଁ । ଆମ୍ଭେ କେବଳ ତୁମ୍ଭମାନଙ୍କର ସୁବୁଦ୍ଧି ଏବଂ ଧର୍ମସଙ୍ଗତ ସହିଷ୍ଣୁତା ଭାବର ଅନୁସରଣ ଚାହୁଁ ଅଛୁଁ । ଆମ୍ଭେମାନେ ସମସ୍ତେ ଜାଣୁ ଯେ ପଶୁ-ବଧ ମୁସଲମାନଧର୍ମର ଗୋଟିଏ ଆବଶ୍ୟକୀୟ କ୍ରିୟା ଅଟେ ଏବଂ ଏହା ମଧ୍ୟ ଜାଣୁ ଯେ ହିନ୍ଦୁମାନେ ଗୋବଧକୁ ଅତ୍ୟନ୍ତ ଘୃଣା କରନ୍ତି । ଏ ଦରବାରରେ ଏମନ୍ତ ନିର୍ଦ୍ଦୟ ମୁସଲମାନ ଜଣେ ଅଛି ଯେ ଏହା ଜାଣି ଶୁଣି ଅବୈଧପଶୁ ବଧଦ୍ୱାରା ହିନ୍ଦୁପ୍ରତିବାସିର ଚିରନ୍ତନ ଧର୍ମବିଶ୍ୱା-ସର ଅବମାନନା କରିବ ଅଥବା ଏମନ୍ତ ଅନେକ ହିନ୍ଦୁ କିଏ ଅଛି ଯେ ଆପଣା ମୁସଲମାନ ପ୍ରତିବାସୀକୁ ତାହାର ଆବଶ୍ୟକୀୟ ଧର୍ମକାର୍ଯ୍ୟ-ରେ ବାଧା ଦେବେ ? ଯେପରି ଅପେ କରି-ବାକୁ ଇଚ୍ଛା କର ସେହିପରି ଅନ୍ୟପ୍ରତି କର କେବଳ ଏହି ଉଦାରତା ଓ ସହିଷ୍ଣୁତା ଗୁଣରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ପ୍ରସଙ୍ଗ ଉତ୍ଥିତ କରଇ । ମୁସଲମାନମାନେ ଶାନ୍ତିଭାବରେ ଆପଣା ଧର୍ମାଚରଣ କରନ୍ତୁ କିନ୍ତୁ ଯାହା ହିନ୍ଦୁମାନେ ଘୃଣାକରନ୍ତି ସେମାନଙ୍କ ସମ୍ମୁଖରେ ତାହା କରିବା ଉଚିତ ନୁହଇ । ପକ୍ଷାନ୍ତରେ ମୁସଲମାନମାନଙ୍କ ଧର୍ମକାର୍ଯ୍ୟରେ ବଳାତ୍କାରରେ ହିନ୍ଦୁମାନଙ୍କର ବାଧା ଦେବା ଉଚିତ ନୁହଇ । ଅମ୍ଭେ ଶୁଣିଅଛୁଁ ଯେ ମୁସଲମାନଧର୍ମରେ ଗୋବଧ ନିତାନ୍ତ ପ୍ରୟୋଜନୀୟ ନୁହଇ । ଛଗଳ ବଧକଲେ ସେହି କାର୍ଯ୍ୟ ଓ ତହିଁରେ କେହି ହିନ୍ଦୁର ଆପତ୍ତି ହେବ ନାହିଁ । ପରନ୍ତୁ କୌଣସି ଧର୍ମାବଲମ୍ବୀ ସ୍ୱଚ୍ଛନ୍ଦ କର୍ତ୍ତବ୍ୟ ବ୍ୟାଘାତ କରି ନ ପାରନ୍ତି କିମ୍ବା କେହିଁ ପକ୍ଷ କଥା ଉଲ୍ଲଙ୍ଘନ କରି ନ ପାରନ୍ତି । ପ୍ରତ୍ୟେକଲୋକ ଆପଣାର ନିୟମାନୁସାରେ ଧର୍ମାଚରଣ କରିବ ଓ ସରକାର ତାହାକୁ ରକ୍ଷା କରିବେ । ମୁସଲମାନର ଇଚ୍ଛା ହେଲେ ଗୋବଧ କରିବ ମାତ୍ର ଏପରିଭାବରେ କରିବ ନାହିଁ ଯହିଁରେ ହିନ୍ଦୁର ମର୍ମ ବ୍ୟଥା ହେବ । ପକ୍ଷାନ୍ତରେ ହିନ୍ଦୁ ମୁସଲମାନର ଧର୍ମକାର୍ଯ୍ୟରେ ବାଧା ଦେବ ନାହିଁ କିମ୍ବା ଆଇନ ଲଙ୍ଘନ କରି ଆପଣା ହାତରେ ନେବ ନାହିଁ । ଯେ ଅନ୍ୟାୟ କରିବ ଗବର୍ଣ୍ଣମେଣ୍ଟ ଅବଶ୍ୟ ତାହାକୁ ଦଣ୍ଡ ଦେବେ । ଉଚ୍ଚଶ୍ରେଣୀର ହିନ୍ଦୁ ଓ ମୁସଲମାନମାନଙ୍କର ଏ ବିଷୟରେ ମତାନ୍ତର ନାହିଁ ଏବଂ ସେମାନଙ୍କମଧ୍ୟରେ ବିଲକ୍ଷଣ ସଦ୍ଭାବ ଥିବାର ଆମ୍ଭେ ଦେଖୁଅଛୁଁ । ଏହି ଧର୍ମ ଝଗଡ଼ା ଇତରଶ୍ରେଣୀର ଲୋକଙ୍କଦ୍ୱାରା ଉତ୍ତେଜିତ ହେଉଅଛି ଅତଏବ ଅମ୍ଭେ ଆପଣମାନଙ୍କୁ ଅନୁରୋଧ କରୁଅଛୁ ଯେ ଆପଣା ପ୍ରଜା ଏବଂ ଅଧୀନସ୍ଥଲୋକଙ୍କୁ ଏପରି କାର୍ଯ୍ୟରୁ କ୍ଷାନ୍ତ କରିବା ବିଷୟରେ ଯତ୍ନବାନ୍ ହେଲେ ସେମାନେ କ ସରକାର ଏବର୍ଷ ଯେପରି କଠିନ ଉପାୟ ଅବଲମ୍ବନ କଲେ ଭବିଷ୍ୟତରେ ସେପରି ଉପାୟକୁ ବାଧ ହେବେ ନାହିଁ ।

—୦✳୦—

# ସାପ୍ତାହିକ ସମ୍ବାଦ ।

ଗତ ଗୁରୁବାରରେ ଏ ନଗର ୩୦୦ ରୁ ଊର୍ଦ୍ଧ୍ୱ ଯାତ୍ରୀ ଜାଣ ପଡ଼ିବାରୁ ଅସ୍ପତାଳ ତା ୧୨ ଦିନରେ ଗଙ୍ଗା ହେବାର ଦଳପତି କଣ ଯାଉଅଛୁ ।

ଗତ ସପ୍ତାହରେ ମହାରାଜା ପଟାଶ୍ରୁ ଭକ୍ତିମାନ ବାସ୍ତବ ସ୍ୱଇଦ୍ଧରତାରୁ ଅଗିବାରୁ ଜନଗୋଷ୍ଠୀମାନେ ସଞ୍ଚିତ ଥିଲେ । ଉକ୍ତ ହେଲ ଲେ ପାଠଶୋଭାର ତ ୨୧ ଟ ପର୍ଯ୍ୟନ୍ତ ଜଳ ଉଠି ଏକତ୍ର ଉତ୍ତର ଉତ୍ତରପ୍ତ ।

ଏ ସପ୍ତାହରେ ଶ୍ରାବଣ ମାସର ଦସ୍ତୁର ବୃଷ୍ଟି ହୋଇଅଛି ଏବଂ ଶୁଣିଲୁ ହେଲ ପ୍ରେମାକ ଭାସୁଅଛି ।

ଓଡ଼ିଶା ଓ ହୁଗ ଏ ଜଣରେ ଜଗମୟ ହ ଘର ଜନ୍ମଅଛି ।

## କଲିକତା-ଗେଜେଟ୍ ।

ଗଭର୍ଣ୍ଣମେଣ୍ଟ ବାବୁ ସମୀର ପଣ୍ଡିତ ଶ୍ରୀଯୁକ୍ତ ଜଗଦୀଶ ସାହେବ ଛୁଟୀ ନେବାରୁ ଜଗୀଦ୍ ବାବୁ ପଣ୍ଡିତ ଶ୍ରୀଯୁକ୍ତ ଟେଇଲର ସାହେବ କଟକରେ ଅମିଲ ଉକ୍ତ ପଦରେ, ନିଯୁକ୍ତ ହେଲେ ।

କଲିକତା ହାଇକୋର୍ଟର ମାଜିଷ୍ଟ୍ରେଟ ବାବୁ ଚନ୍ଦ୍ର ସ୍ମିଥ ସେଠ ସାହେବ ଏକମାସର ଅନୁମତ ଛୁଟି ଭରତମାସ ତା ୧୮ ଦିନରୁ ପାଇଲେ ।

ନିମ୍ନଲିଖିତ ମହାଶୟମାନେ ବାଲେଶ୍ୱର ଜଗତ ଛାତ୍ରସ୍ୱ କୋର୍ଟର ସଭ୍ୟପଦରେ ନିଯୁକ୍ତ ହେଲେ ।—ଭୂଷଣନୂତନ ଲେଫ୍ଟଣ୍ଟ ଗଜେନ୍ଦ୍ରଚନ୍ଦ୍ର, ମୁନ୍ସି ଅବତୁଲ ଗୋପ୍ତବଶୀର, ବାବୁ ଚନ୍ଦ୍ରଚନ୍ଦ୍ର ସରକାର, ବାବୁ ମହେନ୍ଦ୍ରନାଥ ଦେ, ବାବୁ ହରେକୃଷ୍ଣ ନାଥ ରାୟ ମହାଶୟ, ବାବୁ ବୈକୁଣ୍ଠ ରାୟ ମହାଶୟ, ବାବୁ ପ୍ରାଣଚରଣ ଦାସ, ବାବୁ ଦେବନାଥ ଦେ, ବାବୁ ତ୍ରୈଲୋକ୍ୟନାଥ ବୋଷ, ବାବୁ ଭଗବାନଚନ୍ଦ୍ର ଦାସ, ବାବୁ ଶ୍ୟାମସୁନ୍ଦର ଦାସ ।

—✳—

କଲିକତାର ହାଇକୋର୍ଟ ଦୁର୍ଗାପୂଜାଉପଲକ୍ଷରେ ଅକ୍ଟୋବରମାସ ତା ୧୮ ଦିନଠାରୁ ନଭେମ୍ବର ମାସ ତା ୨୬ ଦିନ ପର୍ଯ୍ୟନ୍ତ ବନ୍ଦ ହେବ ।

ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ବୟସ ଗତ ଶନିବାର ୧୯ ଦିନରେ ହେଲା ।

କଲିକତାରେ ଘୋର ଓ ଉଗ୍ର ବେରାମମାନ ଉଠି ଯାଇଅଛି । ଜଣ ଓ ତଣ୍ଡ ରୋଗର ସଂଖ୍ୟା ୫୨ ଗତରୁ ଜଣା ପଡ଼ଇ । ସେମାନେ କଣ ବଙ୍ଗ ରୋଗ କରେଇକର ଜନପଦରେ ଜମା ହୋଇଥିଲେ । ସାହେବ ସେମାନଙ୍କ ଚିକିତ୍ସା ଦେବା କଥା ଜାଣିବାକୁ କଲିକତାରେ କହିଲେ ଆସିଲେ ।

ମୁରସିଦାବାଦର ନବାବ ସଭା ଲୋକମାନଙ୍କ ଉତ୍ସବରେ ତ ୧୨ ଣ ନବାବଙ୍କ ସ୍ତ୍ରୀ ଓ ଉପସ୍ଥିତ ସର୍ବସାଧାରଣଙ୍କୁ ଟଙ୍କା ଦାନ କରିଥିଲେ ।

ଏ ସପ୍ତାହର ଭିକ୍ଷାବୃତ୍ତିରେ ଜବ୍ରକଲ ଜଳ ହୋଇ ଅର୍ଦ୍ଧେକ ଛଇଲ କହି ଯାଉଥିବାର ସମ୍ବାଦ ମିଳଇ । ଜାରୀହେଲେ ଏକାବେଳକେ ବନ୍ଦ ହୋଇ ଯାଇଥିବ ।

## ଦେଶୀୟରାଜ୍ୟ-ସମ୍ବାଦ ।

ଶୁଣିଲୁ ଯେ ଅସ୍ଥାନରେ ମହାରାଜ ଭିକ୍ଟୋରିଆ ଗୌରବ ବଚନର ଗୋରିବ ଶେଷକରିବାକୁ ୧୨୦୫ ଟଙ୍କା ଦେଇ ଅଛନ୍ତି ।

ଉତ୍କଳକୁ ଜଣାଇ ଦେଉଅଛୁ ଯେ ଓ ବଙ୍ଗ ଦେଶରେ ପରଗଣା ଜମିଦାରମାନଙ୍କ ମଧ୍ୟରେ ପ୍ରଜାସମ୍ବନ୍ଧୀୟ ଗୋଳମାଳ ଉପସ୍ଥିତ ହୋଇଅଛି, ଏହା ତହିଁରେ କେହି ବୁଝିପାରି ନୋଟିସ ଦେଲେ । ତାହା ବର୍ତ୍ତମାନ ଓଡ଼ିଶାପ୍ରଦେଶୀୟ ଶ୍ରୀଯୁକ୍ତ ବାବୁ ଶ୍ରୀ ବଳିଭଦ୍ରଚନ୍ଦ୍ରଦାସ ମହାଶୟଙ୍କ ବୁଦ୍ଧି ଓ ସତ୍ତା ଏପରି ଦୃଢ଼ଭାବେ ଉଠିଅଛି ଯେ, ବୋଧ ହୁଏ ସମସ୍ତାଙ୍କ ଠାରେ କୌଣସି ବାଧା ନାହିଁ ।

ଅସ୍ଥାନସ୍ଥିତ ରାଜନୀତିଜ୍ଞ ଅନ୍ତେବାସୀ ବାବୁ ଶ୍ରୀ ସୁନ୍ଦରଲାଲ ଘୋଷ ମହାଶୟଙ୍କ ସହକାରୀ ଏକେଲ ବ୍ୟବହାରଜୀବୀ ଅଧୀନ ହୋଇ ସାଇଅଛି ।

ମାନସିଂହ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଗତ ବର୍ଷରେ ଜିଲ୍ଲାସ୍କୁଲ ପରୀକ୍ଷା କରି ଅତି ପ୍ରଶଂସା କରି ଅଛନ୍ତି ।

ଦୁଇ ସ୍ୱଦେଶୀୟ ବାବୁ ଶ୍ରୀ ଉପେନ୍ଦ୍ର ନାଥ ଛୁଟୀ ନେଇଥିବାରୁ ତାଙ୍କ କର୍ମରେ ଏଠା ଦୁଇ ସବଡେପୁଟିମାନଙ୍କ ବାବୁ ଶ୍ରୀ ଜଗନ୍ନାଥ ଏବଂ ତାହାଙ୍କ ଜାଗାରେ ବାବୁ ଶ୍ରୀ ନିତ୍ୟାନନ୍ଦ ମହାନ୍ତି ନିଯୁକ୍ତ ହୋଇଅଛନ୍ତି ।

ଏ ସପ୍ତାହରେ ଅଣାନିୟମ ବୃଷ୍ଟି ହୋଇଅଛି । ଜାଜପୁର ସହର ଶାଖା ଓ ଉପଶାଖା ନଦୀରେ, ଉଚ୍ଚସ୍ଥାନ ଏବଂ ଜଙ୍ଗଲପ୍ରଦେଶରେ ବନ୍ୟା ହୋଇ ପାଣି ରହିବାର ଆଶଙ୍କା କରୁଅଛନ୍ତି ।

ଅନୁକୂଳ ଦଶା ଜନାସୀ ଏକଜଣ ବ୍ରାହ୍ମଣୀ ଯାହାଙ୍କର ପିତାଳୟ ଏଠି ସହରରେ, ସେ ଏଠି ଶ୍ରୀମନ୍ଦିର ଦର୍ଶନସମୟରେ ଭାଇ ଦେଖିବାକୁ ଆସିଥିଲେ, ବର୍ତ୍ତମାନ ତାଙ୍କ ସ୍ୱାମୀ ପୁରୁଷ ଜୀବନ ସମୟରେ ଦାନଯୋଗ୍ୟସ୍ଥାନରେ ଏକଠାକ ଅର୍ଥ ଦେଇ ପୁଣ୍ୟଅର୍ଜ୍ଜନ ଏପରି ଅସାଧ କର୍ମ ଯେ, ସେ ପଣ କର୍ମ ଉଚିତ । ଏହି ଅବସରରେ ଲୁଣାଇ ଲୁଣପାଣି କରି ଜଳ ଉଠିଲା ଅର୍ଥ ଅପତ୍ତି ନାହିଁ । ପରନ୍ତୁ ତନ୍ମଧ୍ୟ ଅନୁକୂଳ ପରିବାରରେ ଦରଖାସ୍ତ ଅଛି । ସଂପୂର୍ଣ୍ଣ ଶାସିତ ଛାତ୍ରଙ୍କ ଏପରି ଅନୁଗ୍ରହକାଣ୍ଡ ହେବା ବଡ଼ ଦୁଃଖର ବିଷୟ ଅଟଇ ।

କଲେକ୍ଟରଙ୍କ ସ୍କୁଲ ସବ ଇନସପେକ୍ଟରଙ୍କ ବଦଳି ଉଠିଅଛି ଥିବ ବର୍ତ୍ତମାନ ସ୍କୁଲ ୭ ମିନିଟରୁ ଓଡ଼ିଆ ଶିକ୍ଷକମାନଙ୍କୁ ପ୍ରସ୍ତାବରେ ପାଠ ଅନୁମତି କରିଅଛନ୍ତି । ଓଡ଼ିଶାର ଅନେକ ଶ୍ରେଣୀ ଓ ଅଣ୍ଡ ଅର୍ଦ୍ଧେକ ଶର୍ତ୍ତ ଗବର୍ଣ୍ଣମେଣ୍ଟ ବନ୍ଦ କରି ଅଛନ୍ତି ।

## ଯାଜପୁର—ସମ୍ବାଦ ।

ଅଗଷ୍ଟର ପନ ଏ ଅଞ୍ଚଳରେ ବୈତରଣୀ ପଟାଳୁ ହାରେ ଜଳ ଦେବାରୁ ପ୍ରଜାସମାନ ଗାଁସବୁ ଖୋଜ ଜାଣିଥିବା ଅଞ୍ଚଳମାନଙ୍କ ଅତି ସହ ହୋଇଥିବା ମାତ୍ର ପ୍ରବଳ ବର୍ଷା ହେବାରୁ ଉକ୍ତ ଅନେକ ଦୂର ହୋଇଅଛି ।

କଟାଳୀ ଓ ପଞ୍ଚମାଗାଁମାନେ ପୁଣି ଅଭିଯୋଗପତ୍ରରେ ରହିବ ସ ଜାହାଜରେ ପଶ୍ଚିମଦେଶ ଯାଇଥିବାରୁ ସେମାନଙ୍କ ଗାଁକୁ ଅବଗାହନ ଜଳମଗ୍ନଅଞ୍ଚଳ ଓ ଗ୍ରାମରେଳବହେଳ ଘ ବୋଝରେ ଥିବାରୁ ଏବର୍ଷ ଜେଲାଲବାଟେ ଏଠିଲ ସ ଭ୍ରା ଯାଇ ଅଛନ୍ତି ଯେ ଜେଲାଳ ହେବାରୁ ଏବେ ଯାଣି ଜେଲେ ଯାଇ ହ ଥିଲେ କେହି ଇଉରୋପ ଜର୍ମଣିମାନେ ଖାଦ୍ୟ ପାଉ ଉପରେ ଦୋଷାରୋପ ପ୍ରବେଶ କିମ୍ବା ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବଡ଼ ଜେଲର ଗ୍ରାହକଙ୍କ ସମୟରେ ଭାଇ ଜମା ହୋଇ ପାଇଥିବା ଓ ତର୍କରେ ଥିବା ସ ୨୨ ଣ ସାଢ଼ିପୂର୍ଣ୍ଣ ବୋ ୫ ଶି ହେଲ ଯାଇଥିବାରୁ ତିନି ଭଲ ହେଲ ଗଡ଼ାର ଖର୍ଚ୍ଚ ହେବାହେତୁ ଯାହିମାନେ ପ୍ରତି ମନ ଅଭାବରେ ତ ପାଇ କଷ୍ଟ ବଡ଼ ହେଲ ପଡ଼ିଥିଲେ ।

ଜାଜପୁର ଅନାଥାଶ୍ରମ ଖାଞ୍ଜି ଦ୍ରବ୍ୟ କୋଷକଟା ଛାଡ଼ିଲେ ଏବେ ଶୁଦ୍ଧି ସବୁ ଜଳଟଙ୍କା ଓ ଅନାଥାଶ୍ରମ ସ୍ୱଇସାଲେ ୫ ୧୨୭୫ ଙ୍କା ଲେଖ ଚିନାରୁ ସୁଲଭ ପ୍ରାପ୍ତ ଏବସ୍ପ୍ରାଚଳ ଉଣ୍ଡୁ ହେବ ତଦାରଖ ବନ୍ଦୋବସ୍ତ ପର୍ଯ୍ୟନ୍ତ ଜଣ୍ଡ ଠିକଣା ହୋଇ ନାହିଁ । ଏଜେ ଅସ୍ୱାମୀ ଅଧ ଦେଲେ ସୁଲଭ ସ୍ୱଳ୍ପ ଦେଇ ବାବାଦ୍ୱସ ସ୍ୱୀକାର କରନ୍ତି ବନ୍ଧୁ ଅନୁଗ୍ରହ ତଣ ଲେଖ ଅଧିକାରୀଙ୍କ ଶିଶୁ ପୁରୁଷ ଓଡ଼ିଶାରେ ଅତ ଜନ ବୋଇବାର ହେବ ।

Digitized by srujanika@gmail.com

ଉପରେର ସାହେବାନଙ୍କ ପ୍ରକୋପାନଳରେ ଦୂରଦେଶୀ ବାଠର ଲୋକମାନେ ଭଲ ନେଦେବ ସାମୀ ପାଇ କରୁଥିବା ସ-ସ୍ୱରେ ଉକ୍ତ ଉଚ୍ଚାଡ଼ପ୍ତ ଜନକରୁ ହେବାରୁ କେତେକଙ୍କର ବନ୍ଦୋବସ୍ତ ଓ ସ୍ଥାନ ରକ୍ଷା କଲେ ଓ ଅନ୍ୟ କେତେକ ସ୍ତ୍ରୀ ଓ ପୁତ୍ରଙ୍କ ବଳରେ ଭୂଡ଼ି ଗଲେ । ଦୂଇଶ ଅନେକ ଦଳମାନେ ସମ୍ପାଦକ କୌଣ ସେଇ ରଚନା କର ରେକର ଗୋ-ଷ୍ଠୀ ମୂଳ ଶବଦ ବାହାର କରିଅଛନ୍ତି । ଉହାରଣ ନୁହେଁ ହୋଇ ନାହିଁ ।

ଜଗନ୍ନାଥପୁର ରାଣୀମାନଙ୍କରେ ଓ ହାଇଲେବଲରେ-ମାନଙ୍କ ଉପ୍ତେଜନ ଏର୍ଥରୁ ହେବାପୂର, ଦୋବଙ୍ଗଡ଼ା ଓ ହଟାଣ ବେ ଅଧିଅପେ । ଗ୍ରାମର ସ୍ଥାନମାନଙ୍କରେ ଗାଡ଼ି-ଘୋରୁ ଓଭରପଠା ଅବସ୍ଥା ହୋଇଅଛି ।

ଧର୍ମଶାଳ ଆଶାଗନ୍ଧା ଉଭନାସ୍ୱରପତ୍ତଣାର ଯେଉଁଷ୍ଠି ନେଳ କୋଉଠା ମାଣ୍ଡ ବାହାର ସପ୍ତାସ୍ତ୍ରୁରୁ ମାଡ଼ପକା ପଡ଼ିବାର ମୋକଦମା ଏଠାରେ ହୋଇଥିଲା ସେମାନଙ୍କର ପକ୍ଷାରେ ଉକ୍ତ ଜୋଡଠାରେ ମରିବାର ସନ୍ଦେହ ହେବାରୁ ଉକ୍ତ ସ୍ତ୍ରୀ ଲୋକଙ୍କୁ କେବଳ ଦଣ୍ଡ ଦେଇଥିଲେ ବନ୍ଦୀ ନେଇ ସ୍ଥାନରେ ଉପଗ୍ରୀର ନାଡ଼ୀରେର ଅବେଶ ହୋଇଅଛି ।

ଅତିବୃଷ୍ଟି ହେତୁ ଏ ନଗରରେ ଜ୍ୱରରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ଏନଶ୍ଚ ଜ ପ୍ରତ୍ୟେକ ଗୃହରେ ୨।୩ ଜଣ ଜ୍ୱର ରୋଗାକ୍ରାନ୍ତ ହୋଇଥିବାର ଦେଖାଯାଏ ।

## ପ୍ରେରିତପତ୍ର ।

ପ୍ରତ୍ୟେପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀ ଯୁକ୍ତ ଶ୍ରୀ ଶ୍ରୀ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ,

ସ୍ୱର୍ଗୀୟ କବି ଉପେନ୍ଦ୍ର ଭଞ୍ଜଙ୍କ ସମ୍ବନ୍ଧରେ ପଦେ ଅଧେ କହିବାକୁ ଯାଇ ଅମ୍ଭେ ବର୍ତ୍ତମାନ "ମଲେ ହେବ ଅପବାଦ ନ ମଲେ ମରୁଛି" ଏହିପରି ଅବସ୍ଥାରେ ପଡ଼ିଅଛୁଁ । ଏସମ୍ବନ୍ଧରେ ଯାହା କର୍ତ୍ତବ୍ୟ ତାହା ନ କହିଲେ ଜଣେ ମୃତ-ବ୍ୟକ୍ତି ପ୍ରତି ଅମ୍ଭର ଯାହା କର୍ତ୍ତବ୍ୟ ଲଙ୍ଘନରେ ତ୍ରୁଟି ହେଉଅଛି ପୁଣି ଯାହା ଉଚିତ ତାହା ଉ-କ୍ତିଲା ଦେଲେ ଅଲୌକ୍ୟ ବୟସ୍କର ଭର୍କ ବଢ଼ିବା ଶତ ନେଇଚନ୍ତି ଶୀଳପଦ ଦେହ ଅମ୍ଭର ଜାତି, କୁଳ, ଶୀଳ ନେଇଅଛନ୍ତି । ସେ ଯାହା ହେଉ ଅମ୍ଭେ ବାରମ୍ବାର କହିଥିଲୁଁ ଯେ ଉ-ପେନ୍ଦ୍ର ଭଞ୍ଜ ହେବା ତାହାଙ୍କର ସମସ୍ତ ଗ୍ରନ୍ଥ ଅମ୍ଭ-ର ଅବେକ୍ଷ୍ୟ ବୟସ୍କ ନୁହଇ—ଆପଣଙ୍କ ଗତ ଜୁଲାଇମାସ ତା ୧ ଖଣ୍ଡ ପତ୍ରିକାରେ ଅମ୍ଭର ପ୍ରଶ୍ନ ଥିଲା ଯେ କବିଙ୍କର ସକଳ ଗ୍ରନ୍ଥ ଅଶ୍ଳୀଳ-ତାରେ ପରିପୂର୍ଣ୍ଣ ହେଲେ ସୁଦ୍ଧା ମୃତ କବିଙ୍କୁ ଗାଳିଦେବା ଉଚିତ କି ବୁଦ୍ଧଦେବ, ଚୈତନ୍ୟ, ଯିଶୁ ପ୍ରଭୃତି ମହାତ୍ମାମାନଙ୍କ ଅନୁକରଣରେ ନବ-କଳ୍ପିତ ନାୟକ ନାୟିକା ବିଶେଷର ଅଶ୍ଳୀ-ଳତା ଉକ୍ତ ଅଧୂନିକ ରୁଚି ଅନୁସାରେ ଯାହା ନିନ୍ଦନୀୟ ତହିଁରୁ ବିରତ ହେବାକୁ ଲୋକଙ୍କୁ ଉପଦେଶ ଦେବା ଉଚିତ ? ମାତ୍ର ଏ ପ୍ରଶ୍ନର ଉତ୍ତର ନ ଦେଇ ପାଠକ ବାବୁ ଶ୍ରୀ ଦାଶରଥି-ଙ୍କଠାରୁ ଲବଣ୍ୟବତୀରୁ ଧାଡ଼ିଏ ନେଇ ଉଦ୍ଧୃତ କରି ଅନ୍ଧାରରେ କବିଙ୍କ ତାହାର ପର୍ଯ୍ୟନ୍ତ ଦର୍ଶା-ଇବାରୁ ଉପେନ୍ଦ୍ର ଭଞ୍ଜଙ୍କ ସମ୍ବନ୍ଧରେ ଦୁଇ ପଦ କଥା କହିବାକୁ ଅମ୍ଭେ ବାଧ୍ୟ ହୋଇଅଛୁଁ ।

ଦାଶରଥି ବାବୁ ଅଗ୍ରାହ୍ୟ ଦେବତା ସୂର୍ଯ୍ୟଙ୍କୁ ଉପେନ୍ଦ୍ର ଭଞ୍ଜ କେଉଁଠାରେ ରଖିଅଛନ୍ତି ବୋଲି ଯେଉଁ ପ୍ରଶ୍ନ କରି କବିଙ୍କ ଯେଉଁପଦ ସ୍ତୁତିବ ଓ ତହିଁର ଶ୍ଳୋକ ବେଲ ଦେଖାଇ ଅଛନ୍ତି ସେ ସମ୍ବନ୍ଧରେ ଅମ୍ଭର ଯାହା ବକ୍ତବ୍ୟ ତାହା କହୁଅଛୁଁ—ଦାଶରଥି ବାବୁ ଓ ସମାଲୋଚକ ସ୍ୱମଲାସ୍ୱମୀ ବାବୁ ଏବଂ ଉତ୍ତମଜାତୀୟଙ୍କ ଅନ୍ୟ କେହି ତାହାର ଉତ୍ତର ବିଦ୍ୱତ୍ସମାଲୋଚନା-ସ୍ଥଳରେ ଦେଇ ଅମ୍ଭମାନଙ୍କର ଭ୍ରମ ଦେଖାଇ ଦେଉନ୍ତୁ--ଅମ୍ଭମାନଙ୍କର ଜାତୀୟରୁଚି ଓ ଜାତୀୟ ଜୀବନ ଯେତେଦୂର ପରମାର୍ଜିତ ହୋଇଅଛି ତାହା "ଶୋଣିତ-ଶ୍ରାବ"-ପାଠ୍ୟ "ଗୃହ୍ୟାସୂତ୍ର" ଓ "ଜ୍ଞାନଧ୍ୟାନ ଅନୁସନ୍ଧାନ" ପ୍ରଭୃତି ଦ୍ୱାରା ଯଥେଷ୍ଟ ପ୍ରମାଣିତ ହୋଇଅଛି ଅଧିକ ପ୍ରମାଣର ଆଉ ପ୍ରୟୋଜନ ନାହିଁ ।

ଦାଶରଥି ବାବୁ ଲେଖି ଅଛନ୍ତି

"ବାଲଗ୍ରନ୍ଥନ୍ତାନ୍ତୁ ଗିରସ୍ତ୍ରହାରେ"

"ସ୍ତ୍ରିତ ଲିପ୍ତଅଛି ଅଙ୍ଗ ବାହାରେ"

" ସ୍ତ୍ରୀ ସ୍ଥଳ ଲବଣ୍ୟବତୀ

ଏଠାରେ କବି ବାଲସୂର୍ଯ୍ୟଙ୍କ ପୃଷ୍ଠବର୍ଣ୍ଣୀର ଜନନେନ୍ଦ୍ରିୟ ସହିତ ଉପମା ଦେଇଥିବାରୁ ଦାଶରଥିବାବୁଙ୍କ ମତରେ କବି ଏଥିପାଇଁ ନି-ନ୍ଦନୀୟ ଅଟନ୍ତି—ଏଠାରେ ବକ୍ତବ୍ୟ ଯେ ଅତି-କାଳ ସୂର୍ଯ୍ୟଙ୍କୁ ଅଗ୍ରାହ୍ୟ ଦେବତା ଜାଣି ଏପରି ଲେଖିବା ଅବଶ୍ୟ କେତେକଙ୍କ ହାହାରଠା-ରେ କ୍ଷମଣୀୟ ନୁହେ—କିନ୍ତୁ ଏହା ଲେଖିଅଛନ୍ତି ବୋଲି କେଉ ତାଙ୍କ ଦୃଷ୍ଟିରେ ଉପେନ୍ଦ୍ରଭଞ୍ଜ ନିନ୍ଦନୀୟ ଅଟନ୍ତି ବ ତା ସ୍ଥିର କରିବା ପୂର୍ବରୁ ଦେଖିବା ଉଚିତ ଯେ କେବଳ ପାଶବ ପ୍ରବୃତ୍ତି ଉଦ୍ରେକ, ଉତ୍ତେଜ ବା ଚରିତାର୍ଥ କରିବା ଉଦ୍ଦେଶ୍ୟରେ, ସେ ଏହା ସବୁ ଲେଖିଥିଲେ ନା ତାଙ୍କର ଅନ୍ୟ କେଉଁଣସି ଉଦ୍ଦେଶ୍ୟ ଥା ଭିବ ଥିଲା ? କାରଣ ପଣ୍ଡିତବର ଭଲଟେୟାର (Voltair) ସାହେବ ଏକସ୍ଥଳରେ କହୁ-ଅଛନ୍ତି ( Our ideas of propriety lead us to suppose that a ceremony ( like the worship of Priapus ) which appears to us so infamous, could only be invented by licentiousness ; but it is impossible to believe that depravity of manners would ever have led among any people to the establishment of religious ceremonies &c. ) ଏହାର ମୋଟାମୋଟି ଅର୍ଥ ଏହି ଯେ ଅମ୍ଭମାନଙ୍କର ଭଲମନ୍ଦର ଜ୍ଞାନ ଅନୁସାରେ କେତେକ ଧର୍ମକାର୍ଯ୍ୟକୁ ଅମ୍ଭେମାନେ କେବଳ ଲମ୍ପଟତାରୁ ଜାତ ହୋଇଅଛି ବୋଲି ମନେ କରୁଁ କିନ୍ତୁ ଏହା କେବେହେଲେ ବିଶ୍ୱାସ କରିଯାଇ ନ ପାରେ ଯେ ମନୁଷ୍ୟ ସ୍ୱଭାବ ଏତେ ଦୂର ହୀନତା ପ୍ରାପ୍ତ ହୋଇଅଛି ଯେ ଏପରି ଅଶ୍ଳୀଳତାକୁ ଧର୍ମ କର୍ମ ବୋଲି ସ୍ଥାପନ କରିବ । ଭଲଟେୟାର ସାହେବଙ୍କ ବାକ୍ୟ ଉପେନ୍ଦ୍ରଭଞ୍ଜଙ୍କ ସମ୍ବନ୍ଧରେ ମଧ୍ୟ ଖଟୁ ଅଛି—କାରଣ କୋଟି-ବ୍ରହ୍ମାଣ୍ଡସୁନ୍ଦରୀ, ପ୍ରେମସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ଯେତେକ ଗ୍ରନ୍ଥ ମୁଦ୍ରିତ ହୋଇଅଛି ତାହାର ପ୍ରଥମ ଛନ୍ଦରୁ ଏବଂ ପ୍ରତ୍ୟେକ ଛନ୍ଦର ଶେଷ ପଦ ଏକଥାଉକୁ ସ୍ପଷ୍ଟ ଦେଖାଯାଉଅଛି ଯେ କବିଙ୍କର ହିନ୍ଦୁଧର୍ମରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା—ଅନ୍ତତଃ ନ ଥିଲା ବୋଲି ଏପର୍ଯ୍ୟନ୍ତ କେହି ପ୍ରମାଣ କରି ନାହିଁ—ପୁଣି ବୈଦେହୀଶ-ବିଳାସର ପ୍ରାରମ୍ଭରେ କବି ସୂର୍ଯ୍ୟଙ୍କର ସ୍ତୁତି କରି କାବ୍ୟ ଆରମ୍ଭ କରି ଅଛନ୍ତି—ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ସେ ସ୍ୱୟଂ ସୂର୍ଯ୍ୟଙ୍କୁ ଅ-ଗ୍ରାହ୍ୟ ଦେବତା ବୋଲି ସମ୍ପୂର୍ଣ୍ଣରୂପେ ଜାଣିଥି-ଲେ ଏବଂ ବିଶ୍ୱାସ କରୁଥିଲେ ; ତଥାପି ସେ ବାଲସୂର୍ଯ୍ୟଙ୍କୁ ଜନନେନ୍ଦ୍ରିୟ ସହିତ ତୁଳନା କରିଅଛନ୍ତି—ଏବଂ ଦାଶରଥି ବାବୁ ଗୋଟିଏ ମାତ୍ର ଉଦାହରଣ ଦେଖାଇଅଛନ୍ତି ; ତାହା କବି ଯେ ଭ୍ରମକ୍ରମେ ଲେଖିଅଛନ୍ତି ତାହା ନୁହେଁ—ଅନ୍ୟତ୍ର ସେହିପରି ଉପମା ଦେଖାଯାଏ କେବଳ ଏତିକି ନୁହେଁ, ଜନନେନ୍ଦ୍ରିୟକୁ କବି ଅନ୍ୟା-ନ୍ୟରେ ଅନ୍ୟ ପ୍ରକାରେ ବର୍ଣ୍ଣନା କରିଅଛନ୍ତି ଯଥା—

"* * * ଚନ୍ଦ୍ରମଣ୍ଡଳ ନେମ

କେଲେ ହେବ ସିନ୍ଧୁ ଛପ ପୁଷ୍ପସମ "

ପୁଣି କବିଙ୍କର ସମସାମୟିକ ଏବଂ ପରବର୍ତ୍ତୀ-ସମାଜ ଓ ପଣ୍ଡିତମାନେ ଏସବୁକୁ ଧ୍ୱଂସ କରନ୍ତୀ

Split by PDF Splitter

Digitized by srujanika@gmail.com

Split by PDF Splitter



ଟେକିବ ଆଜ୍ଞ ଶତ ୨ ବର୍ଷ ପର୍ଯ୍ୟନ୍ତ ଅବସ୍ଥ ହୋଇ ଅଛନ୍ତି ।

ଏଣୁକରି କେବଳ ପାଶବବୃତ୍ତିର ଉଦ୍ରେକ, ଉତ୍ତେଜ ବା ଚରିତାର୍ଥ କରିବା ପାଇଁ କବି ଯେ ଏପରି କାର୍ଯ୍ୟ କରିଅଛନ୍ତି ଏବଂ ପୁରାକାଳୀନ ପଣ୍ଡିତମାନେ ଯେ ତାହା ଧ୍ୱଂସ କରି ନାହାନ୍ତି ଏହା ସହଜରେ ବିଶ୍ୱାସଯୋଗ୍ୟ ନୁହେଁ—କାରଣ ମନୁଷ୍ୟ ସ୍ୱଭାବ ଏତେ ଖତ ବା ବିକୃତ ହେବା ସମ୍ଭବପର ନୁହେଁ — ସୁତରାଂ ହଣ୍ଟରସାହେବଙ୍କ ଉକ୍ତି କଥନ ଅନୁସାରେ ଏଥିର କିଛି ଗୂଢ଼ କାରଣ ଥିବା ଉଚିତ— ଏବଂ ଏଥିରେ ଅବଶ୍ୟ ଗୂଢ଼ କାରଣ ଅଛି ।

ଭାରତର ପ୍ରସିଦ୍ଧ ତତ୍ତ୍ୱଜ୍ଞାନୀ ସ୍ୱର୍ଗୀୟ ଡାକ୍ତର ରାଜେନ୍ଦ୍ରଲାଲ ମିତ୍ର ତାହାଙ୍କର ଓଡ଼ିଶା ଇତିବୃତ୍ତ ପ୍ରଥମ ଖଣ୍ଡ ପୃ ୭୨ ସ୍ଥାନରେ କହିଅଛନ୍ତି “From a very early period in the history of religion, the phallic element has held a prominent place in the mind of man. Most of the leading religions of the ancient world—the Egyptian, Chaldean, the Assyrian and the Mosaic manifested it in some form or other ; and in primitive unsophisticated states of society, when the philosophical conceptions of the mystry of generation had not yet given to the various parts and members of the human body, those names which constitute the special vocabulary of obscenity of the present day, many symbols and representations were not only held inoffensive but sacred, &c.”

ଏହାର ମୋଟାମୋଟି ଅର୍ଥ ଏହି ଯେ ଧର୍ମ ଇତିହାସ ପ୍ରାରମ୍ଭରୁ ଦେଖାଯାଏ ଯେ ଫଲଣା (phallus) ମନୁଷ୍ୟ ମନରେ ଉଚ୍ଚତମ ସ୍ଥାନ ଅଧିକାର କରିଅଛି । ପୂର୍ବକାଳରେ ଇଜିପ୍ଟିଅନ, ଖଲଡ଼ିଆନ, ଆସିରିଅନ ଓ ମୋଜେଇକ ପ୍ରଭୃତି ପ୍ରଧାନ ୨ ଧର୍ମ ଏହା କୌଣସି ନା କୌଣସି ପ୍ରକାରେ ପ୍ରକାଶ କରିଅଛନ୍ତି ; ସେହି ଅଙ୍ଗ-ପ୍ରତ୍ୟଙ୍ଗମାନଙ୍କୁ ଯେଉଁମାନେ ଏବେ ଅଶ୍ଳୀଳ କହୁଅଛୁଁ ଜନସମାଜର ପ୍ରଥମାବସ୍ଥାରେ ତାହା ଅଶ୍ଳୀଳ ନ ଥାଇ ବରଂ ପବିତ୍ର ହୋଇ ଗଣ୍ୟ ହେଉଥିଲା । ଏହା ପ୍ରମାଣ କରିବା ପାଇଁ ଡାକ୍ତର ମହାଶୟ ବାଇବେଲ ପୁରାତନ ଖଣ୍ଡରେ ( old Testament ) ଲିଖିତ ଥିବା ଉତ୍ତ-ସ୍ୱାର୍ଥେ ସ୍ୱୀକୃତ ସ୍ତ୍ରୀଲୋକମାନଙ୍କର ପୂଜାର୍ଥ ଫଲଣା ପ୍ରସ୍ତୁତ କରିବା ପ୍ରଭୃତି ଉଦାହରଣ ସଙ୍ଗ୍ରହ କରିଅଛନ୍ତି; ଅନ୍ୟର ମଧ୍ୟ ସେ ଦେଖାଇ ଅଛନ୍ତି ଅବ୍ରାହମ ତାହାଙ୍କ ଭୃତ୍ୟଙ୍କୁ ଫଲଣା-କୁ ଧରି ଶପଥ କରାଇଥିଲେ ! ଯାକବ ମଧ୍ୟ ତାଙ୍କର ପୁତ୍ରଙ୍କୁ ସେହିପରି ଶପଥ କରାଇଥିଲେ । ଅଧୁନାତନ କାଳରେ ଅରବଦେଶୀୟଲୋକମାନେ ସେହିପରି ଶପଥ କରନ୍ତି ବୋଲି ସେ ଦେଖାଇ ଅଛନ୍ତି । ଏହି ସବୁ ଦେଖାଇ ସେ କହନ୍ତି “Looking to these facts I am iuduced to believe that the offensive figures are due to a desire to typify a religious idea and not to an inherent vicious taste in the artist or their employers. It was not ‘to incite, exite or gratify the lower feelings’ or to lower art to unworthy purposes by objectionable representations &c.”

ଏହାର ମୋଟାମୋଟି ଅର୍ଥ ଏହି ଯେ ଓଡ଼ିଶାର ଦେବମନ୍ଦିରମାନଙ୍କରେ ଯେ ଅଶ୍ଳୀଳ ପ୍ରତିମୂର୍ତ୍ତିମାନ ଅଛି ତାହା ଯେ ପାଶବ ବୃତ୍ତି ଉଦ୍ରେକ, ଉତ୍ତେଜ ବା ଚରିତାର୍ଥ କରିବା ପାଇଁ ହୋଇଅଛି ତାହା ନୁହେ—ତାହା ପବିତ୍ର ଧର୍ମଭାବ ପ୍ରକାଶ ପାଇଁ ହୋଇଅଛି—ଏହି ଅଶ୍ଳୀଳ ପ୍ରତିମୂର୍ତ୍ତିମାନ ଯେ କେବଳ ଓଡ଼ିଶାର ଦେବମନ୍ଦିରମାନଙ୍କରେ ଅଛି ତାହା ନୁହେ—ସେହି ମଧ୍ୟପ୍ରଦେଶରୁ ସମ୍ବଲପୁର ହିତୈଷିଣୀ କହାନ୍ତି ମେହ ମଧ୍ୟପ୍ରଦେଶର ଦେବମନ୍ଦିରମାନଙ୍କରେ ମଧ୍ୟ ଥିବାର ଡାକ୍ତର ମହାଶୟ କହନ୍ତି ।

ଏହି ଅଶ୍ଳୀଳ ମୂର୍ତ୍ତିମାନ ସୂର୍ଯ୍ୟଦେବଙ୍କ ପାଇଁ ନିର୍ମିତ ହୋଇଥିବା କଣାର୍କମନ୍ଦିରମଧ୍ୟରେ ବହୁଳପରିମାଣରେ ଥିବାର କଥିତ ହୁଏ । ଡାକ୍ତର ହଣ୍ଟର ସାହେବଙ୍କ ମତ ଅନୁସାରେ ଏହି ମନ୍ଦିରକୁ ଲାଙ୍ଗୁଳାନରସିଂହଦେବ ଖ୍ରୀଷ୍ଟୀୟ ୧୨୩୭ ଠାରୁ ୧୨୮୨ ମଧ୍ୟରେ ନିର୍ମାଣ କରାଇଥିଲେ; ଏବଂ ଉକ୍ତ ସାହେବଙ୍କ ମତଅନୁସାରେ ଉପେନ୍ଦ୍ରଭଞ୍ଜ ଅନ୍ତତଃ ୩୦୦ ବର୍ଷ ପୂର୍ବେ ଅର୍ଥାତ୍ ୧୬୦୦ ଖ୍ରୀଷ୍ଟାବ୍ଦରେ ବିଦ୍ୟମାନ ଥିଲେ । ୧୨୦୦ ଠାରୁ ୧୬୦୦ ମଧ୍ୟରେ ଓଡ଼ିଶାରେ ଅଶ୍ଳୀଳ ମୂର୍ତ୍ତି ବା ଚିତ୍ରମାନଙ୍କ ପବିତ୍ର ଜ୍ଞାନ କରିବା ମତ ପରିବର୍ତ୍ତିତ ହୋଇଥିବାର କୌଣସି ପ୍ରମାଣ ଦେଖାଯାଉ ନାହିଁ—ଏଣୁକରି ଆମ୍ଭେ କହୁଁ ଯେ ଯେଉଁ ପିତୃଭକ୍ତିପୂର୍ଣ୍ଣ ଓ ସମ୍ଭ୍ରମପୂର୍ଣ୍ଣ ଧର୍ମଭାବ ପ୍ରକାଶ କରିବାକୁ ଦେବମନ୍ଦିରମାନଙ୍କରେ ଅଶ୍ଳୀଳପ୍ରତିମୂର୍ତ୍ତିମାନ ନିର୍ମିତ ହୋଇଅଛି ସେହି ଭାବ ଉପଲକ୍ଷରେ ପ୍ରଣୋଦିତ ହୋଇ ଉପେନ୍ଦ୍ରଭଞ୍ଜ ଯାହାକୁ ଆମ୍ଭେମାନେ ଅଶ୍ଳୀଳ କହୁଁ ଆଜି ତାହା ବର୍ଣ୍ଣନା କରିଅଛନ୍ତି ପାଶବବୃତ୍ତିର ଉଦ୍ରେକ, ଉତ୍ତେଜ, ବା ଚରିତାର୍ଥ କରିବା ପାଇଁ ( to incite, exite or gratify the lower feeling of the public ) ଲେଖି ନାହାନ୍ତି ତାହା ହୋଇଥିଲେ ଯେଉଁ ସୂର୍ଯ୍ୟଙ୍କୁ ଏକସ୍ଥାନରେ ସେ ସ୍ୱୟଂ ସ୍ତବ କରିଅଛନ୍ତି ତାହାଙ୍କୁ ଜଗତର ଜାନୁଗିରି-ଗୁହାମଧ୍ୟରେ ଦେଖେଇବେଲେ ଲଜ୍ଜି ନ ଥାନ୍ତେ—ସମାଲୋଚକ ସ୍ୱମତାବଲମ୍ବନକାରୁ ପୃଷ୍ଠପୋଷକ ଭାସ୍କର ବାବୁ “ନେପ ଶିଳ ଶ୍ରାବଣାଚଳ” ଲେଖକ, ଅସ୍ମାକଙ୍କର ଭ୍ରମ ଦେଖାଇ ଦେଲେ, ଅସ୍ମାକଙ୍କୁ କୃତଜ୍ଞ କରନ୍ତୁ, ଏବଂ ଯେବେ ପାରନ୍ତି ଡାକ୍ତର ରାଜେନ୍ଦ୍ରଲାଲଙ୍କ ଭ୍ରମପ୍ରଦର୍ଶନ କରନ୍ତୁ, ଆମ୍ଭେ ଆଉ କିଛି କହିବୁଁ ନାହିଁ ।

ପ୍ରବନ୍ଧ ଶେଷ ପୂର୍ବରୁ ଗୋଟିଏ କର୍ତ୍ତବ୍ୟକଥା ନ କହି ରହିପାରୁ ନାହୁଁ—ଏଠାରେ ଜିଜ୍ଞାସ୍ୟ ଯେ ବୀର କରୁଣପ୍ରଭୃତିଙ୍କୁ ଛାଡ଼ି ଶୃଙ୍ଗାର ରସକୁ ରସମାନଙ୍କ ମଧ୍ୟରେ ପ୍ରଥମସ୍ଥାନ କାହିଁକି ଦିଆଯାଇଅଛି ? ଏବେ ୨ ମୂଢ ଓ କାପୁରୁଷମାନେ ତାହାକୁ ଅବସ୍ଥାନରୁ କାହିଁକି ଚ୍ୟୁତ କରିବାକୁ ପ୍ରୟାସୀ ହୋଇଲେ ବା କରି ନ ପାରିଲେ; ଏହାର ଉତ୍ତର ଅପରପକ୍ଷ ଦେବେନ୍ତୁ ଆମ୍ଭ ଅନୁମାନରେ ଡାକ୍ତର ମହାଶୟ ଜନନେନ୍ଦ୍ରିୟ ପବିତ୍ରଜ୍ଞାନ ହେଉଥିବାର ଯେଉଁ ପ୍ରମାଣ କରି ଅଛନ୍ତି ତାହା ଏହାର ଉତ୍ତରେ ଥିବାରୁ ଶୃଙ୍ଗାର ରସ ଅବନତ ହୋଇଅଛି—ଧର୍ମସ୍ୱ ନ ଥିଲେ ଅନ୍ୟ ରସମାନଙ୍କର କାବ୍ୟମାନରେ ସର୍ବସମ୍ମତରେ ସେ ଅପକର୍ଷ ହୋଇ ନ ଥାନ୍ତା ।— ଏହାର ଅନ୍ୟକାରଣ ଥିଲେ ସ୍ୱମତାବଲମ୍ବୀ ବାବୁ ପ୍ରକାଶ କରି ଭ୍ରମ ସଂଶୋଧନ କରନ୍ତୁ । ଅନ୍ୟର ମଧ୍ୟ ଏହିକାରଣରୁ ଉଗ୍ରମୂର୍ତ୍ତି ହରଗୌରୀ ( ମହାଦେବ ଓ ପାର୍ବତୀଙ୍କ ) ର ଜୁଗୁପ୍ସାଜନକ କଳ୍ପନା କଲେହେଁ ତାହା ଅଶ୍ଳୀଳ ନୁହେ ବୋଲି ଭାବଥିବାର ଅନୁମାନ ହୁଏ— ଉଦାହରଣ ଓଡ଼ିଶାରେ ପୂର୍ବକାଳରେ ଅନ-

Digitized by srujanika@gmail.com

ଉପ ପ୍ରାଧାନ୍ୟର ଏହା ଗୋଟିଏକାରଣ ବୋଲି ଅନୁମାନ ହୁଏ ।

ହାତେ ଲମ୍ବା ହାତେ ଚୌଡ଼ାର ବହି ମୁଦ୍ରିତ ହୋଇଥିଲେ ସୁଦ୍ଧା ଏ ମତ ଖଣ୍ଡନ ନ କରି ଉପେନ୍ଦ୍ରଭଞ୍ଜପ୍ରତି ଗାଳିବର୍ଷଣ କରିବାକୁ ରାମନାରାୟଣ ବାବୁ ପ୍ରମୁଖ ପ୍ରୟାସୀ ହୋଇ ଅଛନ୍ତି । ଯେଉଁ ଉଦ୍ଦେଶ୍ୟରେ ରାମଚନ୍ଦ୍ରଙ୍କର ଜାମୁକଠାରୁ ମାର୍କଣ୍ଡେୟଙ୍କଦ୍ୱାରା ଉପେନ୍ଦ୍ରଭଞ୍ଜ ଜନ୍ମା କରଥିବା ଉତ୍କଳପ୍ରଭା ଓ ହର୍ଟିଭିଷିଣୀରେ ପ୍ରକାଶ କରିବାକୁ ସେ ଅନୁକୂଳ ସେହି କାରଣ ବା ଉଦ୍ଦେଶ୍ୟରୁ ଏମାନଙ୍କୁ ଉଲ୍ଲେଖ ବା ତାହାର ପ୍ରତିବାଦ କର ନ ଥିବାର ସମ୍ଭବ—ଏଣୁକରି ତାହାଙ୍କଠାରୁ ଉତ୍ତର ପାଇବାର ଚେଷ୍ଟେ ଆଶା ନାହିଁ, ମାତ୍ର ଡାକ୍ତର ପଣ୍ଡିତେନ୍ଦ୍ରଲାଲ ଅଶ୍ଳୀଳମୂର୍ତ୍ତି ବିଷୟରେ ଯାହା କହୁଅଛନ୍ତି ତାହା-ପ୍ରତି ଅନେକ ମନ ଆକର୍ଷଣ କରିଥିଲେ, ତାହା ଛଡ଼ି ଯେତେବେଳେ ଦାଶରଥି ବାବୁ ଉତ୍ତର ଦେଉଅଛନ୍ତି ସେତେବେଳେ ଡାକ୍ତର ମହାଶୟଙ୍କ ମତ ଖଣ୍ଡନ କରିବାପାଇଁ ଦାଶରଥିବାବୁଙ୍କର ଅବଶ୍ୟ ଅକାଟ୍ୟ ପ୍ରମାଣ ଓ ଯୁକ୍ତି ଅଛି । ଅତଏବ ଦାଶରଥି ବାବୁଙ୍କୁ ବିଶେଷ ଅନୁରୋଧ ଯେ ସେ ତାହାଙ୍କର ପ୍ରମାଣ ଓ ଯୁକ୍ତି ଅଚିରେ ପ୍ରକାଶ କର ରାଜେନ୍ଦ୍ରଲାଲଙ୍କୁ ଚିତ୍ତ କରନ୍ତୁ ଏବଂ ତାହାଙ୍କ ମୂଳାଭିସନ୍ଧି ଛୋଡ଼ି ଦେଶର ଅଭାବ ମୋଚନ କରନ୍ତୁ ।

ପ୍ରବନ୍ଧ ଦୀର୍ଘକାୟ ହେବା ଭୟରେ ବିସ୍ତାରିତରୂପେ ଲେଖି ପାରିଲି ନାହିଁ; ଠିକେ ଠିକେ କହିଗଲି; କେତେକ କାରଣରୁ ଭାଷା ଓ ରଚନା ପ୍ରଣାଳୀପ୍ରତି ଦୃଷ୍ଟି କ ରଖି ପାରିବାରୁ ଯେଉଁ ଦୋଷମାନ ରହିଯାଇଅଛି ସମସ୍ତଙ୍କଠାରେ ପ୍ରାର୍ଥନା ଯେ ତାହା କ୍ଷମା କରିବେ ।

"ଦଧି ପୁଣି ଦେଖା ନ ଯାଏ ଯଦି ଥାଇ ଖାଟରେ । ବହମ-ସମାସଧ୍ୱ ପୂରଣ ହେଲା ଏହିଠାବରେ ।" କମଶଃ

ଆପଣଙ୍କର ବଶମ୍ବଦ

ଗୋଲକ-ଧନ୍ଦା

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଗୌରୀଙ୍କ ମହାପାତ୍ର କଟକ | ଟ ୨୮ |
| ,, ଉପେନ୍ଦ୍ର ସରକାର ଢେଙ୍କାନାଳ | ଟ ୩୮ |
| ,, ଲମ୍ବୋଦରଣ ବିଶ୍ୱାସ କଟକ | ଟ ୩୮ |
| ,, ମାଣିକଲାଲ ,, | ଟ ୧୮ |
| ,, ରାମପ୍ରସାଦ ସିଂହ ,, | ଟ ୧୮ |
| ଏ ଚ, ଇ, ଭକ୍ଷୋବା ସାହେବ ,, | ଟ ୬୮ |
| ବାବୁ ଭଗବାନ ରାମଚନ୍ଦ୍ରାୟିକ ଶୁକଦେବପୁର | ଟ ୯୮ |

ବିଜ୍ଞାପନ ।

# Sita-mai-ki Andira

# ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତ ଚମତ୍କାର ଘଟନା, ଏପରି ପୁସ୍ତକ ଉତ୍କଳ-ଭାଷାରେ ଅଦ୍ୟାବଧି ମୁଦ୍ରିତ ହୋଇ ନାହିଁ । ଆବାଲ-ବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ଟ ୦/୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

## NOTICE

Wanted an Overseer for the Public Works Department of the Keonjhar state on a salary of Rs. 100 per month. None need apply who has no fair knowledge in Oriya and English languages and has no sufficient experience in the arts of Surveying, Levelling, Estimating and Road making.

Applications with copies of testimonials should be sent to the Government Agent, Keonjhar before the 25th instant.

By order

Govt. Agency Office Keonjhar the 5th August 1893 } Sd. Chaiton Prasad Rai
*Asst. to the Govt. Agent
For the Govt. Agent.*

ନାଟ୍ୟବେଶ ସ୍ତବ ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ନୂତନପୁସ୍ତକ ।

ଉତ୍କଳଇତିବୃତ୍ତର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦/୪

ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପର-ପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିବୃତ୍ତ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ତ୍ତିତ ନୂତନ-ସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୫ମ ସଂସ୍କରଣ ) ଟ ୦/

ସୁଲଭ ଜ୍ୟାମିତି ( ୩ୟ ସଂସ୍କରଣ ) ଟ ୦୫

ଲିପିମାଳା ( ୨ୟ ସଂସ୍କରଣ ) ଟ ୦ ।

ପୂର୍ବୀୟ ଭାଲଡେଇ ରାଜାଙ୍କର ମନୁଷ୍ୟକୁତା ଯେତେ ବଳରଣ ହେବାର ଥିଲା ତାହା ଶେଷ ହୋଇ ଯିବାରୁ ସର୍ବସାଧାରଣଙ୍କ ଜାଣିବା-କାରଣ ଏହା ପ୍ରକାଶ କରଗଲା ।

## ବିଚମସାହେବଙ୍କ ବଟିକା ।

## ( BEECHAM'S PILLS. )

ଫଳବିବେଚନାରେ ଏକ ୧ ଗରୁଅର ମୂଲ୍ୟ ଏକ ୧ ମୋହରଙ୍କୁ ଶସ୍ତା ବୋଲାଯାଇ ପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ପଭିଁ ଇତ୍ୟାଦି କିଛାଲ୍ଟ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୂତ୍ରବ୍ୟଥା, ମୂତ୍ରକୃଚ୍ଛ୍ର, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, କକ୍ଷ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ଦୈହିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଭଲ ପରୀକ୍ଷାର ଓ ଦେବସ୍ତ୍ରୀଙ୍କ ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହ୍ୱେଟୋଗ୍ରାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିଗରୁ-ଅ ଆକାର ଅନୁସାରେ ଟ ୦୫ ଟ ୦ ୯ ଓ ଟ ୦ ୯/ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁହେବ ।

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

Split by PDF Splitter

Digitized by srujanika@gmail.com

R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

---

ନୂତନ ରୟଲରିଡର ନଂ ୨ ନମ୍ବର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।/ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

---

# ଘଡ଼ିମରାମତି ।

**Watches! Clocks! Time pieces**

Repaired by an efficient workman the premises of the Cuttack Printing Company Charge moderate.

ଛାପାଖାନାର ଘରେ ବହୁ ଦୂରଦର୍ଶୀ ଉତ୍ତମରୂପେ ମରାମତି ହେବା ଓ ଯଥା ସମ୍ଭବ ଶୀଘ୍ର ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ୀ ମରାମତିର କାର୍ଯ୍ୟାରମ୍ଭ କରୁଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ ଜାଣି ପାରିବେ ।

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକା, ରେଶମୀ ଓ ଗେଲ୍ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଉପରେ ଦର ସେହି ଲୁଗାମାନଙ୍କରେ ଲେଖା ଅଛି ଏଥି ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୂଲ୍ୟ ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ତାହାଠାରୁ ଅଧିକ ବା ଊଣା କରାଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ପନ୍ଦରଃ ଗୁଡ଼ିଏ ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଫର୍ଦ୍ଦ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଟ ପେନସିଲ | ଗୋ ୧ ଟ ୦ ।/ |
| ଲାଲ୍ ଓ ନୀଳ ପେନସିଲ୍ | ଗୋ ୧ ଟ ୦ ୶୯ |
| ଓଡ଼ୁଲ ପେନସିଲ | ଦ ୧ ଟ ୦ ୷ |
| ନକସା କାଗଜ | ଦ ୧ ଟ ୦ ୷/ |
| ଫୁଲିସ୍ କପି କାଗଜ ସରସା | ଦ ୧ ଟ ୦ ୶୩ |
| ଏକନ ଭୁଲିବାଲ | ଦ ୧ ଟ ୦ ୶୨ |
| ଏକନ ଛରସା | ଦ ୧ ଟ ୦ ୶୩ |
| ଫୋନ୍‌ମିନୋଟପେପର ଓ ନଫାଫା | ଦ ୧ ଟ ୨। |
| ଡାକକାଗଜ ସରସା | ଦ ୧ ଟ ୦ ୶ |
| ଏକନ ମଧ୍ୟମ | ଦ ୧ ଟ ୦ / |
| ଲଫାଫା ସରସା ସ୧୦୦ଟ୦୶/ | ଗୋ ୨୫ ଟ ୦୶୩ |
| ଏକନ ମଧ୍ୟମ ସ୧୦୦ ଟ ୦ ୷/ | ଗୋ ୨୫ ଟ ୦ ୯ |
| ବାଇକାଗଜ ୧୬ ପଣି | ଦ ୧ ଟ ୦ ୶୩ |
| ସୀବାଇ | ଡୋ ୧ ଟ ୦ ୷/ |
| ଏକନ ଗୁଣ୍ଡି ଏହାକୁ ଅଧ-ଘୋଇଲ ଜଳରେ ଫକାଇ ଦୁଇଦଣ୍ଡ ପରେ ଛାଣି ଦେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଶ୍ରୀଲ୍ ଟ ୦ ୶୨ |
| ଶିଲଟ ପେନସିଲ | ଦ ୧ ଟ ୦ ୷ |
| ରବର | ଖ ୧ ଟ ୦ ।/୩ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରସା | ଗ୍ରୁ ୧ ଟ ୦ ୶ |
| ଏକନ୍ ଛରସା | ଗ୍ରୁ ୧ ଟ ୦ ୯ |
| ଏକନ୍ କଲମପେନ୍‌ହୋଲ୍‌ଡର୍ | ଗୋ ୧ ଟ ୦ ୧୨ |
| ହାତଦୁଅର ଗାଲୁଣି ସହିତ (କଳଣାଦାନି) | ଗୋ ୧ ଟ ୦ । |
| ଏକନ ସାଧାରଣ | ଗୋ ୧ ଟ ୦୶୨ |
| କଲାପିତା ସରସା | ଗ ୧ ଟ ୦୷ |
| ହୋରସ୍ବାର ବେଗ, ଗୃହସହିତ | ଗୋ ୧ ଟ ୦୷/ |
| ମନଚେଗ | ଗୋ ୧ ଟ ୦ ୶ |
| ମୁଗୁନିପଥରର ଫଗୁଚିଟୁକା ଓ ଭୁପେଲନକସାବାଲ | ଗୋ ୧ ଟ ୨। |
| ଲେଟବଣ୍ଡର | ଗୋ ୧ ଟ ୧୧ |
| ମେକସର ଅଏଲ | ଗୋ ୧ ଟ ୦ ୯ |
| ସାବୁନ ସରସା | ଶ ୧ ଟ ୦ /୯ |
| ଫଲଦାଣ୍ଡି | ଗୋ ୧ ଟ ୧୶ |
| ଦେବାଲଗିର ୨ଡାଲସ୍ଥା | ଗୋ ୨ ଟ ୪। |
| ଏକନ ଏକଡାଲଶ | ଗୋ ୧ ଟ ୨ |
| କେଟଲ | ଗୋ ୧ ଟ ୨ |
| ଅସ୍‌ଷ୍ଟେଟ | ଗୋ ୧ ଟ ୶ ୨ |
| ଛାତ | ଦ ୧ ଟ ୦ /୩ |
| ସାନପଗଡ଼ୀ | ଗୋ ୧ ଟ ୫ ୧ |
| ବର୍ଷାରଖା ସରୁ ଢଙ୍କ | ଶ ୧ ଟ |
| ଘିଅଡାର ଏହାକୁ କୌଣସି ପାତ୍ରରେ ରଖି ନଅଁରେ ଭରଲାଇ କୋଠା ଗଚର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ଟେ | ୧ ଟ ୦ |

କଟକ ଚୌଧୁରୀ ବଜାର } ଅରଚନ୍ଦ୍ର ଦର କମ୍ପାନୀ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର କଟକ ପଟାପୋଲ ଗଡ଼ଗଡ଼ିଆ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୩୫ ଶ
ସ ୩୩ ସଂଖ୍ୟା

ତା ୧୪ ଜୁଲ ମାହେ ଶ୍ରାବଣ ଦଶ ୧୮୫୩ ମଡିହା । ମୁ। ଇଂରାଜୀ ତା ୪ ଜୁଲାଇ ୧୯୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯


ଶ୍ରୀଯୁକ୍ତ କମିଶନର ସାହେବ ଗତପୂର୍ବ ଶୁକ୍ରବାର ସନ୍ଧ୍ୟାସମୟରେ ବାଲେଶ୍ୱରଗସ୍ତରୁ ଏ ନଗରକୁ ଉଦ୍ରସ୍ତକାଳବାଟେ ଫେର ଆସିଲେ ।

———

ମାନଂବର ଦାଦା ଭାଇ ନଉରୋଜି ଭାରତୀୟ ମହାସମିତିର ଅସନ୍ନ ଅଧିବେଶନର ସଭାପତି ହେବାକାରଣ ଆଗାମୀ ଡିସେମ୍ବର ମାସରେ ବିଲାତରୁ ଆସିବା କରିବାର ସ୍ଥିରକୃତ ଅଛନ୍ତି ଏହା ବଡ଼ ସୁଖର ବିଷୟ ।

———

ଭାରତବର୍ଷରୁ ଲଙ୍କା ( ସିଲୋନ ) ଦ୍ୱୀପକୁ ଗୋଟିଏ ରେଲବାଟ ନିର୍ମାଣର ପ୍ରସ୍ତାବ ହେଉଅଛି । ତ୍ରେତାଯୁଗରେ ରାମଚନ୍ଦ୍ର ଏହି ଦ୍ୱୀପକୁ ଯିବାକାରଣ ସମୁଦ୍ରରେ ବନ୍ଧପକାଇ ସଡ଼କ ପ୍ରସ୍ତୁତ କରିଥିଲେ କଳିଯୁଗରେ ଇଂରେଜମାନେ ତହୁଁ ଅଧିକ ରେଲବାଟ ନିର୍ମାଣ କରିବାକୁ ବସିଅଛନ୍ତି । ଧନ୍ୟ ବୁଦ୍ଧି ଓ ସାହସ ।

———

ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଗତମାସ ତା ୨ ରାତ୍ରରେ ଶ୍ରୀ ଜାଗିରବାର ଜମିଦାରିର ମହାନନ୍ଦ ସ୍ୱର୍ଗଗାମୀ ହେଲେ । କୁଳପ୍ରଥା ଅନୁସାରେ ତାହାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଯୁକ୍ତ ଭସମାନ ମହାନ୍ତି ସଥା ଆଡ଼ମ୍ବରସହକାରେ ମାଣିକ୍ୟ ପଟ୍ଟଣାଠାରେ ଜାଗିରଦାରଗାଦିରେ ଅଭିଷିକ୍ତ ହୋଇଅଛନ୍ତି ।

———

ଗତ ତା ୧୧ ରାତ୍ରରେ ବମ୍ବେଇ ନଗରଠାରେ ହିନ୍ଦୁ ମୁସଲମାନମାନଙ୍କର ଘୋର ମାଡ଼ପିଟ ହୋଇ ଯାଇଅଛି । ପୁଲିସ ପୂର୍ବରୁ ଏଥିର ସନ୍ଧାନ ପାଇ ପ୍ରସ୍ତୁତ ଥିଲେ ସୁଦ୍ଧା ସମ୍ଭାଳି ପାରଲେ ନାହିଁ । ପଲଟନୀୟ ସିପାହିଙ୍କୁ ଡାକିବାର ଆବଶ୍ୟକ ହୋଇଥିଲା । ଉଭୟପକ୍ଷରୁ ୨୦୦ ଜଣ ଗୁଣାଅଧିକ ଆଘାତ ପାଇ ଡାକ୍ତରଖାନାରେ ଅଛନ୍ତି । ଏପର୍ଯ୍ୟନ୍ତ ଦୁଇଶତ ଜଣ ପୁଲିସଦ୍ୱାରା ଧରା ହୋଇଅଛନ୍ତି । ମୋହରମର ଠାବେ ୨ ମଧ୍ୟ ଏହିପରି ଗୋଳମାଳ ଆରମ୍ଭ ହୋଇଅଛି ।

———

ଗତପୂର୍ବ ଶୁକ୍ରବାର ତାହାଲାଗି ଅମାବାସ୍ୟାଦିନପର୍ଯ୍ୟନ୍ତ ପୁରୀର ରଥଯାତ୍ରା ଶେଷ ହୋଇ ନ ଥିଲା । ସେଦିନରେ ଶ୍ରୀ ଜଗନ୍ନାଥଙ୍କ ରଥ ବଡ଼ଦାଣ୍ଡ ରଲିଟର୍ଯ୍ୟନ୍ତ ଆସି ରହିଲା ଏବଂ ସେହିଠାରେ ଲକ୍ଷ୍ମୀନାରାୟଣ ଭେଟ ହେଲା । ଶନିବାର ରଥମାନେ ସିଂହଦ୍ୱାରଠାରେ ପ୍ରବେଶ ହେଲେ ଏବଂ ରବିବାର ଅପରାହ୍ନ ଘ ୪ ଘଟି ସମୟରେ ପହଣ୍ଡିବିଜେ ଆରମ୍ଭ ହେଲା ରାତ୍ର ପ୍ରାୟ ଘ ୨ ଟା ସମୟରେ ଠାକୁରମାନେ ସିଂହାସନାରୂଢ଼ ହେଲେ । ଧ୍ୱଜସ୍ତମ୍ଭ ପୂର୍ତ୍ତି ଏକମାସରେ ଏଥର ଯାତ୍ରା ଶେଷ ହେଲା ।

———

ଅତି ବୃଷ୍ଟିହେତୁ ବଙ୍ଗଳାର ଅନେକ ସ୍ଥାନରେ ଦୁର୍ଭିକ୍ଷ ପଡ଼ିବାର ଲକ୍ଷଣ ଅନେକ ଦେଖାଯାଉ ଅଛି । ଯେସବୁ ସ୍ଥାନରେ ବର୍ଷାକାଳରେ ୩୦ ଇଞ୍ଚ ବୃଷ୍ଟି ହୁଏନ ସେସବୁ ସ୍ଥାନରେ ଏଥିମଧ୍ୟରେ ୬୦ ଇଞ୍ଚ ହୋଇଅଛି ଅଥଚ ବର୍ଷାକାଳ ପ୍ରାୟ ଆହୁରି ଅଧେ ଅଛି । ପାଟସବୁ ଜଳପୂର୍ଣ୍ଣ ହେବାରୁ ଆଉ ଫସଲ ହେବାର ଆଶା ନାହିଁ । ଚାଉଳ ମହଣ ଟ ୩୯ ହାର ଉର୍ଦ୍ଧ୍ୱ ହେଲଣି । ସରକାରଙ୍କର ଅବଶ୍ୟ ଏ ବିଷୟରେ ଦୃଷ୍ଟି ରହିଅଛି ଏବଂ ଦରିଦ୍ର ଦୁଃଖୀ ଅନ ଯଥାସମୟରେ ଅବଶ୍ୟକମତେ ଲୋକଙ୍କ କଷ୍ଟ ଲାଘବ କରିବାର ଉପାୟ ଅବଲମ୍ବିତ ହେବ ।

—୦:୦—

ପତ୍ରିକାରେ ପାଠକଙ୍କୁ ବ ଶ୍ରୀମତୀ କାଦମ୍ବିନୀ ଗଙ୍ଗୋପାଧ୍ୟାୟ ଏଡନବର୍ଗରେ ଏଲ, ଆର, ସି, ପି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତାହାଙ୍କ ଅଦ୍ଭୁତ ବସ୍ତୁ ନୈପୁଣ୍ୟ ଦେଖି ପରୀକ୍ଷକମାନେ ତାହାଙ୍କର ବଡ଼ ପ୍ରଶଂସା କରୁଅଛନ୍ତି । ଜଣେ ଭାରତମହିଳା ବିଲାତର ଚିକିତ୍ସାପରୀକ୍ଷାରେ ଏପରି ସମ୍ମାନସହିତ ପାସ କରିବା ଅବଶ୍ୟ ଅତ୍ୟନ୍ତ ଗୌରବର ବିଷୟ ଅଟଇ । ଶ୍ରୀମତୀ ମନୋହରପ୍ରିୟା ସ୍ୱର୍ଣ୍ଣଭାୟୀ ସ୍ତ୍ରୀମାନଙ୍କ ଶିଳ୍ପକାର୍ଯ୍ୟମାନ ସଙ୍ଗେ ନେଇ ସିକାଗୋ ମହାପ୍ରଦର୍ଶନୀକୁ ଯିବାର କଳ୍ପନା କରିଥିଲେ । ମାତ୍ର ଏକାକିନୀ ସେଠାକୁ ଯିବାରେ ସୁବିଧା ନ ହେବାରୁ ତାହା ପରିତ୍ୟାଗ କରି ବିଲାତରୁ ଶିଳ୍ପକାର୍ଯ୍ୟମାନ ପଠାଇଦେଇ ଅଛନ୍ତି ।

———

Digitized by srujanika@gmail.com

Split by PDF Splitter



ଗତ ସୋମବାର ଏଠାରେ ରେଭିନ୍ୟୁ ଏଜେଣ୍ଟ ( କଲେକ୍ଟରୀ ମୁନ୍ସିଅଲି ) ପରୀକ୍ଷା ସମାପ୍ତ ହୋଇଥିଲା । ୧୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ଜଣେ ( ବାବୁ ଗୌରଚରଣ ଦାସ ) ପାସ କରିଅଛନ୍ତି । ପୁଣି ଏହି ଜଣକ ମଧ୍ୟ ପୂର୍ଣ୍ଣ ନମ୍ବର ରଖି ପାର ନ ଥିଲେ ପରୀକ୍ଷକମାନେ ଅନୁଗ୍ରହସ୍ୱରୂପ ଦଶନମ୍ବର ଦେବାରୁ ପାସ ହେଲେ । ପ୍ରଶ୍ନଗୁଡ଼ିକ ଏପରି ପ୍ରସ୍ତୁତ ହୋଇଥିଲା ଯେ ଯାହାର ଅଫିସରେ ପ୍ରବେଶ ହୋଇ ଥିବ ଓ ବୁଦ୍ଧି ବିବେଚନା ଥିବ ସେହି ଉତ୍ତର ଦେଇ ପାରିବ ଅବୋଧ ମୁଖସ୍ଥକାରୀ ପାରିବ ନାହିଁ । ଏହିହେତୁ ଫଳ ଏପରି ମନ୍ଦ ହେଲା ଆମ୍ଭମାନଙ୍କ ବିବେଚନାରେ ଏହିପରି ପ୍ରଶ୍ନମାନ ଆବଶ୍ୟକ ଓ ସକଳ ପରୀକ୍ଷାରେ ଓ ସକଳ ସମୟରେ ଏରୂପ ପ୍ରଶ୍ନମାନ ଦେବାର ଉଚିତ ।

---

ମୃତନବାବ ଅବଦୁଲ ଲତିଫ ଖାନ ବାହାଦୁରଙ୍କ ସ୍ମରଣ ଚିହ୍ନ ସ୍ଥାପନ ଅଭିପ୍ରାୟରେ ଗତ[illegible] ଶୁକ୍ରବାର ଅପରାହ୍ଣ ୫ ଘଣ୍ଟା ସମୟରେ କଲିକତା ଟାଉନହଲରେ ଏକ ବୃହତ୍ ସଭା ହୋଇଥିଲା । ନଗରବାସୀ ସକଳ ଶ୍ରେଣୀର ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ହାଇକୋର୍ଟର ପ୍ରଧାନ ବିଚାରପତି ସର କୋମର ପାଥିରମ ସଭାପତିର ଆସନ ଗ୍ରହଣ କରି ସଭାର କାର୍ଯ୍ୟାରମ୍ଭ କଲେ । ମହାତ୍ମା ଅବଦୁଲ ଲତିଫଙ୍କ ମୃତ୍ୟୁରେ ସର୍ବସାଧାରଣ ଦୁଃଖିତ ଥିବାର ଏବଂ ତାହାଙ୍କ ସ୍ମରଣାର୍ଥେ କୌଣସି କୀର୍ତ୍ତିସ୍ଥାପନ କରିବାର ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ଏତଦର୍ଥେ ଚାନ୍ଦାସଂଗ୍ରହ ଏବଂ ଆବଶ୍ୟକୀୟ କାର୍ଯ୍ୟମାନ ନିର୍ବାହ କରିବା କାରଣ ଗୋଟିଏ କମିଟୀ ଗଠିତ ହୋଇ ସଭାଭଙ୍ଗ ହେଲା । ସଭାଟି ସର୍ବପ୍ରକାରେ ସଫଳ ହୋଇଥିଲା ।

---

ରେଭିନ୍ୟୁ ଏଡ଼ିସନାଲ ଶ୍ରୀଯୁକ୍ତ ଡସନ ସାହେବଙ୍କ ହେଡ଼ କ୍ଲର୍କ ବାହାଦୁର ବାବୁ ନନ୍ଦକିଶୋର ଦାସ ସେଠାରୁ ଯାତ୍ରା କରି ଗତପରଶ୍ୱ ଶୁକ୍ରବାର ସନ୍ଧ୍ୟାସମୟରେ ଏ ନଗରରେ ପହଞ୍ଚି ଅଛନ୍ତି ପୁନ ଏକଦିନରେ ଅନୁଗୋଳ ଯାତ୍ରା କରିବେ । ଅନୁଗୋଳର କୁହୁଖଣ୍ଡା ଓ କାର୍ଯ୍ୟର ଚାର୍ଜ ନେବ ତହିଁ ବାବୁ ମହାଶୟଙ୍କ ମନ ଏମନ୍ତ ମଳିନ ହୋଇଅଛି ଯେ ତାଠାରୁ ଚଢ଼ା ଯାଉ ନାହିଁ । ଅଙ୍ଗ ବନ୍ଧନ ସେଠାରେ ରହିବାର ହୋଇଥିଲେ ଅଗତ୍ୟା ଛୁଟୀ ନେଇ ଆସିବାକୁ ହୋଇଥାନ୍ତା । ଅତଏବ ବଦଳଦ୍ୱାରା ତାହାଙ୍କର ଉପକାର ହୋଇ ଅଛି ଏବଂ ଏଥିପାଇଁ ସେ ଆନନ୍ଦିତ ଅଛନ୍ତି । ମାତ୍ର ଦୀର୍ଘକାଳ ଏତେକଷ୍ଟ ପାଇଁ ଯେଉଁ ଗୁରୁତର କାର୍ଯ୍ୟରେ ଲାଗି ରହିଥିଲେ ତାହା ସମାପ୍ତ ହୋଇ ଆସିବାର ଅବ୍ୟବହିତ ପୂର୍ବେ ବଦଳ ହେବାଟା ଭଲ ହୋଇ ନାହିଁ । ବାବୁ ମହାଶୟ ଯେଉଁମସ୍ତ ଉପାୟ କରିଥିଲେ ଅଭ୍ରଭୂମିମାନେ ସବୁ ଗୋଲମାଲ ମିଶି ଯାଇଥାନ୍ତା ଓ ସେହି ସୁଫଳ ଦେଖି ସେ ସନ୍ତୋଷଲାଭ କରିଥାନ୍ତେ । ସରକାର ଏ ସୁଯୋଗ ତାହାଙ୍କୁ ନ ଦେଇ ତାଠାରୁ ବଦଳି କରିବାରୁ ଆମ୍ଭେମାନେ ବଡ଼ ଦୁଃଖିତ ଅଛୁଁ ।

---

ବମ୍ବେଇ ପ୍ରଦେଶାନ୍ତର୍ଗତ ଜୁନାଗଡ଼ଠାରେ ଗତ ମୋହରମସମୟରେ ମୁସଲମାନମାନେ ଘୋରୀ ଅତ୍ୟାଚାର କରିବାର ସମ୍ବାଦ ଆସିଅଛି । ଜୁନାଗଡ଼ ପୂର୍ବେ ହିନ୍ଦୁର ରାଜ୍ୟ ଥିଲା ବର୍ତ୍ତମାନ ଜଣେ ମୁସଲମାନ ନବାବଙ୍କର ରାଜ୍ୟ ଅଟଇ । ମୋହରମ ସମୟରେ ମୁସଲମାନମାନେ ଦଙ୍ଗାହଙ୍ଗାମ କରିବେ ବୋଲି ପୁଲିସ ତାଜିଆ ଯିବା ବାଟ ଜଗିଥିଲେ ହେଁ ମୁସଲମାନମାନେ ପୁଲିସ ସୁପ୍ରିଣ୍ଟ ଓ ପଦସ୍ଥଚାଲାଙ୍କୁ ମାରପିଟ କରି ନିର୍ଦ୍ଦିଷ୍ଟ ବାଟ ଛାଡ଼ି ଅନ୍ୟ ଏକବାଟରେ ଏକ ହିନ୍ଦୁମନ୍ଦିର ନିକଟରେ ତାଜିଆ ଉପସ୍ଥିତ କରି ମନ୍ଦିରମଧ୍ୟରେ ପ୍ରବେଶପୂର୍ବକ ପଣ୍ଡା ଓ ପୁରୋହିତମାନଙ୍କୁ ପ୍ରହାର କଲେ ଏବଂ କେତେଜଣ ପଣ୍ଡା ଦେହରେ କେରୋସିନ ତେଲ ଢାଳି ଅଗ୍ନି ଲଗାଇ ପୋଡ଼ି ପକାଇଲେ ଓ ପାଲୁବକୁ ସ୍ଥାନାନ୍ତରରେ ପକାଇଦେଲେ । ସର୍ବସୁଦ୍ଧା [illegible] ଜଣ ହିନ୍ଦୁ ହତ ଏବଂ ଆଉ କେତେଜଣ ଆହତ ହୋଇଅଛନ୍ତି । ଜୁନାଗଡ଼ର କର୍ତ୍ତୃପକ୍ଷଙ୍କ ବିବେଚନାରେ ଏଥିପାଇଁ ମୁସଲମାନମାନେ ସମ୍ପୂର୍ଣ୍ଣ ଦୋଷୀ । ଭରସା କରୁଁ ସେମାନେ ଉଚିତ ଦଣ୍ଡ ପାଇବେ, ମାତ୍ର ବ୍ରିଟିଶରାଜ୍ୟରେ ହିନ୍ଦୁ ମୁସଲମାନମାନଙ୍କର ଏପରି ବିବାଦ ବଡ଼ ଅମଙ୍ଗଳ ବ୍ୟାପାର । କିପରି ଏ ବିବାଦ ନିବାରଣ ହେବ ସର୍ବସାଧାରଣଙ୍କର ଏକାନ୍ତ ଚେଷ୍ଟା କରିବା ଉଚିତ ।

---

କଲିକତା ମାକନିଜ ମାକଞ୍ଜି କମ୍ପାନୀ ନାମକ ସଉଦାଗରକୋଠି ଗୋଟିଏ ପୁରୁଣା କାରବାରୀ କୋଠି ଅଟଇ । ଏହି କୋଠୀର ପ୍ରଧାନ ଅଂଶିଦାର ମାନ୍ୟବର ଲ୍ୟାୟଲ ମାକ୍‌କନ ସାହେବ ଦୀର୍ଘକାଳ ଏହି ବ୍ୟବସାୟ ଚଳାଇ ଅତୁଲଧନ ଓ ସମ୍ମାନ ଅର୍ଜନ ଏବଂ ସରକାରରୁ ସି ଆଇ ଇ ଉପାଧିଲାଭ କରି କେତେକବର୍ଷ ହେଲା ବିଲାତରେ ବାସ କରୁଥିଲେ । ସମ୍ପ୍ରତି ତାହାଙ୍କର ପରଲୋକ ଗମନ ହେବାର ଦୁଃଖରସହିତ ଅବଗତ ହେଲୁଁ । ମୃତ୍ୟୁପୂର୍ବେ ସେ ଯେଉଁ ଉଇଲ କରିଅଛନ୍ତି ତହିଁରେ ଆପଣା ପରିବାରବର୍ଗଙ୍କ ପ୍ରତିପୋଷଣଛଡ଼ା ସ୍ୱ ଧର୍ମପ୍ରଚାର କାର୍ଯ୍ୟନିମନ୍ତେ ପ୍ରାୟ ଅଢ଼େଇଲକ୍ଷ ଟଙ୍କା ଏବଂ କଲିକତାକୋଠିରେ ନିଯୁକ୍ତ ଥିବା ଦେଶୀୟ କର୍ମଚାରୀଙ୍କୁ ବାଣ୍ଟିଦେବାନିମନ୍ତେ ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ଶେଷଲିଖିତ ଦାନଟି ଅତି ହୃଦ୍ୟ ଅଟଇ । ଆପଣା ପରିବାରବର୍ଗ ଏବଂ ସାଧାରଣଙ୍କ ହିତାର୍ଥେ ମୃତ୍ୟୁକାଳରେ ଦାନ କରିବାର ସଚରାଚର ଦେଖାଯାଏ । ମାତ୍ର ପୁରୁଣା ଚାକରବାକରଙ୍କପ୍ରତି ଏପରି ସ୍ନେହ ଓ ମହାନୁଭବତା ଅଳ୍ପଲୋକ ଦେଖାନ୍ତି । ମାକନିଜ ସାହେବ ଅନେକଦିନରୁ ବିଲାତରେ ରହିଥିଲେ ହେଁ ସେ ମନେ ରଖିଥିଲେ ଯେ ତାହାଙ୍କ କୋଠୀର ଦେଶୀୟ କର୍ମଚାରୀମାନେ ଆପଣା କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିଥିବାରୁ ତାହାଙ୍କର ଅର୍ଜନର ସୁବିଧା ହୋଇଥିଲା । ତେଣୁ ମୃତ୍ୟୁକାଳରେ ତହିଁର ଅଂଶ ସେମାନଙ୍କୁ ଦାନ କରି ଗଲେ । ଏପରି ଲୋକ ମିଳିବା କଠିନ । ଏବଂ ଇଂରାଜଙ୍କର ଏହି ମହତ୍ତ୍ୱଗୁଣ ହେତୁ ଭାରତବାସିମାନେ ସାହେବ ଲୋକଙ୍କୁ ଅଧିକ ଶ୍ରଦ୍ଧା କରନ୍ତି । ଫଳତଃ କି ଇଂରାଜ କି ଦେଶୀୟ ସମସ୍ତଙ୍କର ମହାତ୍ମା ମାକନିଜ ସାହେବଙ୍କର ଚରିତ୍ର ଅନୁକରଣୀୟ ଅଟଇ ।

—*—

### ବନ୍ଦୋବସ୍ତ ଅତ୍ୟାଚାର ।

ଉତ୍କଳର ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ଶ୍ରୀଯୁକ୍ତ ବେଡ଼ସ ସାହେବଙ୍କ ନାମରେ ଗୁରୁତର ଅଭିଯୋଗପୂର୍ଣ୍ଣ ଏକ ଆବେଦନପତ୍ର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥିତ ହେବା ଏବଂ ତହିଁର ଅନୁସନ୍ଧାନ ହେଉଥିବା ବିଷୟ ଏଥିପୂର୍ବେ ପ୍ରକାଶ କରିଥିଲୁଁ । ସହଯୋଗୀ କାଲିକଟର ସମ୍ବାଦବାହିକା ଚଳିତମାସ ତା ୭ ରିଖର ଅଙ୍କରୁ ପତ୍ରରେ ସେହି ଆବେଦନପତ୍ର ପ୍ରକାଶ କରିଅଛନ୍ତି । ତହିଁର ସଂକ୍ଷେପ ମର୍ମ ଏହି :—

Digitized by srujanika@gmail.com

Split by PDF Splitter



“ଆମ୍ଭେ ଚୌଧୁରୀ ସାଧାରଣଙ୍କ ଭଣଙ୍କ ମହାପାତ୍ର ଗୋପୀନାଥ ଏଲଗା କାଳିଖଣ୍ଡ ପରଗନାର ପ୍ରଜା ସମ୍ଭ୍ରାନ୍ତବ୍ରାହ୍ମଣ ଜମିଦାର ଏବଂ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କର ଜଣେ ରାଜଭକ୍ତ ପ୍ରଜା ଅଟୁଁ । ଗତ ଅପ୍ରେଲମାସ ତା ୨୮ ଋଖରେ ଆପଣା ଜମିଦାରୀ ଭିତରେ ସିମଲିଆଠାରୁ ଘରକୁ ଫେରି ଆସି ତହୁଁ ଅରଦିନ ଅତ୍ୟନ୍ତ ଜ୍ୱର ହେବାରୁ ଉତ୍ତରପ୍ରାସ୍ଥ ଶୟନାଗାରରେ ଶୋଇଥାଇ ଥିଲି । ସକାଳ ସାଢ଼େ ୮ ଘଣ୍ଟା ସମୟରେ ରେଭସ ସାହେବ ଏକଦଳ ଚପରାଶିସହିତ ମୋର ଘର ଦାଣ୍ଡ ଦୁଆରେ ଉପସ୍ଥିତ ହୋଇ ସାଲା ବଦମାସ ଜମିଦାର କାହିଁ ବୋଲି ଅସ୍ୱରନ୍ତେ ଚାକରମାନେ ଭୟରେ ଦାଣ୍ଡଦ୍ୱାର ବନ୍ଦ କରି ପଳାଇଲେ । ତହୁଁ ସାହେବ ଅତ୍ୟନ୍ତ କ୍ରୋଧ ହୋଇ କବାଟ ଓ ଚାନ୍ଦ୍ରରେ ଆପଣା ବନ୍ଧୁକଦ୍ୱାରା ଗୋଳ ବୃଷ୍ଟି କଲେ । କବାଟ ନ ଫିଟିବାରୁ ସେଠାରେ ଛିଡ଼ାହୋଇଥିବା ହରିଦାସ ନାମକ ଏକବ୍ୟକ୍ତି ହାତରେ ଚଢ଼ି କାନ୍ଥରୁ ଖଣ୍ଡେ ଇଟ୍ଟାଦେଇ ଭିତରେ ପଶି କବାଟ ଫିଟାଇଦେଲେ ଓ ଚପରାସିମାନେ ଯେ ହାତବାଡ଼ରେ ପଡ଼ିଲା ତାହାକୁ ପ୍ରହାର କଲେ । ସେଠାରୁ ଇଷ୍ଟଦେବତା ଦାମୋଦର ଠାକୁରଙ୍କ ମନ୍ଦିରର କବାଟରେ ଗୋଇଠାମାଡ଼ ମାରି ଅଭ୍ୟନ୍ତରଦ୍ୱାରା ମନ୍ଦିର ଭ୍ରଷ୍ଟ କରି ଉତ୍ତରପଟର କବାଟରେ ଗୋଳ ଫଟେଇ କଲେ । ମାତ୍ର ସେହି କାନ୍ଥ ନ ଫିଟିବାରୁ ବାରବାଟେ ପଶିବାରୁ ସ୍ତ୍ରୀମାନେ ଭୟରେ ଚିତ୍କାର ଆରମ୍ଭ କଲେ । ତାହା ଶୁଣି ମୁଁ ଘରୁ ବାହାର ଅଙ୍ଗନେ ରେଭସ ସାହେବ ମୋତେ ବେକ ଧରି ଟାଣିକି ପେଲିଦେଲେ । ଜୋତାରେ ମୋ ଅଣ୍ଟି ମାଡ଼ି ଦବାଇଲେ ଏବଂ ଗୋଇଠା ଓ ବନ୍ଧୁକକୁନ୍ଦାରେ ଅନେକ ମାଡ଼ ମାରି ଥାଣା ସବଇନସ୍ପେକ୍ଟରଦ୍ୱାରା ଧରାଇ କଚେରୀ ପର୍ଯ୍ୟନ୍ତ ପେଲିଯିବାର ଆଦେଶ ଦେଲେ । ମୁଁ ଗିରଫଦାର ହେବାର କାରଣ ପଚାରୁ ଜାମିନ ନେଇଯିବାକୁ ପ୍ରାର୍ଥନା କଲି ମାତ୍ର ସେ ତହିଁରେ ସମ୍ମତ ହେଲେ ନାହିଁ । ଦୁଇମାଇଲ ବାଟ ଯାଇ ଅତି ପୀଡ଼ାହେବାରୁ ମୁଁ ଚାଲି ନ ପାରି ମୋ ପଛରେ ଆସୁଥିବା ପାଲିଙ୍କିରେ ବସିଯିବାର ପ୍ରାର୍ଥନା କଲି । ସାହେବ ବଡ଼ କଷ୍ଟରେ ଅନୁମତି ଦେଲେ ମାତ୍ର ମୁଁ ତିନିମାଇଲ ବାଟ ଏହିପରି ଯାଉଥିଲି ପାଲିଙ୍କିରୁ ଓହ୍ଲାଇବାକୁ ସାହେବ କହିଲେ । ମୁଁ [illegible] କରିବାରୁ [illegible] ହୋଇ ବେହେରାଙ୍କୁ ଥାପଡ଼ ମାରନ୍ତେ ସେମାନେ ପଳାଇଲେ ଓ ସିପାହୀ ଓ କନେଷ୍ଟବଲମାନେ ମୋତେ ସେହି ଉତ୍କଟ ପ୍ରଖରତାପକୁ ଟେଲିଗଲେ ଏବଂ ଥାନାରେ କଏଦ ରଖିଲେ । ତହିଁ ଆରଦିନ ଅର୍ଥାତ୍ ଅପ୍ରେଲ ତା ୨୯ ଋଖରେ ପୁଲିସ ମୋତେ ସାହେବଙ୍କ ନିକଟକୁ ଘେନିଗଲେ ଓ ମୁଁ ଯେତେ ଜାମିନ ଦେବା ସକାଶେ କହିଲି ସାହେବ ମାନିଲେ ନାହିଁ । ପରିଶେଷରେ ମୋହର ପ୍ରଜାସ କଟକର ବନ୍ଦୋବସ୍ତ ହାକିମଙ୍କ ନିକଟକୁ ତାରସମ୍ବାଦ ଦେବାରୁ ସମ୍ପୃକ୍ତ ତାହାଙ୍କ ଆଦେଶମତେ ଅତ୍ୟେ ଉଦ୍ଧାର ଟଙ୍କାର ମୁଚଲିକା ନେଇ ସାହେବ ମୋତେ ଖଲାସ ଦେଲେ । ଦୁଇଦିନ ହାଜତ ରହିବା ହେତୁରୁ ମଇମାସ ତା ୧ ଋଖରେ ରେଭସ ସାହେବ ମୋହ ଉପରେ ଟ ୫୯୧ ଙ୍କା ଜରିମାନା କରି ତହିଁମଧ୍ୟରୁ ଦେବାଶପାଟକର ଦ୍ରବ୍ୟ ବିକାଇ ଟ ୫୦୧ ଙ୍କା ଅଦାୟ କଲେ ଏବଂ ଅବଶିଷ୍ଟ ଟ ୯୦ ଙ୍କା ଟ ୫୦୦ ଙ୍କାରୁ ଊର୍ଦ୍ଧ୍ୱ ହେବାରୁ ଆଦାୟଯୋଗ୍ୟ ନ ଥିବାର ପ୍ରକାଶ କଲେ । କାଗଜ ଦଲିଲ ବିଷୟରେ ତାହାଙ୍କର ନୋଟିସ ନ ମାନିବା ଜଣ୍ଣମାନାର ହେତୁ ବୋଲି ପ୍ରକାଶିତ ହେଲା ମାତ୍ର ମୁଁ କୌଣସି ନୋଟିସ ପାଇ ନାହିଁ ବା ଜାରି ହେବାର ପ୍ରମାଣ ନାହିଁ । ମୋହର ବିଶ୍ୱାସ ଯେ ମୋହର ଶତ୍ରୁମାନେ ସାହେବଙ୍କ ଖାନସମାଙ୍କୁ ପ୍ରଚୁର ମୁରଗି ଓ ଅଣ୍ଡା ସସ୍ତା ଦରରେ ନ ଯୋଗାଇବା ସାହେବଙ୍କର ଏତେ କ୍ରୋଧର କାରଣ ଅଟେ । ମୁଁ କାଲେକ୍ଟରର ଫଉଜଦାରୀ ଅଦାଲତରେ ନାଲିସ କରିବାକୁ ପ୍ରାଦେଶିକ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ପ୍ରାପ୍ତ ହୋଇ ନାଲିସ କରିବାକୁ ମାଜିଷ୍ଟ୍ରେଟ ସାହେବ ଆଦେଶ ଦେଲେ । ପୁଣି ତାଙ୍କ କଲେକ୍ଟରସ୍ୱରୂପ ସେ ଏ ମୋକଦ୍ଦମା ଛାଡ଼ିଦେବାର ଚେଷ୍ଟା କରିଥିଲେ ମାତ୍ର ଡଂଲକ୍ସରଙ୍କ ପ୍ରସ୍ତାବିତ ସର୍ତ୍ତମାନଙ୍କରେ ରେଭସ ସାହେବ ସମ୍ମତ ନ ହେବାରୁ ତାହା ହେଲା ନାହିଁ । ଅତଏବ ରେଭସ ସାହେବଙ୍କ ନାମରେ ଫଉଜଦାରୀ ଅଦାଲତରେ ନାଲିସ କରିବାର ଅନୁମତି ପ୍ରାର୍ଥନା କରେଁ ।”

ଉପରଲିଖିତ ବିବରଣ ଅବଶ୍ୟ ଏକପକ୍ଷର କଥା । ଅନ୍ୟପକ୍ଷର ଉତ୍ତର ଅଦ୍ୟାପି ଶୁଣା ଯାଇ ନାହିଁ । ସହଯୋଗୀ ଟାଇମସପ୍ରଭୃତି ଏଥିପୂର୍ବେ ଏହାକୁ ଅତିରଞ୍ଜିତ ବୋଲି ପ୍ରକାଶ କରିଥିଲେ । ମାତ୍ର ଏଥିର ଯେବେ କୌଣସି ଅଂଶ ସତ୍ୟ ହୁଏ ତେବେ ତାହା ଇଂରାଜଙ୍କ ସୁଖ୍ୟାତିକର ଗୋଟିଏ କଳଙ୍କରୂପ ଅଟେ ଏଥି ସନ୍ଦେହ ନାହିଁ । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ବାଲେଶ୍ୱରର କଲେକ୍ଟର ଏଥିର କୌଣସି ଅନୁସନ୍ଧାନ ନ କରି ଚାପା ଦେବାର ଚେଷ୍ଟା କରିଥିଲେ । ଯାହା ହେଉ ଆମ୍ଭେମାନେ ଏକାନ୍ତ ଭରସା କରୁଁ ଯେ ଗବର୍ଣ୍ଣମେଣ୍ଟ ଏ ବିଷୟର ବିହିତ ବିଚାର କରନ୍ତେ ।

---

### ବଙ୍ଗଳାର ସ୍ୱାସ୍ଥ୍ୟବିବରଣ ।

ବଙ୍ଗପ୍ରଦେଶର ସନ ୧୮୯୨ ସାଲର ସ୍ୱାସ୍ଥ୍ୟସମ୍ବନ୍ଧୀୟ ମାନ୍ୟବର ସ୍ୟାନିଟାରି କମିସନରଙ୍କ ମନ୍ତବ୍ୟ ପ୍ରକାଶିତ ହୋଇ ଅଛି । ସ୍ୱାସ୍ଥ୍ୟର ପ୍ରଧାନ ପରୀକ୍ଷକ ଜନ୍ମମୃତ୍ୟୁର ତାଲିକା । ଏହି ତାଲିକାମାନଙ୍କ ଶୁଦ୍ଧତାଉପରେ ଗବର୍ଣ୍ଣମେଣ୍ଟ ଅଦ୍ୟାପି ନିର୍ଭର କରିବାକୁ ସମର୍ଥ ହୋଇ ନାହାନ୍ତି । ବର୍ତ୍ତମାନ ଜନ୍ମତାଲିକା ସହରଅପେକ୍ଷା ମଫସଲରେ ଭଲରୂପେ ପ୍ରସ୍ତୁତ ହୋଇଥିଲେହେଁ ବହୁସ୍ଥଳରେ ଭୁଲ ଅଛି । ମୃତ୍ୟୁତାଲିକା ମଧ୍ୟ ସେହିପରି । ଏଥିରୁ ଜଣାଯାଏ ଯେ ଅନେକ ଜନ୍ମ ଓ ମୃତ୍ୟୁର ସମ୍ବାଦ ଆଦୌ ଲେଖା ହୁଏ ନାହିଁ । ମାନ୍ୟବର ଅନେକ ନଗରର ତାଲିକା ଅଧିକ ଅଶୁଦ୍ଧ ହେବାରୁ ମିଉନିସିପାଲିଟିମାନଙ୍କପ୍ରତି ତାଗିଦ ହୋଇ ଅଛି ବା ଯାହାର ତାଲିକା ଠିକ ନ ହେବ ସେ ଦଣ୍ଡନୀୟ ହେବ । ବଙ୍ଗଳାର ଜନସଂଖ୍ୟା ପ୍ରତିହଜାରେ ହାରାହାରି ପ୍ରାୟ ୩୮ ହେବା ଉଚିତ କିନ୍ତୁ ଏବର୍ଷର ଫଳ ହିସାବରେ ୩୮.୧୫ ପଡ଼ିଅଛି ସୁତରାଂ ଜନ୍ମ ସଂଖ୍ୟା କରିବାରେ ଅନେକ ଭୁଲହୋଇ ଅଛି ।

ମୃତ୍ୟୁର ପ୍ରକୃତପରିମାଣ ହାରାହାରି ପ୍ରାୟ ୪୦ ଅଟଇ କିନ୍ତୁ ଏବର୍ଷର ତାଲିକାନୁସାରେ ହଜାରପ୍ରତି ପ୍ରାୟ ୩୨ ପଡ଼ିଅଛି । ଏଥିରୁ ପ୍ରକାଶ ଯେ ଜନ୍ମରେଜିଷ୍ଟ୍ରିଠାରୁ ମୃତ୍ୟୁରେଜିଷ୍ଟ୍ରିରେ ଅଳ୍ପ ଭୁଲ ଅଛି । ବିଶେଷତଃ ସ୍ତ୍ରୀମୃତ୍ୟୁର ରେଜିଷ୍ଟ୍ରି ଅଧିକ ଭ୍ରମାତ୍ମକ ହେବାର କାରଣ ପୁରୁଷଠାରୁ ସ୍ତ୍ରୀ ଅଧିକ ମରିବାର ପ୍ରମାଣ ହୋଇଥିବାସତ୍ତ୍ୱେ ତାଲିକାରେ ତାହା ପ୍ରକାଶ ପାଉ ନାହିଁ । ଯାହା ହେଉ ମୋଟରେ ଏବର୍ଷର ମୃତ୍ୟୁ ଗତବର୍ଷଠାରୁ ହଜାରପ୍ରତି ପ୍ରାୟ ପାଞ୍ଚଜଣ ବଢ଼ିଅଛି ହେଁ ଭାରତ ଅବସ୍ଥା ଓ ତହିଁର ଠିକ୍ତାଳିକା ଆଉ ଏଥି ନୁହେ ।

ଗତବର୍ଷ ଓଡ଼ିଶାଠାରେ ୨୨୯୫୨୮ ମୃତ୍ୟୁ ହୋଇଥିଲା ଏବର୍ଷ ୨୫୦୩୯୮ ହୋଇଅଛି । ଓଡ଼ିଶାବିଭାଗକୁ କୃପତଡ଼ାଗାଦି ପୁଷ୍କରିଣୀ ଓ

Digitized by srujanika@gmail.com

Split by PDF Splitter



ସେଥିପାଇଁ ଲୋକେ ଅପରିଷ୍କାର ଜଳ ବ୍ୟବହାର କରିବା ଏ ରୋଗବୃଦ୍ଧିର କାରଣ ବୋଲି ପ୍ରତିପନ୍ନ ହୋଇ ଅଛି ପ୍ରାୟ ପ୍ରତ୍ୟେକ ଜିଲାରେ ଏରୋଗ ଦେଖାଦେଇ ଥିଲା । ଓଡ଼ିଶାରେ ଏ ରୋଗ ବଡ଼ ପ୍ରବଳ ହୋଇ ଥିଲା ଅଥଚ ଗତ ପୂର୍ବବର୍ଷରେ ଅତ୍ୟନ୍ତ ଊଣା ଥିଲା । କଟକ ଓ ପୁରୀଅପେକ୍ଷା ବାଲେଶ୍ୱରରେ ଏ ରୋଗର ଉତ୍ପାତ ଅଧିକ ଥିଲା ।

ବସନ୍ତରୋଗରେ ୨୨୩୫୯ ମୃତ୍ୟୁ ଘଟିଥିଲା । ସନ ୧୮୮୨ ସାଲରୁ କୌଣସିବର୍ଷ ଏତେଅଧିକ ମୃତ୍ୟୁ ହୋଇ ନାହିଁ । ଅନ୍ୟାନ୍ୟ ସ୍ଥାନମଧ୍ୟରେ କଟକ ଓ ପୁରୀରେ ଏରୋଗ ପ୍ରବଳ ଥିଲା । ଜ୍ୱରରୋଗ ମଧ୍ୟ ଏବର୍ଷ ଯେମନ୍ତ ମାରାତ୍ମକ ହୋଇଥିଲା ଗତ ଦଶବର୍ଷରେ ସେମନ୍ତ ହୋଇ ନାହିଁ । ସନ ୧୮୯୧ ସାଲରେ ଏ ରୋଗରେ ୧୩ ଲକ୍ଷ ୩୩ ହଜାର ଲୋକ ମରିଥିଲେ ସନ ୧୮୯୨ ରେ ୧୬ ଲକ୍ଷ ଲୋକ ନଷ୍ଟ ହେଲେ । ଜଳନିକାଶି ବାଟ ଅବରୋଧ ଏବଂ ମନ୍ଦ ପାନୀୟଜଳ ଏ ରୋଗ ପ୍ରବଳ ହେବାର କାରଣ ବୋଲି ଲିଖିତ ହୋଇ ଅଛି । ଓଡ଼ିଶାରେ ଓଲାଉଠା ଓ ବସନ୍ତରୋଗ ପ୍ରବଳ ଥିବା ପ୍ରଯୁକ୍ତେ ଜ୍ୱରରୋଗ ଊଣା ପଡ଼ିବା ଗୋଟିଏ ପ୍ରଧାନ ବୈଚିତ୍ର୍ୟ ବୋଲିବାକୁ ହେବ ।

ଅନ୍ୟାନ୍ୟ ରୋଗଜନିତ ମୃତ୍ୟୁମଧ୍ୟ ଗତବର୍ଷଠାରୁ ଅଧିକ ଥିଲା । ତହିଁମଧ୍ୟରେ ରକ୍ତାତିସାର ଓ ଅତିସାର ଡାକ୍ତରଙ୍କର ସର୍ବାପେକ୍ଷା ଅଧିକ ଓ ତହିଁରେ ବାଲେଶ୍ୱର ପୁରୀ ଓ କଟକ ଜିଲାରେ ପ୍ରବଳ ହୋଇଥିଲା ।

ବଙ୍ଗଳାର ମ୍ୟୁନିସିପାଲିଟିମାନେ ସ୍ୱାସ୍ଥ୍ୟସାଧନ କାର୍ଯ୍ୟରେ ୧୫ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ହେଁ ବିଶୁଦ୍ଧ ପାନୀୟଜଳ ଯୋଗାଇବାର ବ୍ୟୟ ପୂର୍ବଲକ୍ଷରୁ ଅଧିକ ନ ଥିବାର ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ସନ୍ତୁଷ୍ଟ ହୋଇ ନାହାନ୍ତି ଏବଂ ଭବିଷ୍ୟତରେ ଏହିକାର୍ଯ୍ୟର ଅବଶ୍ୟକତାନୁରୂପେ ଅନୁଭବ କରି ତହିଁର ପ୍ରତୀକାର କରନ୍ତେ ତତ୍ପର ହେବାକୁ ମ୍ୟୁନିସିପାଲିଟିମାନଙ୍କୁ ସାବଧାନ କରିଦେଇ ଅଛନ୍ତି ।

ମୋଫସଲର ସ୍ୱାସ୍ଥ୍ୟସମ୍ବନ୍ଧରେ ସ୍ୱାସ୍ଥ୍ୟକମିସନର ସାହେବ ଲେଖିଅଛନ୍ତି କି "ଗ୍ରାମବାସିମାନେ ଆପଣା ଶରୀର ଓ ଘର ପରିଷ୍କାର ପରିଚ୍ଛନ୍ନ ରଖିବା ବିଷୟରେ ସମ୍ପୂର୍ଣ୍ଣ ମନୋଯୋଗୀ ନୁହନ୍ତି ସେମାନଙ୍କ ଘରର ଚତୁର୍ଦ୍ଦିଗ ନିତାନ୍ତ ମଇଳା । ଗ୍ରାମ-ସ୍ୱାସ୍ଥ୍ୟରକ୍ଷା କଥା ସେମାନେ ଆଦୌ ଜାଣନ୍ତି ନାହିଁ ଏବଂ କହିଲେମଧ୍ୟ ଶୁଣିବେ ନାହିଁ । ଯେତେ ବିଜ୍ଞ ଅଥବା ସୁସ୍ତନାବ ଲେଖି ଶିଖାଅ ସେମାନେ ଇଚ୍ଛାପୂର୍ବକ ସ୍ୱାସ୍ଥ୍ୟରକ୍ଷାର ସାମାନ୍ୟ ଉପାୟମାନ ଅବଲମ୍ବନ ନ କରି ଅସ୍ୱାସ୍ଥ୍ୟକର ପଦାର୍ଥଦ୍ୱାରା ବେଷ୍ଟିତ ହୋଇ ମୃତ୍ୟୁ ଆପଣାଇ ଶତ୍ରୁ ମନେ କରନ୍ତି । କୂପ ଏବଂ ପୁଷ୍କରିଣୀମାନ ଖୋଳାଇ ଦେଇପାରୁ ଅଛି ମାତ୍ର ସେମାନେ ତହିଁର ପୃଥକ୍ ବ୍ୟବହାର ନ କରି ଏକା ପୁଷ୍କରିଣୀର ଜଳ ସ୍ନାନ ପାନ ଲୁଗାକନା ବାସନ ମାଜିବା ଇତ୍ୟାଦି କାର୍ଯ୍ୟରେ ବ୍ୟବହାର କରୁଅଛନ୍ତି । ଶିକ୍ଷାର ଉନ୍ନତିସଙ୍ଗେ ସଙ୍ଗେ ଅବଶ୍ୟ ଏ ଅବସ୍ଥାର ଉନ୍ନତି ହେବ ମାତ୍ର ତାହା ବହୁକାଳସାପେକ୍ଷ । ଅପାତତଃ ଡ୍ରାମ୍ୟଡଷ୍ଟ୍ରିକ୍ଟ ବା ସରକାରଙ୍କୁ ଅଧିକାର ନ ଦେଲେ କିଛି ସଂସ୍କାର ହେବ ନାହିଁ । ଜିଲ୍ଲା ଓ ସ୍ଥାନୀୟ ବୋର୍ଡମାନଙ୍କର ଏ ବିଷୟରେ କିଛି କରିବାର ଅଧିକାର ନାହିଁ ।" ଏଥିକୁ ମାନ୍ୟବର ଲେଫ୍ଟେନାଣ୍ଟ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ମୋଫସଲର ଗ୍ରାମମାନଙ୍କର ଏପରି ଅବସ୍ଥାର ପ୍ରତୀକାର ଗ୍ରାମ୍ୟସମିତି ବିନା ଅନ୍ୟ କିଛି ଦେଖୁନାହିଁ । କିନ୍ତୁ ଏହା ସମିତିଦ୍ୱାରା କାର୍ଯ୍ୟ ହେବ ନାହିଁ କାହିଁକି ଅର୍ଥର ପ୍ରୟୋଜନ । ପ୍ରତେଶୀୟୁକର ଅଥବା ଜିଲ୍ଲା ବୋର୍ଡର ଅର୍ଥରୁ ସାହାଯ୍ୟର ଆଶା ନାହିଁ । ଅର୍ଥସଂଗ୍ରହ କରିବାର ଉପାୟ ମାନ୍ୟବର ଲେଫ୍ଟେନାଣ୍ଟ କଳ୍ପନା କରୁଅଛନ୍ତି । ଶୀଘ୍ର ତାହା ସର୍ବସାଧାରଣଙ୍କୁ ଜଣାଇବେ । ମୋଫସଲର ସ୍ୱାସ୍ଥ୍ୟସାଧନ ଅବଶ୍ୟ ବାଞ୍ଛନୀୟ ମାତ୍ର ଅର୍ଥଗୋଟାଏ କର ବସିଲେ ଲୋକଙ୍କର କଷ୍ଟର ସୀମା ରହିବ ନାହିଁ, ଭରସା କରୁଁ ଏ ବିଷୟରେ ଗବର୍ଣ୍ଣମେଣ୍ଟ ସାବଧାନ ହେବେ ।

---

## ଇନ୍ଦ୍ରଧନୁ ।

ଇନ୍ଦ୍ରଧନୁ ନାମରେ ୧୯ ୮ ପୃଷ୍ଠା ଅଙ୍କର ଗୋଟିଏ ପତ୍ରିକା ଗତ ଗୁରୁବାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରୁ ବାହାରି ଅଛି ଏବଂ ଆମ୍ଭମାନେ ତାହା ଉପହାର ପାଇବାରୁ କୃତଜ୍ଞତା ସହିତ ସ୍ୱୀକାର କରୁ ଅଛୁଁ । ମୁଖବନ୍ଧରୁ ପ୍ରକାଶ ଯେ ସ୍ୱଭାବାନୁସାରେ ଅନିର୍ଦ୍ଦିଷ୍ଟ ସମୟରେ ଏହା ଥରେ ୨ ଦେଖାଦେବ ଏବଂ ଉତ୍କଳ ସାହିତ୍ୟର ଘୋର ବାଦ ପ୍ରତିବାଦ ଅନ୍ତ କରାଇ ରଙ୍ଗିଥିବାରୁ ଜାତୀୟ ଗୌରବ ରକ୍ଷା ନିମନ୍ତେ ଇନ୍ଦ୍ରଦେବ ଏହାକୁ ପଠାଇ ଅଛନ୍ତି । ବର୍ତ୍ତମାନ ବଡ଼ ବଡ଼ା ମହାକବି ଉପେନ୍ଦ୍ରଭଞ୍ଜ ଗଲେ । ସେ କବିତାରେ ସୁଧାମୟ କାବ୍ୟ ପ୍ରକାଶ ଦ୍ୱାରା ଅମର ହୋଇ ରହି ଅଛନ୍ତି । ତାହାଙ୍କ କବିତାର ଅମରତ୍ୱ ନଷ୍ଟ ହେବେ ଏଥିରେ ସନ୍ଦେହ କିଛି ନାହିଁ । ଇନ୍ଦ୍ରଧନୁ ଲେଖକମାନଙ୍କ ଦ୍ୱାରା ତହିଁର ଜାତୀୟ ଗୌରବ ରକ୍ଷା କରିବାକୁ ସମର୍ଥ ହେବ ଏହାହିଁ ଆମ୍ଭମାନଙ୍କର କାମନା ।

ବର୍ତ୍ତମାନ ସଂଖ୍ୟାରେ "ଉତ୍ସବ" ଓ "ଉପେନ୍ଦ୍ରଭଞ୍ଜ" ଏହି ଯୋଡ଼ିଏ ପ୍ରବନ୍ଧ ଓ ତହିଁସଙ୍ଗେ ଅନେକ ପ୍ରକାର ଚିତ୍ର ଅଛି । ପ୍ରଥମ ପ୍ରବନ୍ଧରେ ଇନ୍ଦ୍ରଧନୁ ଆକାଶରେ ପ୍ରତ୍ୟକ୍ଷ ହେବାର ବୈଜ୍ଞାନିକ କାରଣ ବିଶଦରୂପେ ବର୍ଣ୍ଣିତ ହୋଇଅଛି ଏବଂ ଦ୍ୱିତୀୟ ପ୍ରବନ୍ଧରେ ଉପେନ୍ଦ୍ରଭଞ୍ଜଙ୍କର ଗୋଟିଏ ଉପମାର ବିଚାର ହୋଇ ମହାଜନମାନଙ୍କ ରଚନାରୁ ପ୍ରମାଣ ହୋଇଅଛି ଏବଂ ଲେଖକ ଏଥିରେ ବିଲକ୍ଷଣ ଯୋଗ୍ୟତା ଦେଖାଇଅଛନ୍ତି । ଚିତ୍ରର କଥା କ କହିବି । ସେ ଗୁଡ଼ିକ ନାନା ରସଯୁକ୍ତ ଏବଂ ଆମଠାରୁ ଯୋଗାଣ ପର୍ଯ୍ୟନ୍ତ ସବୁ ଉପକରଣରେ ପ୍ରସ୍ତୁତ ହୋଇ ଛାପିକର ହୋଇଅଛି । କେବଳ ଶାଦ୍ୟଲୁ ଏତେ ଚିତ୍ରର ଅଯୋଗ୍ୟ ଦେଖି କେହି୨ ଅସନ୍ତୋଷ ହୋଇପାରନ୍ତି । ବୋଧ ହୁଏ ଅଭୁତ ଛଡ଼ାଇବା ଉଦ୍ଦେଶରେ ଚିତ୍ରର ବାହୁଲ୍ୟ ବ୍ୟବସ୍ଥା ହୋଇଅଛି । ଅନେକ ଉପକାରରେ ଯେପରି ଦୃଷ୍ଟାନ୍ତ ତହିଁରେ ଚିତ୍ରର ଆଦର ଅଧିକ ହେବାର କଥା ଏହା ଚିତ୍ରନିମ୍ନ କାଶେ ଦୁଇପଇସା ଦରରେ ଇନ୍ଦ୍ରଧନୁ କିଣିଲେ ପାଠକମାନଙ୍କର ଅଲାଭ ହେବ ନାହିଁ । ବିକ୍ରିର ମଧ୍ୟ ପ୍ରଚୁର ବନ୍ଦୋବସ୍ତ ହୋଇଅଛି । ଏହି ଛାପାଖାନା ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ନାୟକଙ୍କ ଡାକ୍ତରଖାନା ଅଥବା ବାଲୁବଜାରସ୍ଥ ପଣ୍ଡିତ ଗୋବିନ୍ଦରଥଙ୍କ ପୁସ୍ତକ ଦୋକାନରେ ଦୁଇପଇସା ଦେଇ ଯେ କେହି ଇନ୍ଦ୍ରଧନୁ କିଣିପାରିବେ ।

## ସାପ୍ତାହିକ ସମ୍ବାଦ ।

ଗତମାସ ତା ୧୫ ଶ୍ରାବଣରେ ଦେବୀଗ୍ରାମ ଥାନାର ଗ୍ରାମରେ ମୃତ ବାବୁ ଶ୍ରାବଣ ଘୋଷଙ୍କ ଜମିଦାରୀମାନ ଯାହା ତ ବର୍ତ୍ତମାନ ତାହାଙ୍କ ପୁତ୍ରକନ୍ୟା ଷ୍ଟେଟର ତାଲୁକରେ ଥିଲା ଓ ତହିଁର ସଦରଜମା ପାଞ୍ଚହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅଟେ । ୨୨ ହଜାର ଟଙ୍କାରେ ନିଲାମ ହୋଇଗଲା ଓ ତହିଁସଙ୍ଗେ ଓଡ଼ିଶା ଲାଇବ୍ରେରୀର ଗୋଟିଏ ଶାଖାଦୋକାନ ଥିବ ସେତ ହେଲା । ବଡ଼ ଦୁଃଖର ବିଷୟ ଅଟଇ ।

Digitized by srujanika@gmail.com

Split by PDF Splitter



ଏ ସମ୍ବନ୍ଧରେ ପ୍ରଚଳିତ ସତ୍ୟ ଅନୁସାରେ ଟାଙ୍କର ଓ ଡଙ୍କ ସଙ୍ଗେ ବୋଝ ବୃଦ୍ଧି ହେଉଅଛି ।

ଓଲନ୍ଦାଜମାନଙ୍କର ଏ ଜଙ୍ଗଲରେ ଯୁଦ୍ଧ ଲାଗି ରହିଅଛି ।

ପଞ୍ଚସଭ୍ୟଙ୍କ ନାମର ସମ୍ପତ୍ତି ଚନ୍ଦ୍ରନାଥ ମହାପାତ୍ରଙ୍କ ମୋକଦ୍ଦମା ହାଇକୋର୍ଟରେ ସପକ୍ଷ ହୋଇ ପୁନର୍ବିଚାର ଆଦେଶ ହୋଇଅଛି ।

ବାଲେଶ୍ୱରରେ ଜଣେ ୭୦ ବର୍ଷ ବୁଢ଼ା ଅପଣା ସ୍ତ୍ରୀକୁ ଲାଠି ଦ୍ୱାରା ବାଡ଼ିରେ ମାରି ପକାଇବା ଅଭିଯୋଗରେ ଚାଲାଣ ହୋଇଅଛି । ଏପରି ବର୍ବର ହତ୍ୟା ସମ୍ବନ୍ଧରେ ଲୋକମାନେ ଏହା ଅସ୍ୱ ବୋଲି ଉତ୍ତର ଦେଉଅଛନ୍ତି ।

## କଲିକତା-ଗେଜେଟ ।

ବାବୁ ରାଧାମାଧବ ଜାସୁକ କାଲେକ୍ଟର ଥିବାର ସବ-ଡେପୁଟି ଅଫିସରଙ୍କ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ତୃତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

ଓଡ଼ିଶାର ସବଡିଭିଜନ ଅଫିସର ଜର୍ମନର ବାବୁ ପ୍ରସନ୍ନକୁମାର ମୁଖର୍ଜୀ ତିନିମାସର ଅନୁମତି ଛୁଟି ପ୍ରାପ୍ତ ହେଲେ ।

ବାବୁ ବୈକୁଣ୍ଠନାଥ ଦାସ ମୃତ ବାବୁ ଗୋବର୍ଦ୍ଧନଙ୍କ ପୁତ୍ରଙ୍କ ସ୍ଥାନରେ କାଲେକ୍ଟରରେ ୧୮୯୨ ସାଲର ୩ ଅଧିକାରୀରେ ବାହାଦୁର ଡେପୁଟୀର ପଦରେ ନିଯୁକ୍ତ ହେଲେ ।

---

ଉତ୍ତର ପଶ୍ଚିମାଞ୍ଚଳର ପାହାଡ଼ିଅଞ୍ଚଳମଧ୍ୟର ଓଲଗଠା ସେଉ ଉପତ୍ୟକାରେ ପ୍ରବଳ ହେବାରୁ ଜ ୮ ଶ ପୁରୁଷ, ଜ ୭ ଶ ସ୍ତ୍ରୀ ଓ ଛଅଟି ବାଳକ ସମୁଦ ପଇକାଇଟିଏ ସ୍ଥାନକୁ ପଳାଇ ଗଲେ ମାତ୍ର ସେମାନଙ୍କର ବନ୍ଧୁବାନ୍ଧବମାନେ ସେଉ ନସ୍ତରେ ଅଶକ୍ତ ନ ହେବାରୁ କୌଣସି ସ୍ଥାନରେ ଠାବ ନ ପାଇ ବୁଲୁଁ ବୁଲୁଁ ସୁବର୍ଣ୍ଣ ଓ ଅନଙ୍ଗଭଙ୍ଗ ଦଳ ସେସନସ୍ତ ହୋଇ ଜାଲନ୍ଧରରେ ପତିତ ହେଲେ । ଏବଶ୍ୟ ବ୍ୟକ୍ତିମାନେ ଲଣ୍ଡନନଗରକୁ ଫେରିଅଛି ଅପଣା ପ୍ରକୃତରେ ଅର୍ଣ୍ଣବରାଜ ଜେଠ ଜନନ୍ତ୍ରା ଉଷଙ୍କରେ ପଡ଼ି ପୋଡ଼ି ମଲେ । କି ଦୁଃଖାଜନକ ବ୍ୟାପାର !

ଅଷ୍ଟ୍ରିଆରେ ଗୋଟିଏ ବୃହତ୍ ଜଙ୍ଗଲ ସ୍ଥାନ ଦଗ୍ଧ ହୋଇଅଛି । ତାହା କୋ ତଳକୁ ଠାରୁ ସୁ ୧ ଶ ବର୍ଷ ହୋଇ ନଷ୍ଟ ହୁଅଇ ।

ଅମୃତସରରେ ଗତ ଦିନ ଶୁଣି ଅଛନ୍ତି ଯେ ଲୋକଙ୍କ ଗୋରକ୍ଷଣୀ ସଭାର ସମ୍ପାଦକ ମାଜିଷ୍ଟ୍ରେଟଙ୍କ ଅଦେଶନରେ ଗିରଫ୍ତାର ହୋଇ ଅଛନ୍ତି । ହିନ୍ଦୁ ମୁସଲମାନମାନଙ୍କ ବୋଧ ଯେଉଁ ଗୋରକ୍ଷଣୀ ସଭାର ଶପଥ ଉଠୁଅଛି ।

ଜଣେ ସାହେବ ଏକ ଜାଠର ଉଲ୍କାର ବାହରେ ଥିବା ଛତ୍ରୀକାନାରେ ପ୍ରଥମେ ଏହି କଥା କହି ଯାଇ ଅଛନ୍ତି ଯେ “ ଅଣ୍ଡା ମହାଜ ଛତ୍ରୀରେ ଶୀଘ୍ର ଉଦଗୀର ହେଉ ହେବ ।” କେବଳ ପାଗଳ ହେବ ପର । ମାତ୍ର ଏପରି ପାଗଳକୁ ଅଟକ ନ କଲେ ଅନର୍ଥ ଘଟି ପାରେ ।

ନବଦ୍ୱୀପର ପ୍ରସିଦ୍ଧ ନୈୟାୟିକ ମହାମହୋପାଧ୍ୟାୟ ଭୁବନମୋହନ ବିଦ୍ୟାରତ୍ନ ଗତ ମାସ ତା ୩ ଦିନ ବୃନ୍ଦାବନ ନଗରରେ ଜନ୍ମଭୂମି ସେବାରେ ପ୍ରାଣ ତ୍ୟାଗ କରିଅଛନ୍ତି । ବର୍ତ୍ତମାନ ସମୟରେ ଏ ମହାଶୟ ବଙ୍ଗଦେଶର ସର୍ବପ୍ରଧାନ ନୈୟାୟିକ ଥିଲେ । ଏହାଙ୍କ ମୃତ୍ୟୁରେ ସର୍ବସାଧାରଣ ଦୁଃଖିତ ।

କପାଳଶ୍ରିଲ୍ଲ ତଳ ପ୍ରସ୍ତୁତ କରିବାର ଉପାୟ ଅବଲମ୍ବିତ ହୋଇଅଛି । କଥିତ ବୃକ୍ଷର ଏ ତଳ ଅଭ୍ରବଳର ତଳ-

ଠାରୁ ମିଠା । ଖଇଲ୍ ପୋଷାଇଲେ ବହୁ ସୁଖର କଥା ହେବ ।

ହାଇଦ୍ରାବାଦ ନାମକ ଏକ ଅଞ୍ଚଳର ଜାହାଜ ସେହିଠାରେ ଅଟକିଥିବା ସମୟରେ ଭଲ୍ଙ୍କର ବନ୍ଦର ଦୁର୍ଘଟନାରେ ଜାହାଜଟି ବଡ଼ ଯାଇ ନାଶ ହେଲା ଶୁଣାଯାଇଥିବାର ସମ୍ବାଦ ଦିଅଇ ।—ମୂଲ୍ୟ କେତେ ହଜାର ନ ହୁଏ ।

କଟକରେ ବର୍ତ୍ତମାନ ପଚ୍ଛ ଛଳ ଥିବ ଉଂବର୍ଜ-ଲୁଆ ଇତ୍ୟାଦିରୁ ଭେଣ୍ଟ ହୋଇଥିବ । ସେ ଲୋକ ପଞ୍ଚଳ ପ୍ରସିଦ୍ଧ ହୋଇ ପରେ ପଲାଇ ଏକ ଜନ୍ମା ଜାତ ହୋଇ ଏସ । ଏ ଜନ୍ମ ପଙ୍ଗୀ ଓ ଜଳଜାଲ ବଢ଼ାଏ ଏହା କରୁଥିବାର ସମ୍ବାଦ ଦିଅଇ ।

ହିମ୍ମ ଗଡ଼ରେ ଉଠିବାର ହଲମାର୍ଜା ଖଅସିବାରି ସେଠ ସ୍ତ୍ରୀ ୧୫ ଟାହା ସ୍ଥାନୀୟଲୋକେ କରେଖ କାଟୁ ବଠ ଉପେକ୍ଷାକରି ରଜତ ମଧ୍ୟାନ୍ୟେଉ ବର୍ତ୍ତମାନ ଗୃହରେ ବାଦାନୁବାଦ ଉପସ୍ଥିତ ହୋଇ ଓ ଲର୍ଡ଼ ନର୍ଥବ୍ରୁକ୍ ଦଣ୍ଡଭଞ୍ଜକରେ ଏ ଦ୍ୱାର ସ୍ଥଗିତ ଅନୁଷ୍ଠେୟ ଥିବାର ଅଗ୍ରେ ବ୍ୟକ୍ତ କରୁଥିଲେ ।—ଦେଖାଯାଉ ପରିଣାମ କ ହେବ ।

ଇଣ୍ଡିଆଠାରୁ ଅଧିକ ସମ୍ବନ୍ଧ ଉପାୟ ଯେ ବଙ୍ଗଳାର ଭାରତ କୌନ୍ସିଲ (Indian Council) ଉଠାଇ ଦେବାକାରଣ ଯେଉଁ ଅଟଳ ଆଣ୍ଡ୍ରୁପି ପ୍ରସ୍ତୁତ ହୋଇ ଥିଲ ତାହାକୁ ସଭ ଉଇଲସନ ହେନେରୀ ଏକ ଦାତାଙ୍କର ନାଲେଜ୍ ଦେଖାଇପ୍ରସ୍ତୁତ ସଂଶୋଧନ କରୁଅଛନ୍ତି । ଏଥିରେ ଭାରତ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ପାର୍ଲିମେଣ୍ଟରେ ବର୍ଣ୍ଣିତ ସ୍ତର ବଂଶ ବର୍ଷରେ ଉଦ୍ଧୃତ ହେବାର କଥା ହୋଇଅଛି ଅସ୍ମାନଙ୍କ ଅନୁରୋଧରେ ଏପରିର ଭାରତ ସମ୍ପୃକ୍ତ କେବଳ ପରକୁ ବନ୍ଦ ହୋଇ ପଡ଼ୁଅଛି । ତାହା ଉଠିଯିବା ଏଥି କହନ୍ତୁ ।

ରଙ୍ଗପୁର ମଠରେ ଏକ ସନ୍ନ୍ୟାସୀ ଥିଲ ପଡ଼ିଅଛି । ଏହା ଲମ୍ବରେ ଫୁ ୩୭ ।

କଲିକତାର ଲୋକମାନେ କାର୍ଯ୍ୟ କରୁ ୨ ଜ ୫ ଶ ବୟଃପ୍ରାପ୍ତ ପୁରୁଷ ଏବଂ ଦ୍ୱାଦଶବର୍ଷର ଗୋଟିଏ ବାଳକ ଓ ଗୋଟିଏ ବାଳିକା ମର ପଡ଼ିଥିବାର ସମ୍ବାଦ ମିଳଇ ।

କାଶ୍ମୀରର ମହାରାଜାଙ୍କର ଦ୍ୱାଦଶବର୍ଷ ବୟସ୍କା ଏକମାତ୍ର କନ୍ୟାର ମାନଚରିତ ସମ୍ବନ୍ଧ ହୋଇଥିବାର ସମ୍ବାଦ ମିଳଇ ।

ଟୌଡ଼ମଟ୍ଟା ସମ୍ମୁଖରେ ସିଂହଗୋଠାରେ ଏକ ବୃହତ୍ ଘଟିତ ବଟିମାର ସମ୍ବାଦ ମିଳଇ । ଗତ ୨ ପ୍ରଶ୍ନପଥମାନେ ଏଥିରେ ଗଭୀର ସ୍ଵରୂପ କାର୍ଯ୍ୟ କରିବାର କଥିତ ହୁଏ ।

ବଳଂଗୋଟରେ ପଞ୍ଜାବର ଅନେକ ବଳଦ ଓ ଗ୍ରାମ ଜଳମଗ୍ନ ହୋଇ ଯାଇଥିବାର ସମ୍ବାଦ ମିଳଇ । ଅନେକ ଲୋକ ଗୃହହୀନ ହୋଇ ଯାଇଅଛନ୍ତି ।

ଭାରତର ପଶ୍ଚିମସୀମା ପ୍ରଦେଶରେ ପୁଣି ଗୋଳମାଳ ହୋଇଥିବାର ସମ୍ବାଦ ମିଳଇ । କଥିତ ହୁଏ ତାନଠାରେ ଇଂରେଜମାନେ ଏବ୍ ପଞ୍ଜାବ ଅସ୍ତ୍ରଶସ୍ତ୍ର ସେଠାର ଦୁଇଜଣ ଧୂଆଳ ଓ ଏକଜଣ ଇଂରେଜ ପଣ୍ଡିତଙ୍କୁ ମାର ପକାଇ ଅଛନ୍ତି । ଏ ସମ୍ବାଦ ସତ୍ୟ ଥିବାର ଜଣା ଯାଇ ନାହିଁ । ସତ୍ୟ ହେଲେ କଷ୍ଟର କଥା ।

ବାଙ୍କୁଡ଼ାର ମୃନ୍ମୟୀ ବାଣ୍ଡରେ ଗତ ବୈଶାଖ ତା ୨୭ ଦିନରେ ଜଣେ ଲୋକର ନାସ୍ତିକବାଦ ଲୋକଙ୍କ ଚକ୍ଷୁରେ ଅନ୍ଧ ହୋଇ ପଡ଼ିଲ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜ ୨ ଶ ମନୁଷ୍ୟମାନ ତାହାକୁ ଦେଖିବା କରିବାକୁ ଯାଇ ଜଣେ ସର୍ପଦଷ୍ଟ ହୋଇ

ଶୋଷିତ ଏବଂ ଅନ୍ତରର ମଧ୍ୟରେ ସେ ଲୋକ ଅଚେତନ ହୋଇ ଥିଲା ।

ଶ୍ରୀସରକାରଙ୍କ ଦରବାରରେ ଉଭୟପାର୍ଶ୍ୱର ସାଦରକୁ ଯୋଗ କରି ଗୋଟିଏ ନାଳ ଖୋଳା ହେଉଥିଲ । ଏହାର କାର୍ଯ୍ୟ ଶେଷ ହୋଇ ଗତ ଜ୍ୟେଷ୍ଠ ମାସ ତା ୨୦ ଦିନରେ ଗଡ଼ାଯାଇ ନଗରୀରେ ପହଞ୍ଚିଅଛି । ସ୍ୱୟଂ ଶ୍ରୀଶ୍ରୀଙ୍କ ଉପସ୍ଥିତ ଥାଇ ମହାଯଜ୍ଞମାନଙ୍କରେ ଏହାର ପ୍ରତିଷ୍ଠା କରିଥିଲେ ।

ଜର୍ମାନୀଠାରେ ସେଠା ଡାକ୍ତର କୋଖସାହେବ କ୍ଷୟକାଶ ରୋଗରେ ଅବ୍ୟର୍ଥ ଔଷଧ ଆବିଷ୍କାର କରିବା ସମୟରେ ଭଲ୍ଲାକର ଅନେକ ଉପସ୍ଥିତ ହୋଇଥିଲେ ଏବଂ ସେଠା ଲୋକେ ସେହି ଅନେକରେ ମାତ୍ର ଯେଉଁ ଘରେ ଡାକ୍ତର ଜନ୍ମଗ୍ରହଣ କରିଥିଲେ ସେଠାରେ ତାଙ୍କର ସ୍ମୃତି ଚିହ୍ନାର୍ଥ ଏକ ଶୋଭିତ ପ୍ରସ୍ତର ସ୍ଥାପନ କରିଥିଲେ । ପରେ କୋଖସାହେବଙ୍କ ଔଷଧ ବ୍ୟର୍ଥ ହେବାରୁ ଲୋକେ ଉତ୍ସାହ ଭଙ୍ଗ ହେଇ ଉକ୍ତ ଶୋଭିତ ପ୍ରସ୍ତର କେହି ଫେରାଇ ନେଇ ଗଲେ । ଏଥିରେ ସେଠା ଲୋକେ ଦୁଃଖିତ ନ ହୋଇ ବରଂ ଆନନ୍ଦିତ ହୋଇ ଅଛନ୍ତି ।

ହୁଗଳିର ଚନ୍ଦ୍ରା ନାମକ ଗ୍ରାମରେ ଗତ ମାସ ତା ୨୦-ଦିନରେ ଏକପ୍ରକାଣ୍ଡ ଡକାୟତି ହୋଇଥିବାର ସମ୍ବାଦ ମିଳଇ । ଡକାୟତମାନେ ସଶସ୍ତ୍ର ହୋଇ ମଧ୍ୟରାତ୍ରରେ ଏକ ମାଲୁଅଡ଼ି ଧନୀ ଲୋକର ଘରକୁ ପଶି ୧ ଘଣ୍ଟା ସମୟରେ ଷୋଳସହସ୍ର ଟଙ୍କା ନେଇଗଲେ । ପରେ ଶତ୍ରୁଲୋକେ ପୁଲିସ ଚୌକି ଆଗରେ ଉପସ୍ଥିତ ହୋଇ ଗ୍ରାମର ସର୍ଦ୍ଦାରଙ୍କୁ ସନ୍ଦେହ କରି ଧୃତ କଲେ ମାତ୍ର ତାହାକୁ ଧରିବାର ୧ ଘଣ୍ଟା ମଧ୍ୟରେ ସେ ପୁଲିସଠାରେ ଥାଇ ମରିଗଲା । ମାଜିଷ୍ଟ୍ରେଟ ଏ ସମ୍ବାଦ ପାଇ ଉଦ୍ଧାର ଅନୁସନ୍ଧାନ କଲେ ଏବଂ ଏଥିରେ ଲିପ୍ତଥିବା କେତେଜଣ ପୁଲିସକର୍ମଚାରୀ ବର୍ତ୍ତମାନ ଜାମିନରେ ମୁକ୍ତ ଅଛନ୍ତି ।

ଅସ୍ମାନଙ୍କର ଶ୍ରୀମତୀ ମହାରାଣୀଙ୍କର ମହୋଦୟା ଅପଣା ସେନାର ଏକ ରେଜିମେଣ୍ଟ ନଗ୍ନସର ମହାରାଜାଙ୍କ ପ୍ରତାପ ଦେଇ ଥିବାର ସମ୍ବାଦ ମିଳଇ । ଏ ପଦ ପ୍ରଦାନ କରିବା କାରଣ ଜଣେ ମହୋଦୟଙ୍କ ସ୍ୱହସ୍ତଲିଖିତ ପତ୍ର ଦେଇ ଦୂତ ସାହେବ ଗତ ମାସ ତା ୨ ଦିନରେ ମହାରାଜ ଙ୍କ ସଭାକୁ ଆସିଥିଲେ । ତୁରନ୍ତ ଦରବାର କରାଇ ସାହେବ ମଧ୍ୟ ମହାରାଜାଙ୍କ ହସ୍ତରେ ଅନେକପ୍ରକାର କର୍ପୋରେଟ ଲେଫ୍ଟେନାଣ୍ଟ ସଙ୍ଗେ ନଜରଦେଇ ଦେଇ ସାରିଥିଲେ । ମହାରାଜାଙ୍କ ଏଥିରେ ଅତ୍ୟନ୍ତ ଖୁସି ହୋଇଅଛନ୍ତି ।

ପୁର୍ବକର ମହାରାଜା ରମନକୃଷ୍ଣସିଂହ ବାହାଦୁରଙ୍କ ବୃଦ୍ଧ କୁମାର ପ୍ରମୋଦଚନ୍ଦ୍ର ସିଂହ ବାହାଦୁର ଗତ ମାସ ତା ୨୧ ଦିନରେ ଗୋଟିଏ ଦୁର୍ଘଟଣାରେ ମାରିଥିବାର ସମ୍ବାଦ ମିଳଇ । ଏହାର ଉମ୍ର ଥା ୧୯ ବ । ମଫସଲ ଦେଶରେ ସାଟ ଗୋଟିଏ ତିନିଷଣ୍ଢ ଘୋଡ଼ାରେ ଥିଲ । ମାଟ ଗୁଡ଼ାର ଅଗ୍ରଭାଗରେ ସଞ୍ଚାଳି ପାଇ ମୃତ୍ୟୁବସ୍ଥାରେ କରି ଛାଇସ ମାନଙ୍କ ଦେଖି ତତ୍କ୍ଷଣାତ୍ ତାଙ୍କୁ ବାନ୍ଧି କରି ପକାଇଲ । ତଦନ୍ତ ଲିଖିତ ଦିନରେ ତା ୨ ଠାରୁ ତା ୩ ର ମଧ୍ୟରେ ଏକ ଲକ୍ଷ ଦଣ୍ଡ । ଅପରିଷ୍କାର ଦେଖ ପର୍ଣ୍ଣ ତା ୨ ଠ ।

## ସ୍ଥାନୀୟ-ସମ୍ବାଦ ।

ଗତ [illegible] ସପ୍ତ ରବିବାର ସନ୍ଧ୍ୟାରେ ଦକ୍ଷିଣପାର୍ଶ୍ୱମଠର ମହନ୍ତ ଭଗବାନ ରାମାନୁଜଦାସ ବାଳଗୋପାଳ ହୋଇ ବାଇକୁଣ୍ଠବାସୀ ହୋଇଅଛନ୍ତି । ମଠର ସମ୍ପତ୍ତି ସମ୍ପ୍ରତି ଉକ୍ତ ମଠର ପୂଜାହାରିଙ୍କ ନାମରେ ଜାରି ହୋଇଅଛି ।

Digitized by srujanika@gmail.com

Split by PDF Splitter



ସ୍ନାନଯାତ୍ରାରେ ଥିବା ବୈଷ୍ଣବମାନଙ୍କମଧ୍ୟରୁ ଛୋଟିଏ ବୈ-ଷ୍ଣବଗୋଷ୍ଠୀ ଚାନ୍ଦଘଡ଼ା ଯାତ୍ରା କରୁଅଛନ୍ତି । ଏପରୁ ଯାତ୍ରା ପୂର୍ବେ ଦୃଷ୍ଟ ହୋଇ ନ ଥିବାରୁ ଲୋକେ ସେଠାରେ ଜନ ଜନତା ହେଉଅଛି । ଏହି ସ୍ନେହମଧ୍ୟରେ ରାମ, କୃଷ୍ଣ, ସୀତା ପ୍ରଭୃତି ବେଶରେ ଗୁଡ଼ିଏ ବେଶ ଅଦ୍ଭୁତ ପ୍ରଶଂସନୀୟ ହୋଇ ଅଛି ।

ସମ୍ପ୍ରତି ଯାହି କାହାଣୀଗୀତାରୁ ଓଡ଼ିଆ ଲେଖୁଛୁ ପଣ୍ଡିତମାନଙ୍କ ଶାନ୍ତ ଅଛି । ଏହି ଗଳ୍ପ ବଡ଼ ଛାପ ହେଉଅଛି ।

କୋଣାର୍କ ଜଗନ୍ନାଥମୂର୍ତ୍ତି ଯାତ୍ରୀମାନଙ୍କୁ ଦେଖାଇ ବଡ଼ ଦେଉଳ ଭାରୁ ସେବୃତ୍ତାନ୍ତ ଅନ୍ୟାନ୍ୟ ମୂର୍ତ୍ତିମାନ ସାଧୁଦଳକୁ ଯିବାର ଆୟୋଜନ କରିଅଛି । ଏହି ସେ ଶେଷରେ ଗତ ମାସ ତା ୧୬ ରତ ଶନିବାର ରାତ୍ରି ଦୁଇଟାରେ ପ୍ରଧାନ ୨ ପଣ୍ଡିତମାନେ ଏହି ମତ ମନ୍ତ୍ରପୂତ ଅସ୍ତ୍ରମାନ ଦେଇ ସମ୍ପ୍ର-ଦାନରେ ଉପସ୍ଥିତ ହୋଇ କୋଷ୍ଠୀଏଭଳି ବୋଧହୁଏ ବେଦରେ କାଁ ଦେଇ ଅଛନ୍ତି, ମାତ୍ର ପଣ୍ଡିତମାନେ ଦୁଇ ଦେବ-ମୂର୍ତ୍ତିମାନ ସ୍ଥାନାନ୍ତରିତ ହେବା ଶାସ୍ତ୍ରବିହିତ ଥିବାର କାଁ କରି ଶାସ୍ତ୍ରୀୟପ୍ରମାଣ ଦେବାକୁ ଅଙ୍ଗୀକୃତ ହୋଇଅଛନ୍ତି ।

ଭୁବନେଶ୍ୱର ମନ୍ଦିରର ଫଟକମାନ ସୁନ୍ଦରରୂପେ ନ ଉଠି-ବାର ପୂର୍ବଃ ପୁଣି ବଡ଼ ଦୁଃଖିତ ହେଉଅଛୁଁ । ଆଶା କରୁଁ କାର୍ଯ୍ୟକର୍ତ୍ତାମାନେ ଉଚିତରୂପେ ଫଟକମାନ ସୁବିଧାରୂପେ ଉଠାଇ ବନ୍ଦୋବସ୍ତ କରିବେ ।

## ପ୍ରେରିତପତ୍ର ।

**ପ୍ରତିପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।**

**ଶ୍ରୀଲଶ୍ରୀଯୁକ୍ତ ମହାମାନ୍ୟ ଉତ୍କଳଦୀପିକା ସମ୍ପା-ଦକ ମହାଶୟ ସମୀପେଷୁ**

ମହାଶୟ,

ଆପଣଙ୍କର ଗତପତ୍ରିକାରେ ଜନୈକମିତ୍ର ପତ୍ର ଲେଖି ଦେଇଥିବାର ଠିକ୍‌ଠାକ ପ୍ରମାଣ ଦେଇ ତାହା ବସ୍ତୁତଃରୂପେ ବୁଝାଇ ଦେବା ଓ ଲବଣ୍ୟବତୀକୁ ଉପେନ୍ଦ୍ରଭଞ୍ଜଙ୍କ ସ୍ୱକୃତ ଓ ଧର୍ମସ୍ତ୍ରୀରୂପ ପ୍ରମାଣ କରିବା ମାନସରେ " କ୍ରମଶଃ " ବୋଲି ଲେଖିଥିଲୁଁ ମାତ୍ର ଏସମସ୍ତେ ନଣ୍ଡିବାକୁ ଉତ୍କଳଅବାସ ଅବସ୍ଥାରେ ଉନ୍ନତ ହେବାକୁ ପ୍ରକାଶ ଉପଯୋଗୀ ବିଷୟମାନ ଥିବ ଏଥିରେ ଲେଖିବି ନାହିଁ କେ ବିଷୟମାନ ଏବଂ ପରସ୍ପରି-ବିଷ୍ଣୁବସ୍ତୁତ ବିଷୟମାନ ଜାଣିବାର ଇଚ୍ଛା ହେଲେ ପାଠକମାନେ "ଇନ୍ ଥନ୍" ଦେଖନ୍ତୁ । କେବଳ ଅମୂର ପ୍ରକୃତ ନାମ ଦାଖିଲ ପ୍ରକାଶ କରନ୍ତୁ ନାହିଁ ବା କରନ୍ତୁ ନାହିଁ ତାହା ଜନ୍ମ ଆପଣଙ୍କ ପାଠକମାନଙ୍କଠାରୁ ବିଦାୟ ନେଉ-ଅଛୁଁ ।

ଅମ୍ଭେ ଉପେନ୍ଦ୍ରଭଞ୍ଜଙ୍କ ସମ୍ବନ୍ଧରେ କେବଳ ଯୁକ୍ତି ଦେଉଅଛୁଁ ଏଣୁକରି ସୁବିଖ୍ୟାତ ବର୍କ ସାହେବଙ୍କ ପରିଷଦ ବିଦ୍ଧକର୍ମଗତ ସୂତ୍ରରେ ଯେ ଲେଖାଅଛି "If what this society has thought proper to send forth had been a piece of argument, *it would have signified little whose argument it was. It would be neither the more nor the less convincing on account of the party it came from*" (Burke's Works Vol. II page 281 George Bell and sons Edition) ଅର୍ଥାତ୍ ( ମୋଟାମୋଟି ) ଏଣୁ ଯୁକ୍ତି କଲ ଏବଂ ଜାଣିବାଦ୍ୱାରା ଯୁକ୍ତି ଅଧିକ ବା ଅଳ୍ପ ଯୁକ୍ତିଯୁକ୍ତ ହୁଏ ନାହିଁ ଏହି ଆଦ୍ଧର ଅନୁସରଣ କରି ଅମୂର ପ୍ରକୃତ ନାମ ପ୍ରକାଶ କରୁ ନାହୁଁ ପୁଣି "ଚାନ୍ଦର ହାଟରେ ଶାଳଗ୍ରାମ" ଇତ୍ୟାଦି ନାହିଁକି କହୁଥିଲୁଁ ତାହା ପରେ ପ୍ରକାଶ କରିବୁ ଉଉମଧ୍ୟରେ ପ୍ରାର୍ଥନା ଏହିକି ଯେ କେହିଁ ଆଉ ଅଳ୍ପ ଦିନରେ ସମ୍ବଲପୁର ହିତୈଷିଣୀ " ଗୋଲାପ-ଣାତ-ପାଠକ " "ଦେଉକଳା" ପ୍ରଭୃତ ପାଠ କଲେ ସେ ତାହା ବୁଝାଇ ଦେବେ ଇତି ।

| | |
|---|---|
| କଟକ<br>୧୨।୮।୯୩ | ଆପଣଙ୍କର କଣମୃତ<br>ବୋଲିବଧଦା |

---

ମହାଶୟ !

**ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାର ଧାର୍ଯ୍ୟରେ ଅମ୍ଭ ନିବେଦନ ପ୍ରସଙ୍ଗ ଲୁଣ୍ଟେଶ କରନ୍ତୁ ।**

ଶ୍ରୀ ଶ୍ରୀ ମହାମହିମ ପ୍ରବଳ ପ୍ରତାପ ଗବର୍ଣ୍ଣମେଣ୍ଟ ଓଡ଼ିଶା ପ୍ରଥମ ବିଜୟ ସମୟରେ ଯେ ମହାଶୟ ଯ ଯୁଦ୍ଧସେନାଙ୍କୁ ସାହାଯ୍ୟ କରି ସନ ୧୮୦୩ ମସିହାରେ ଜଣ୍ଟରସ୍ୱରୂପ ମାଲୁଦ ଓଁଚେଇର ପାଞ୍ଚପ୍ରଗଣା ଜାଗି-ଗିର ପ୍ରାପ୍ତ ହୋଇ ପ୍ରଶଂସିତ ଗଭର୍ଣ୍ଣମେଣ୍ଟକର ପରମପ୍ରୀତିସମ୍ପାଦକ ଥିଲେ । ସେହି ସ୍ୱର୍ଗୀୟ ଫତେମହମ୍ମଦ ଜାଗିରଦାର ସାହେବଙ୍କର ଲଢ଼ଇରୁ ପ୍ରାପ୍ତ ଅଧିକାଂଶ ଉତ୍ତରାଧିକାରୀଙ୍କୁ ଛାଡ଼ିଅଛୁ ଉକ୍ତ ଜାଗିରଦାରଙ୍କର ପୌତ୍ର ମହାମାନ୍ୟ ସିଦ୍ଧ ଶ୍ରୀ ଜମାଦାର ସେଖ୍‌ଜମିଲଉଦ୍ଦୀନ ମହମ୍ମଦ ଜାଗିରଦାର ସାହେବଙ୍କର ଗତମାସ ତା ୨ ରଖ ସୋମବାର ସ୍ୱର୍ଗାରୋହଣ ହେଲା । ଏ ମହାଶୟ ପରମଦୟାଳୁ ଧାର୍ମିକ ସାଧୁଙ୍କ ପ୍ରଜାମଣ୍ଡଳରେ ଚନ୍ଦ୍ରତୁଲ୍ୟ ଥିଲେ ଏହାଙ୍କ ବୟଃକ୍ରମ ୬୫ ବର୍ଷ ପର୍ଯ୍ୟନ୍ତ ହୋଇଥିଲା ଏ-ଆପଣଙ୍କ ମୃତ୍ୟୁରେ ଜାଗିରମହାଲର ପ୍ରଜାବର୍ଗ ଅଯୋଧ୍ୟା ନରେଶ ମହାରାଜ ଦଶର-ଥଙ୍କ ମୃତ୍ୟୁକାଳୀନ ଉପାୟ ପ୍ରଜା ଯେପରି ଶୋକ-ମଗ୍ନ ହୋଇଥିବାର ବର୍ଣ୍ଣିତ ଅଛି ତଦ୍‌ରୂପ ଶୋକାଭିଭୂତ ହେଲେ । ପରେ ସ୍ୱର୍ଗୀୟ ଜାଗିର-ଦାରଙ୍କ ଜ୍ୟେଷ୍ଠପୁତ୍ର ଜାଗିରଦାରଗାଦି ଗ୍ରହଣ କରି ଜାଗିରମହାଲସମ୍ପଦରେ ଅଭିଷିକ୍ତ ହେବାରୁ ପ୍ରଜାବର୍ଗଙ୍କର ସମାଇଷେବ-କାଳୀନ ଚାଲ ହେବା ଅଜଦଭୂଳ୍ୟ ମହାନନ୍ଦ ଲାଭ ହୋଇଅଛୁ । ପ୍ରଶଂସିତ ଜ୍ୟେଷ୍ଠପୁତ୍ରଙ୍କର ଅଭିଷେକକାଳୀନ ସିଦ୍ଧ ଶ୍ରୀ ଜମାଦାର ସ୍ୱର୍ଗ-ଭୂଷ୍ଟାନ ମହମ୍ମଦ ଜାଗିରଦାର ସାହେବ ନାମ-ଧୂର୍ଯ୍ୟକରି ସ୍ୱତ୍ୱରତ ହେଲା । ପୂର୍ବେ ଏ ଆପଣଙ୍କ ନାମ ଯାଇଥି ମିର୍ଜ୍ଜା ସେଖ ଭୂଷ୍ଟାନ ମହମ୍ମଦ ବୋଲି ପ୍ରକାଶ ଥିଲା, ନୂତନ ଜାଗିରଦାର ସୌଜନ୍ୟମାର୍ଯ୍ୟ ମର୍ଯ୍ୟାଦା ଦୟା କ୍ଷମାଦି ବ୍ୟବ-ହାରରେ ଅତ୍ୟନ୍ତ ଶ୍ଲାଘନୀୟ ଅଟନ୍ତି । ଇତି । ତା ୧୨।୮।୯୩ ମସିହା ।

ବଶମୃଦ

**ଆପଣଙ୍କ ସ୍ନେହାଧୀନ ଶ୍ରୀ କାଷ୍ଠାଳିଶ୍ ନେନା ।**

। ଖା । କସବା । ପ୍ର । ମାଲୁଦ

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ରଘୁନାଥ ମିଶ୍ର କଟକ | ୪ ୮ |
| „ ଜଗନ୍ନାଥ ଦାସ ଅଠମଲ୍ଲିକ | ୪ ୩ |
| „ ନାରାୟଣପୁର କଟକ | ୪ ୨ |
| „ ରଘୁନାଥ ମହାନ୍ତି ବାଲେଶ୍ୱର | ୪ ୩ |
| „ ଚନ୍ଦ୍ରଚୂଡ଼ ଦାସ ସାଙ୍ଗୁଡ଼ | ୪ ୩ |
| „ ଜଗବନ୍ଧୁ ସ୍ୱାଇଁ ଚିଲ୍କା | ୪ ୩ |
| „ ପଦ୍ମଚରଣ ଦାସ ବାଙ୍କୋଇ କଟକ | ୪ ୩ |
| „ ଲକ୍ଷ୍ମୀନାରାୟଣ ଦାସ ଚୌଧୁରୀ | ୪ ୪ । |
| „ ମାର୍କଣ୍ଡ ମହାନ୍ତି ହେଡ୍‌କନଷ୍ଟେବଲ ଏରସମା | ୪ ୨ |

---

# ବିଜ୍ଞାପନ ।

**ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କର ମନ୍ଦିରର ଜୀର୍ଣ୍ଣସଂସ୍କରଣବିଷୟକ ଚାନ୍ଦା ।**

| | |
|---|---|
| ପୂର୍ବ ସ୍ୱୀକାର ସମଷ୍ଟି | ୪ ୧୦୦୮୭୪/୨ |
| ବାବୁ କାର୍ତ୍ତିକଚନ୍ଦ୍ର ଦାସ ଡେପୁଟି ଇନସ୍ପେକ୍ଟର | |
| ସେକେଣ୍ଡ, ଗ୍ରାଣ୍ଟ ଫଣ୍ଡ, ଘଟୁଣ | ୪ ୨୫ |
| „ ପୂର୍ଣ୍ଣଚନ୍ଦ୍ର ସରକାର ପାବନା | ୪ ୨ |
| „ ଲକ୍ଷ୍ମୀନାଥ ରଥ, ଓଭରସିଅର ସୋରାନ | ୪ ୨ |
| „ ଛକୀନାଥ ପଢ଼ିଆରୀ ଏକଡ଼ | ୪ ୨ |
| „ ଦାମୋଦର ସରକାର, ହିଞ୍ଜିଳି | ୪ ୪ |
| „ ରାମନାରାୟଣ ରଥ, | ୪ ୨ |
| „ ଲକ୍ଷ୍ମୀନାରାୟଣ, ଛତର | ୪ ୩୦ |
| ରାୟ ଭାଗବତ ପ୍ରସାଦ ମହାନ୍ତି ବାହାଦୁର ଉପସ୍ଥ | ୪ ୧୦ |
| ବାବୁ ହରପ୍ରସାଦ ସିଂହ, | ୪ ୪ |
| „ ଜାନକୀ ସିଂହ | ୪ ୪ |
| „ ମଙ୍ଗଳପ୍ରସାଦ | ୪ ୪ |
| ଏ, ରିପନ | ୪ ୩ |
| ରାୟ ନୃସିଂହଗୋପାଳ ସରକାର ବାହାଦୁର | |
| ଡାକ୍ତର | ୪ ୧୫ |
| ମଧୁସୂଦନ କାଶୀନାଥ, ଅଫିସିଏଟିଂ ସେକ୍ରେଟେରୀ | |
| ଗ୍ରାଣ୍ଟ ଫଣ୍ଡ, ଲଣ୍ଡନ, ସୋସାଇଟି | ୪ ୪୦ |

Digitized by srujanika@gmail.com

| | |
|---|---|
| ସଦର ଜାବଗରେ ଜମା | ଟ ୫୨।୶୧ |
| ବାବୁ ଘନେଶ୍ୱର ସିଂହ, ବେଲଘାଟ | ଟ ୫ |
| ଶ୍ରୀମତୀ ଭଗବତୀ ଦେବ୍ୟା, ଭଣ୍ଡ | ଟ ୨ |
| ବାବୁ ଯଦୁନନ୍ଦନ ମିଶ୍ର ପ୍ରଭୃତି | ଟ ୧। |
| „ ଚନ୍ଦ୍ରମଲ ଅନରେରି ସେକ୍ରେଟରି, ବ୍ରାହ୍ମ ଫଣ୍ଡ ବୃନ୍ଦାବନ | ଟ ୨୫ |
| „ ଶ୍ରୀରାମ, ଜଲନ୍ଧର ସହର | ଟ ୫୦ |
| „ ହେମନ୍ତ କୁମାର ମୁଖୁର୍ଯ୍ୟି, ଜମଲପୁର | ଟ ୨ |
| „ ମୁଲ୍ଲିଅ ଫାକ୍ଟରୀ ଅମଲାମାନେ ବେଟିଅ | ଟ ୨ |
| ମୋଟ | ଟ ୧୦୧୧୧୧୯୧୧୧ |

ତା ୧ ଲଖ ଅଗଷ୍ଟ ସନ ୧୮୯୩ ମସିହା } ରଜରାମ ମଳ୍ଲିକ ଅନରେରି ସେକ୍ରେଟରୀ ।

ଆମ୍ଭର ବାଲୁବଜାରସ୍ଥ ଲୁଗାଦୋକାନର ଗୁମାସ୍ତା ବଟକୃଷ୍ଣ ସିଂହକୁ ଆମ୍ଭେ ଅଜ ବରଖାସ୍ତ କରିଅଛୁଁ । ଆମ୍ଭର ଗ୍ରାହକ ଏବଂ ଅନ୍ୟାନ୍ୟ ସମସ୍ତଙ୍କୁ ସାବଧାନ କରି ଦେଉଅଛୁଁ କି ଆମ୍ଭର ପାଉଣା ଟଙ୍କା କେହି ତାହା ମାରଫତରେ କରୁ ଦେବେ ନାହିଁ । ଯଦ୍ୟପି କେହି ଦଅନ୍ତି ସେ ଟଙ୍କା ଆମ୍ଭେ ହିସାବରେ ମଞ୍ଜୁର ଦେବୁ ନାହିଁ । ଇତି ।

କଟକ ବାଲୁବଜାର ୧୭।୮।୯୩ } ଶ୍ରୀ ଜଗେଶ୍ୱରଲାଲ ଚୌଧୁରୀ ।

ଶବ୍ଦମାଳା ଅର୍ଥପୁସ୍ତକ ।

ସ୍କୁଲପାଠ୍ୟ ଶବ୍ଦମାଳା ପରିବର୍ଦ୍ଧିତ ସଂସ୍କରଣ—ଅର୍ଥପୁସ୍ତକ ଅର୍ଦ୍ଧଅଣା ମୂଲ୍ୟରେ ଏବଂ ପଣକଆନାଦଳା ଏକଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଓ ଗ୍ରନ୍ଥକାରଙ୍କ ନିକଟରେ ବିକ୍ରୟ ହେଉଅଛି ।

ଶ୍ରୀ ନୀଳମଣି ଶର୍ମା,
ବାମଣ୍ଡା

**NOTICE.**

Wanted immediately a passed and experienced Sub-Overseer for the Kondmal Sub-Division, Orissa. None need apply who has not had at least 3 years experience in hill roads and building works. Applications will be received by the undersigned up to end of September 1893.

Copies of testimonials should only be sent.

N. Lloyd
*Sub-Divisional Officer*
Kondmal Sub-Division
Orissa.

# Sita-mai-ki Andira

# ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟନା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ଟ ୦।୵୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

**NOTICE**

Wanted an Overseer for the Public Works Department of the Keonjhar state on a salary of Rs. 100 per month. None need apply who has no fair knowledge in Oriya and English languages and has no sufficient experience in the arts of Surveying, Levelling, Estimating and Road making.

Applications with copies of testimonials should be sent to the Government Agent, Keonjhar before the 25th instant.

By order

Govt. Agency Office Keonjhar the 5th August 1893 } Sd. Chaiton Prasad Rai
*Astt. to the Govt. Agent*
*For the Govt. Agent.*

କାମ୍ବକାବେଶୀ ଯୁବକ ମୂଲ୍ୟ ଟ ୦ ।
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

# ନୂତନ ପୁସ୍ତକ ।

ଉତ୍କଳଇତିବୃତ୍ତର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦୵ ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପରପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିବୃତ୍ତ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ଦ୍ଧିତ ନୂତନସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୫ମ ସଂସ୍କରଣ ) ଟ ୵
ସୁଲଭ ଜ୍ୟାମିତି ( ୪ର୍ଥ ସଂସ୍କରଣ ) ଟ ୦୯
ଲିପିମାଳା ( ୬ଷ୍ଠ ସଂସ୍କରଣ ) ଟ ୵

ସ୍ୱର୍ଗୀୟ ଡାକ୍ତର ରାଜାଙ୍କର ମନୁଷ୍ୟତତ୍ତ୍ୱ ଯେଉଁ ବିତରଣ ହେବାର ଥିଲା ତାହା ଶେଷ ହୋଇ ଯିବାରୁ ସର୍ବସାଧାରଣଙ୍କ ଜାଣିବା କାରଣ ଏହା ପ୍ରକାଶ କରାଗଲା ।

## ବିଚମସାହେବଂକ ବଟିକା ।

**( BEECHAM'S PILLS. )**

ଫଳଦବେଚନାରେ ଏକ ୨ ବଟୀର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲଯାଇ ପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ଦ୍ରବ୍ୟ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମସ୍ତକବ୍ୟଥା, ମୂତ୍ରରୁଦ୍ଧ, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପତ୍ରୀର ଓ ଦେହପୁଷ୍ଟିପକ୍ଷରେ ଅତ୍ୟନ୍ତ ହିତକାରୀ ।

ହଟୋସ୍ପିଟାଲର ସବଲନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିପାତ୍ର ଅକାର ଅନୁସାରେ ଟ ୦୫ ଟ ୦ ୯ ଓ ଟ ୦ ୯୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁହେବ ।

# New School Books.

**JUST TO HAND.**

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

Split by PDF Splitter

Digitized by srujanika@gmail.com

Split by PDF Splitter



R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.
To be had of the Secretary, Printing Company, Durgha Bazar, Cuttack.

ନୂତନ ଉଏଲଡ଼ଭର ନଂ ୨ ନମ୍ବର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।୵ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.
*Price 3 Annas only.*

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman [in] the premises of the Cuttack Printing Company Charge moderate.

ଛାପାଖାନାର ଶେଷ ବଡ଼ କୂଳଶଙ୍କି ଲକ୍ଷ୍ମଣପୁରେ ମରାମତ ହେବା ଓ ଯଥା ସମ୍ଭବରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ସ୍ଥଳରେ ଜଗତରେ ନ ଥିବାରୁ ଅମ୍ଭେ ଘଡ଼ୀ ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, କଟକ, ବେରହମ୍ପୁରୀ ଓ ବେଗର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଦ ଦର ସେହି ଲୁଗା-ଉପରେ ଲେଖା ଅଛି ଜନ୍ତ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ସେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୁନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ଏମନ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ହୋଇବାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଗୋଟିଏ ଅଣା ଅଗ୍ରିମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଛାପସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଟମେଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସିଲ | ଗୋ ୧ ଟ ୦ ୵୧ |
| ଓଜ୍ଜ୍ୱଳ ପେନସିଲ | ଦ ୧ ଟ ୦ ।୵ |
| ନକସା କାଗଜ | ଦ ୧ ଟ ୦ ।୵ |
| ଫୁଲସକେପ କାଗଜ ସରସା | ଦ ୧ ଟ ୦ ୵୩ |
| ଏକଳ ରୁଲଦାର | ଦ ୧ ଟ ୦ ୵୨ |
| ଏକଳ ସରସା | ଦ ୧ ଟ ୦ ୵୩ |
| ଫାନସୀକୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରସା | ଦ ୧ ଟ ୦ ୵ |
| ଏକଳ ମଧ୍ୟମ | ଦ ୧ ଟ ୦ । |
| ଲଫାଫା ସରସା ସ୧୦୦ଟ୦୵୦ | ଗୋ ୨୫ ଟ୦୵୩ |
| ଏକଳ ମଧ୍ୟମ ସ୧୦୦ ଟ ୦ ।୵ | ଗୋ ୨୫ ଟ୦ ୯ |
| କାଲିକାଗଜ ୧୨ ପଣି | ଦ ୧ ଟ ୦ ୵୩ |
| ଶୀକାର | ଗୋ ୧ ଟ ୦ ।୵ |
| ଏକଳ ଶୁଣ୍ଠି ଏହାକୁ ଅଧ-ବୋତଲ ଜଳରେ ଘଷାଇ ଦୁଇଦଣ୍ଡ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଦ ୧ ଶ୍ରୀଲ ଟ ୦ ୵୨ |
| ଶୀଲଟ ପେନସିଲ | ଦ ୧ ଟ ୦ ।୵ |
| ରବର | ଖ ୧ ଟ ୦ ।୵ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲମ୍ବା କଲମ (କାଠ) ସରସା | ଡ଼ ୧ ଟ ୦ ୵ |
| ଏକଳ ଛରସା | ଡ଼ ୧ ଟ ୦ ୯ |
| ଏକଳ କଡ଼ମାଗଜକୋଳମ | ଗୋ ୧ ଟ ୦ ୬ |
| କାଠଦ୍ରୁଅର ଚାବୁଣି ସହିତ (ନକଶାଦାର) | ଗୋ ୧ ଟ ୦ । |
| ଏକଳ ସାଧାରଣ | ଗୋ ୧ ଟ ୦ ୵୨ |
| କଳାପିଡ଼ା ମଇଳା | ଗ ୧ ଟ ୦ ।୵ |
| ଚୋରସ୍ନାର ଚେଣ ଗୃହସହିତ | ଗୋ ୧ ଟ ୦ ।୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଗାପଥରର ଫଣ୍ଟିକୁଡ଼ା ଓ ରୁପେଲିକଳସାଦାର | ଗୋ ୧ ଟ ୨ । |
| ଲେଟେଖଣ୍ଡି | ଗୋ ୧ ଟ ୧୧ |
| ମେକଷର ଅଏଲ | ଗୋ ୧ ଟ ୦ ୵ |
| ସାବୁନ ସରସା | ଖ ୧ ଟ ୦ ।୯ |
| ଫୁଲଦାନୀ | ଗୋ ୧ ଟ ୧୵ |
| ହେଭାଲିଗିର ୨ଡାଳିଆ | ଗୋ ୨ ଟ ୪ । |
| ଏକଳ ଏକଡାଳିଆ | ଗୋ ୧ ଟ ୨ |
| ଛେଡ | ଗୋ ୧ ଟ ୨ |
| ଅଷ୍ଟ୍ରେଷ୍ଟ | ଗୋ ୧ ଟ ୵ ୨ |
| ଛାତ | ଡ ୧ ଟ ୦ ୵ |
| ପାନପଶକ୍ତୀ | ଗୋ ୧ ଟ ୫ ୧ |
| ତକାଲଗୀ ସସ୍ ଜସ | ଖ ୧ ଟ |
| ଫିଟଚାର ଏହାକୁ କୌଣସି ଘରରେ ରଖି ଘଣ୍ଟାରେ ଉଚ୍ଚାର ବୋଟା ଛଡ଼ର ଘାଣ୍ଟିଦେଇ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ } ଅରକବକ୍ସର ଦର
ଚୌଧୁରୀ ବଜାର } କମ୍ପାନୀ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ଛପାରେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାରେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ସିକିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ଛପାରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୩୩ ଭାଗ । ତା ୨୭ ତଣ ମାହେ ଅଗଷ୍ଟ ସନ ୧୮୯୮ ମସିହା । ମୁ । ଭାଦ୍ରବ ୧୨ ... ୧୩୦୬ ସାଲ ଶନିବାର । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯

୩୪ ସଂଖ୍ୟା । ପଶ୍ଚାଦ୍ଦେୟ ଟ ୬୯


ବମ୍ବେଇର ହଙ୍ଗାହଙ୍ଗାମା ଶାନ୍ତ ହୋଇଅଛି । ପ୍ରାୟ ୨ ୭୦୦ ଲୋକ ପୁଲିସଦ୍ୱାରା ଧୃତ ହୋଇ ହାଜତରେ ଅଛନ୍ତି । ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ପ୍ରଧାନ ଲୋକମାନେ ବିଜ୍ଞାପନଦ୍ୱାରା ଲୋକଙ୍କୁ ଏପ୍ରକାର ଅନ୍ୟାୟାଚରଣରୁ ଶାନ୍ତ ହେବାକାରଣ ବୁଝାଉଅଛନ୍ତି । ଭରସା ହୁଏ ଆଉ କିଛି ଗଣ୍ଡଗୋଳ ହେବ ନାହିଁ ।

---

ଉତ୍ତରପ୍ରଦେଶର ଗସ୍ତରୁ ଫେରି ଆସି କଲିକତାରେ ଅଳ୍ପକାଳ ଅବସ୍ଥିତି ଏବଂ ଏକଦିନ ଅପରାହ୍ନକାଳରେ ଆପଣା ଉଦ୍ୟାନରେ ଦେଶୀୟ ଏବଂ ଇଉରୋପୀୟ ସମ୍ଭ୍ରାନ୍ତଲୋକଙ୍କ ସହିତ ଆମୋଦ ପ୍ରମୋଦ କରି ଆମ୍ଭମାନଙ୍କ ଏକଟିଙ୍ଗ୍ ଲେପ୍ଟେନାଣ୍ଟ ମାକଡୋନେଲ ବାହାଦୁର ଗତ ଗୁରୁବାର ଦାର୍ଜିଲିଙ୍ଗକୁ ଯାତ୍ରା କଲେ । ଦୁଇମାସ ସେଠାରେ ରହି ଆଗାମୀ ନବମ୍ବରମାସ ଆରମ୍ଭରେ କଲିକତାକୁ ଫେରି ଆସିବେ ।

---

ବମ୍ବେଇର ହଙ୍ଗାହଙ୍ଗାମାରେ ଯେଉଁ ଲୋକ ମରି ପଡ଼ିଅଛନ୍ତି ସେଠା ମେଡ଼ିକାଲଅଫିସର ସେମାନଙ୍କର ଏକତାଲିକା ପ୍ରସ୍ତୁତ କରି ଅଛନ୍ତି । ଗତ ତା ୧୯ ରିଖ ପର୍ଯ୍ୟନ୍ତ ତ ୨୫ ଣ ହିନ୍ଦୁ ଏବଂ ତ ୪୨ ଣ ମୁସଲମାନ ସର୍ବମୋଟ ତ ୬୭ ଣ ପ୍ରାଣ ହରାଇ ଥିଲେ । ଅଧିକାଂଶ ଅର୍ଥାତ୍ ତ ୪୪ ଜଣଙ୍କ ବାଡ଼ି ଆଘାତରେ ମୁଣ୍ଡ ଫାଟିଯିବାଦ୍ୱାରା ଘଟିଅଛି । ବନ୍ଧୁକ ଗୁଳିଦ୍ୱାରା ତ ୧୮ ଣ ଏବଂ ସଙ୍ଗିନ ଖୁମାରେ ଏକଜଣ ମରି ଅଛନ୍ତି ।

---

ବମ୍ବେଇର ହଙ୍ଗାହଙ୍ଗାମାର ସମାଦ ଶୁଣି ଶ୍ରୀମତୀ ଭାରତେଶ୍ୱରୀ ତାରଡାକଯୋଗେ ଅତ୍ୟନ୍ତ ଦୁଃଖ ଏବଂ ହତ ଓ ଆହତ ବ୍ୟକ୍ତିଙ୍କ ଦୁର୍ଘଟଣାରେ ସହାନୁଭୂତି ପ୍ରକାଶ କରୁଅଛନ୍ତି ଏବଂ ସେହି ବିବାଦ ଶୀଘ୍ର ମେଣ୍ଟି ଯିବାଲାଗି ଅତ୍ୟନ୍ତ ବ୍ୟଗ୍ର ହୋଇଅଛନ୍ତି । ଏହିପରି ଅସୀମ ଦୟା ଏବଂ ପ୍ରଜାବତ୍ସଳତା ହେତୁ ଶ୍ରୀମତୀ ଭାରତେଶ୍ୱରୀଙ୍କଠାରେ ତାହାଙ୍କର ସକଳ ରାଜ୍ୟର ପ୍ରଜାମାନଙ୍କର ଏତେ ଭକ୍ତି ଏବଂ ଶ୍ରଦ୍ଧା । ପରମେଶ୍ୱର ଏହାଙ୍କୁ ଦୀର୍ଘଜୀବିନୀ କରନ୍ତୁ ।

—*—

କାଶ୍ମୀରରୁ ସଞ୍ଜୀବନୀ ସମ୍ବାଦ ପାଇଅଛନ୍ତି ଯେ ଅମରନାଥଙ୍କ ତୀର୍ଥଯାତ୍ରୀ ହୋଇ ଭୂସ୍ୱର୍ଗ ବଢ଼ିବା ପେଳ କାଲେଶ୍ୱରରୁ ଚାଲିବାରୁ ଯାଉଁ ସେଠାରେ ଅତ୍ରିଏ ବରଫ ଲେଉଟି ପଡ଼ଇ । ସେହିଁରେ ଅନେକଜଣ ଯାତ୍ରୀ ଥିଲେ ସେ ସେହିଁରୁ ପ୍ରାୟ ତିନିଶହଜଣ ଜଳରେ ବହି ବୁଡ଼ିଗଲେ । ଗୁଲାପ ରେସିଡେଣ୍ଟ ସାହେବଙ୍କଠାରୁ ସମ୍ବାଦ ପାଇ ସ୍ୱୟଂ ସବୁଦିନ ଉଦ୍ଧାରଣ ନିମନ୍ତେ ଯାଇଅଛନ୍ତି । ଏଥର ଯାତ୍ରିଙ୍କ ଦୁଃଖର ସୀମା ନାହିଁ ।

---

ସାତେ ତିନିଟଙ୍କା ସୁଧରେ ଅନେକ ଲୋକ ସରକାରଙ୍କୁ ଟଙ୍କା ଋଣ ଦେବାକୁ ପ୍ରସ୍ତୁତ ଥିବାର ଜଣାଯିବାରୁ ସମ୍ପ୍ରତି ସେଭିଙ୍ଗବାଙ୍କର ସୁଧ ଟ ୩।୦ ଠାରୁ ଟ ୩ ରୁ ଓହ୍ଲାଇ ଆଣିବାର ପ୍ରସ୍ତାବ ହେଉଅଛି । କେବଳ ଟଙ୍କା ଜମା କରିବା ବ୍ୟକ୍ତିଙ୍କ ପକ୍ଷରେ ଏହା ଅନ୍ୟାୟ ହେବ ନାହିଁ ମାତ୍ର ପ୍ରକୃତରେ ଗରିବଲୋକଙ୍କ ସକାଶେ ସେଭିଂବ୍ୟାଙ୍କ ସ୍ଥାପିତ ହୋଇଅଛି । ସୁଧର ଦର କମା ଦେଲେ ସେମାନଙ୍କ ଉତ୍ସାହରେ ବାଧା ଘଟିବ । ଏଥିପାଇଁ ସେ ପ୍ରସ୍ତାବକୁ ଆମ୍ଭେମାନେ ଅନୁମୋଦନ କରୁ ନାହିଁ ।

---

ଆମ୍ଭେମାନେ ଆନନ୍ଦ ସହିତ ଜଣାଉଅଛୁଁ ଯେ ବାବୁ ବିଶ୍ୱେଶ୍ୱର ଦାସ ଅଫିସିଏଟିଂ ସରଜନ ମେଡ଼ିକେଲ କଲେଜରୁ ପାଶ କଲା ଉତ୍ତାରୁ ପ୍ରାୟ ତିନିବର୍ଷ କାଳ କଟକରେ ଚାକିରୀ କରି ସମ୍ପ୍ରତି ଏ ନଗରକୁ ଆସିଅଛନ୍ତି । ଏଠାରେ ରହି ଚିକିତ୍ସାବ୍ୟବସାୟ କରିବା ତାହାଙ୍କର ଅଭିପ୍ରାୟ । ଏ ନଗରରେ ସରକାରୀ କର୍ମଚାରୀଙ୍କ ଛଡ଼ା ଉଚ୍ଚଶ୍ରେଣୀର ଡାକ୍ତର କେହି ନ ଥିବା ଓ ସେମାନେ ମଧ୍ୟ ଅନେକ ଦୂରରେ ରହୁଥିବାରୁ ସମୟରେ ବଡ଼ କଷ୍ଟଭୋଗ କରିବାକୁ ହୁଏ । ବିଶେଷତଃ ଓଲନ୍ଦାଠାରୁ ପ୍ରଭାବ ଅବସ୍ଥା ଘଟି ନାହିଁ । ଏ ସମୟରେ ଡାକ୍ତରମହାଶୟଙ୍କ ଆଗମନ ଶୁଭସୂଚନା ବୋଲିବାକୁ ହେବ ।

---

Digitized by srujanika@gmail.com

Split by PDF Splitter

270



ଶିଲ୍ପଜର ଖାଁଙ୍କ ନାମରେ ଯେସବୁ ନରହତ୍ୟାର ଅଭିଯୋଗ ହୋଇଥିଲା ସେଠା ସରକାରମାନଙ୍କ ପକ୍ଷାବଲମ୍ବନର ବଳରେ ସେ ସବୁ ପ୍ରମାଣ ହେବାରୁ ସବୁ ଖାଁଙ୍କୁ ପଦଚ୍ୟୁତ କରିବାର ପରାମର୍ଶ ଦେଲେ । ଏଣେ ଖାନସାହେବ ମଧ୍ୟ ଇସ୍ତଫା ଦେଇ ତାହା ଗ୍ରହଣପୂର୍ବକ ତାହାଙ୍କ ଜ୍ୟେଷ୍ଠପୁତ୍ର ମିର ମହମ୍ମଦଖାଁଙ୍କୁ ରାଜ୍ୟପ୍ରଦାନର ପ୍ରାର୍ଥନା କଲେ । ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଖାନସାହେବ ପଦତ୍ୟାଗର ଯୋଗ୍ୟ ବୋଲି ବିଚାର କଲେ ସୁଦ୍ଧା ଦୟାପୂର୍ବକ ତାହାଙ୍କ ଇସ୍ତଫା ମଞ୍ଜୁର କରି ତାହାଙ୍କ ପୁତ୍ରଙ୍କୁ ସେଲଟର ଖାନସ୍ୱରୂପ ଗ୍ରହଣ କରିଅଛନ୍ତି । ସୁତରାଂ ଉକ୍ତ ରାଜ୍ୟର ଅବସ୍ଥା ପୂର୍ବପରି ରହିଲା ।

---

ଶ୍ରୀ ରଘୁନାଥ ମହାପାତ୍ର ଓ ବାବୁ ନନ୍ଦମୋହନ ସରକାର ଏବେହାଲ ତଦନ୍ତକରଣରେ ହାଜତରେ ରହିଲେ ଉତ୍ତାରୁ ସମ୍ପ୍ରତି ଜାମିନ ପାଞ୍ଚହଜାରଟଙ୍କା ଜାମିନ ଦେଇ ଖଲାସ ପାଇଅଛନ୍ତି । ସେମାନଙ୍କ ନାମରେ ଫଉଜଦାରୀରେ ଯେ ସମସ୍ତ ମୋକଦ୍ଦମା ଦାଏର ହୋଇଅଛି ତାହାସବୁ ପୁନର୍ବାର ତଦନ୍ତ କରିବାକାରଣ ଇନ୍ସପେକ୍ଟରଙ୍କୁ ଆଦେଶ ଆସିଅଛି । ସମ୍ବାଦବାହକରୁ ପ୍ରକାଶ ଯେ ବାଲେଶ୍ୱରର ଜମିଦାର ମହାଜନ ଦୋକାନୀ ବାବୁ ଅମଲ୍ଲ ମାଷ୍ଟର ପ୍ରଭୃତି ନ ୨୦।୨୨ ଜଣଙ୍କ ନାମରେ ତଦନ୍ତକରଣରୁ ସାକ୍ଷୀ ସପିନ ଆସିଅଛି । ଏ ସମନମାନ ସାକ୍ଷୀ ତଦନ୍ତ ନିମନ୍ତେ କି ମୋକଦ୍ଦମାର ବିଚାର ନିମନ୍ତେ ହୋଇଅଛି ବୁଝି ପାରିଲୁଁ ନାହିଁ ।

---

ସାଢେ ତିନିଟଙ୍କା ସୁଧରେ ସରକାର ଯେଉଁ ସାଢେ ତିନିକୋଟି ଟଙ୍କା ଋଣ କରିବାର ବନ୍ଦୋବସ୍ତ କରିଥିଲେ ତହିଁର ମିଆଦ ଗତମାସ ତା ୧୫ ରିଖରେ ଶେଷ ହେଲା । ସର୍ବସୁଦ୍ଧା ୪ କୋଟି ୯୭ ଲକ୍ଷ ଟଙ୍କା ଋଣ ଦେବାର ପ୍ରାର୍ଥନାପତ୍ର ସରକାର ପାଇଥିଲେ ଅର୍ଥାତ୍ ପ୍ରୟୋଜନର ଅଧିକ ପ୍ରାୟ ଦେଢ଼କୋଟି ଟଙ୍କା ଲୋକେ ଦେଉଥିଲେ । ଯାହା ହେଉ ଶତକଡ଼ା ହାରାହାରି ପ୍ରାୟ ଟ ୯୬ । ଏବଂ ସର୍ବନିମ୍ନ ଦର ପ୍ରାୟ ଟ ୯୪ ହାରରେ ସାଢେ ତିନିକୋଟି ଟଙ୍କାର ଋଣ ସ୍ୱୀକୃତ ହୋଇଅଛି । ଏଥିରୁ ଦେଖାଯାଏ ଯେ ଭଲ ସୁଧରେ ଏଣିକି ଲୋକେ ଟଙ୍କା ଦେବାକୁ ପ୍ରସ୍ତୁତ । ଏଥିମଧ୍ୟରେ ଏହି ସାଢେତିନିଟଙ୍କିଆ କାଗଜର ଦର ଶତକଡ଼ା ଟ ୯୭୮ ହେଲାଣି ଅଧିକ ବୃଦ୍ଧି ହେବାର ସମ୍ଭବ ।

---

ସମ୍ବଲପୁରହିତୈଷିଣୀରୁ ଜଣାଯାଏ ଯେ ସେଠାରେ କୋର୍ଟଫିସ କାଗଜ ଷ୍ଟାମ୍ପ ପ୍ରଭୃତି କେବଳ ଖଜଣାଖାନାରେ ବିକ୍ରୟ ହୁଏ । ସମସ୍ତ ଲୋକ ନିର୍ଦ୍ଦିଷ୍ଟସମୟରେ ସେଠାରେ ଉପସ୍ଥିତ ହୋଇ ଖରିଦ କରନ୍ତି । ଏଥିରେ କେବଳ ଲୋକ ଭିଡ଼ ହୁଅଇ ଓ କେହି୨ ବଞ୍ଚିତ ହୋଇ ଫେରି ଆସନ୍ତି । ପୁଣି ଭିଡ଼ଯୋଗୁଁ ଲୋକମାନଙ୍କୁ ଅନେକବାର ପଦାରେ ଛିଡ଼ା ହୋଇ ଖରା ବର୍ଷା ଭୋଗ କରିବାକୁ ହୁଅଇ । ସବୁଠାରେ ଅଳ୍ପମୂଲ୍ୟର ସକଳପ୍ରକାର ଷ୍ଟାମ୍ପ, କୋର୍ଟଫିସ, ରସିଦ ଓ ଡାକଟିକଟ ବିକ୍ରୟନିମନ୍ତେ ପଟ୍ଟାଦାର ନିଯୁକ୍ତ ଥିବାସ୍ଥଳେ ସମ୍ବଲପୁରରେ ଅବଧି ତାହା ନ ହୋଇ ଏମନ୍ତ କଷ୍ଟକର ନିୟମ କାହିଁକି ହୋଇଅଛି ବୁଝା ଯାଉ ନାହିଁ । ଭରସା କରୁଁ ହିତୈଷିଣୀଙ୍କ କଥାରେ ଯେବେ ସ୍ଥାନୀୟ ହାକିମମାନେ କର୍ଣ୍ଣପାତ ନ କରିବେ ତେବେ ସେଠା ନିବାସୀମାନେ ଆବେଦନ କଲେ ଅବଶ୍ୟ ସୁବିଚାର ହେବ । ଅନେକ ସ୍ଥଳରେ ଲୋକେ ଆପଣା ଦୁଃଖ ନ ଜଣାଇଲେ କର୍ତ୍ତୃପକ୍ଷଙ୍କ ଆଖି ଫିଟଇ ନାହିଁ ।

---

ଏଠା ସର୍ବୋକାଶ୍ମଗିରଜାର ପାଦ୍ରୀ ସାହେବ ପୁରୀ-ଫେରନ୍ତା ଯାତ୍ରିଙ୍କ ଦୁର୍ଦ୍ଦଶାସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ତାରସମ୍ବାଦ ପଠାଇବାରୁ ତହିଁର ସ୍ଥାନୀୟ ତଦନ୍ତ ହେଉଥିବାର ଶୁଣାଯାଏ । ଯାତ୍ରିଙ୍କ ଦୁର୍ଦ୍ଦଶା ଏବଂ ତହିଁର ପ୍ରଧାନ କାରଣ ଜାହାଜୀଆମାନଙ୍କର ଅତ୍ୟାଗ୍ରହ ଓ ଉଶୃଙ୍ଖଳା ବିଷୟ କାହାରିକୁ ଅବିଦିତ ନାହିଁ । ଦୁଃଖର ବିଷୟ ଯେ ଜଷ୍ଟମାଜିଷ୍ଟ୍ରେଟଙ୍କ ନିକଟରେ ସେ ସମୟରେ ଅନେକ ସୁବିଧା ହେଲେ ସୁଦ୍ଧା ସେ ବିଶେଷ କିଛି ମନୋଯୋଗ ଦେଲେନାହିଁ ସୁତରାଂ ସେମାନଙ୍କର ଦୁଃଖର କଥା କିଛି ବୁଝା ଗଲା ନାହିଁ । ବର୍ତ୍ତମାନ ଯାତ୍ରିମାନେ ତାହାର ସାକ୍ଷୀ ଅଛନ୍ତି । ତଦନ୍ତର ତେତେ ସୁବିଧା ନାହିଁ । ତଥାପି କଟକଠାରୁ ଚାନ୍ଦବାଲି ଏବଂ ବାଲେଶ୍ୱର ପର୍ଯ୍ୟନ୍ତ ପ୍ରତି ଲକ ଓ ଅଡ୍ଡାରେ ଅନୁସନ୍ଧାନ କଲେ ଅନେକ ପ୍ରମାଣ ମିଳିବ ସନ୍ଦେହ ନାହିଁ । ପାଦ୍ରୀ ସାହେବ ଯାତ୍ରିଙ୍କ ଦୁର୍ଦ୍ଦଶା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ପ୍ରକୃତ ଧର୍ମଶୀଳତାର ପରିଚୟ ଦେଇଅଛନ୍ତି ଏବଂ ଆମ୍ଭେମାନେ ଏଥିପାଇଁ ତାହାଙ୍କୁ ଅନ୍ତଃକରଣ ସହିତ ଧନ୍ୟବାଦ ଦେଉଅଛୁଁ ।

---

ପୁରୀ ବଡ଼ଦେଉଳର ମରାମତି ଶେଷ ହୋଇ ଚତୁଃପାର୍ଶ୍ୱସ୍ଥ ଭୋଗମଣ୍ଡପ ମନ୍ଦିର ଏବଂ ଜଗାମନ୍ଦିରପ୍ରଭୃତି ମନ୍ଦିରମାନଙ୍କ ମରାମତି ଏବେ ଚାଲିଅଛି । ଶ୍ରୀ ଲକ୍ଷ୍ମୀଦେବୀ ଏବଂ ଶ୍ରୀ ବିମଳାଠାକୁରାଣୀଙ୍କ ମନ୍ଦିର ଜଗମୋହନରେ ସିଂହଳମଲ ପ୍ରସ୍ତରମାନ ପଡ଼ୁଅଛି ଓ ଯେଉଁ୨ ସ୍ଥାନରେ ଏହି ପ୍ରସ୍ତରମାନ ବସ୍ତାହୋଇ ଗଲାଣି ସେ ସ୍ଥାନମାନ ସୁରମ୍ୟ ଏବଂ ବସିବାକୁ ସୁଖପ୍ରଦ ହୋଇ ଅଛି ଏବଂ ଭୋଗମଣ୍ଡପ ମନ୍ଦିରର ଅଭ୍ୟନ୍ତର ମରାମତି ହେଉଥିବାରୁ ସମ୍ପ୍ରତି ମହାପ୍ରଭୁ ସିଂହାସନାରୂଢ଼ ହେବା ଦିନଠାରୁ ଆଜକୁ ତୁଳସୀଦଳ ହେବ ଭୋଗମଣ୍ଡପ ଭୋଗ ବନ୍ଦହୋଇ ଅଛି । ଶ୍ରୀ ବିମଳାଠାକୁରାଣୀଙ୍କ ମନ୍ଦିରମଧ୍ୟସ୍ଥ କେତେକ ପାର୍ଶ୍ୱଦେବୀ ଏବଂ କେତେକ ମଣିକଳ୍ପ ମୂର୍ତ୍ତିମାନ ମନ୍ଦିର ମରାମତି କର୍ମଚାରୀମାନେ ନଷ୍ଟକରି ଦେଇ ଦୂର ଲଗାଇ ଦେବାରୁ ସକଳ ଲୋକେ ବଡ଼ ବିରକ୍ତ ଅଛନ୍ତି ଏବଂ ଉକ୍ତ ମନ୍ଦିରମଧ୍ୟରେ ଯେଉଁ ଲକ୍ଷ୍ମୀ ଚାଳିମୂର୍ତ୍ତି ଥିଲେ (ଯାହାଙ୍କ ଅଗ୍ରରେ ପୂଜାସମୟରେ ବଳଦାନାଦ କଥ ହୁଏ) ତାହାଙ୍କୁ ନଷ୍ଟକରି ଦେଇ ଫୁଲଲଗା ହେଉଅଛି । ଏହେତୁ ଉକ୍ତ ସେବକମାନେ ରାଣୀଙ୍କଠାରେ ଆପତ୍ତି କରିବାର ଜଣାଯାଏ ।

---

## ତୁଳସୀ-ମହାତ୍ମ୍ୟ ।

ତୁଳସୀଗଛ ଘରବାଡ଼ିମଧ୍ୟରେ ଥିଲେ ସେଠା ବାୟୁର ବିଶୁଦ୍ଧତା ରକ୍ଷାକରେ । ଯେଉଁ ସ୍ଥାନରେ ଅଧିକ ପରିମାଣ ତୁଳସୀଗଛ ଥାଏ ସେ ସ୍ଥାନରେ ମାଲେରିଆ ଜ୍ୱର ହୁଅଇ ନାହିଁ । ତୁଳସୀ ଜ୍ୱରନାଶକ ଯାହାକୁ ଜ୍ୱର ହୋଇଅଛି ସେ ଯେବେ ପ୍ରତିଦିନ ଏକତୋଳା ମାତ୍ରାରେ ତୁଳସୀପତ୍ରର ରସ ପାନ କରିବ ତେବେ ଅଳ୍ପକାଳରେ ତାହାର ଦେହ ଭଲ ହେବ । ପ୍ରତିଦିନ ପ୍ରାତଃକାଳରେ ଏକତୋଳା ଲେଖାଏ ତୁଳସୀରସ ଖାଇଲେ ଶୂଳାମାଶୟ, ରକ୍ତାମାଶୟ ଏବଂ ଅଜୀର୍ଣ୍ଣଦୋଷ ଆରୋଗ୍ୟ ହୁଅଇ । ପୁଣି ଏକତୋଳା ପରିମାଣ ତୁଳସୀରସ ନବାତ ମିଶାଇ

Digitized by srujanika@gmail.com

ଖାଇଲେ ଏକାଦଳକେ ରକ୍ତସ୍ରାବ ରୋଗ ଭଲ ହେବ । ଅଗ୍ନିଦଗ୍ଧ ଏବଂ ଜାନୁରୋଗରେ ତୁଳସୀରସ ଗୋଟିଏ ମହୋପକାରୀ ଔଷଧ । ତୁଳସୀଗଛର ମହୋପକାରିତା ପ୍ରାଚୀନକାଳରୁ ଭାରତବାସିମାନେ ଜାଣି ପାରିଥିବାରୁ ତାହା ଏଡ଼େ ପବିତ୍ର ଗୋଟିଏ ଆରାଧନାର ସାମଗ୍ରୀ ହୋଇଅଛି ଏବଂ ନିୟମ ହୋଇଅଛି ଯେ ପ୍ରତ୍ୟେକ ହିନ୍ଦୁ ଆପଣା୨ ଗୃହମଧ୍ୟରେ ତୁଳସୀଚୌରା କରି ପ୍ରତିଦିନ ତୁଳସୀଗଛରେ ଜଳ ଦେଇ ପୂଜା କରିବେ ଓ ତୁଳସୀପତ୍ରରେ ଇଷ୍ଟଦେବର ପୂଜା କରି ପ୍ରସାଦସ୍ୱରୂପ ତାହା ଖାଇବ । ଦ୍ୱାରରେ ତୁଳସୀଗଛ ଲଗାଇବା ଓ ପ୍ରତ୍ୟହ ତୁଳସୀବନକୁ ଯାଇ ପୂଜା କଲାନ୍ତେ ପତ୍ର ତୋଳି ଆଣିବା ପ୍ରଭୃତି ବ୍ୟବସ୍ଥା ଏହି କାରଣରୁ ହୋଇଅଛି ଯେ କୌଣସିମତେ ପ୍ରତିଦିନ ତୁଳସୀସନ୍ନିକଟସ୍ଥ ବିଶୁଦ୍ଧବାୟୁ ଓ ତୁଳସୀପତ୍ର ସେବା କରୁଥିଲେ ଜ୍ୱରରୋଗର ବାରକ ହେବ ଏବଂ ତାହାରକୁ ଜ୍ୱର ହେଲେ ମଧ୍ୟ ଔଷଧ ତତ୍କ୍ଷଣାତ୍ ପ୍ରାପ୍ତ ହେବ । ଯେଉଁମାନେ ତୁଳସୀଗଛ ଲଗାଇବା କୁସଂସ୍କାର ବା ଅନର୍ଥକ ମନେ କରି ବାକସଗଛରେ ମାତିଅଛନ୍ତି ସେମାନେ ଟିକିଏ ଏ କଥାକୁ ଚିନ୍ତା କରିବେ । କୌଣସି ଦ୍ରବ୍ୟକୁ ଅନାଦର କରିବା ପୂର୍ବେ ତାହାର ଗୁଣର ଅନୁସନ୍ଧାନ କରିବା ଉଚିତ ।

---

ଫରାସଡଙ୍ଗା-ମୋକଦ୍ଦମା ।

ରଘୁନାଥ ମହାପାତ୍ର ରାଜା ବୈକୁଣ୍ଠନାଥଦେ ବାହାଦୁରଙ୍କ ନାମରେ ଯେଉଁ ନାଲିସ ବାଲେଶ୍ୱର ଫଉଜଦାରୀ ଅଦାଲତରେ କରିଥିଲେ ଓ ଯାହା ଉପରେ ଫଏସଲା ହୋଇଥିଲା ତାହା ପୁନର୍ବିଚାରର ଆଦେଶ ହୋଇଥିବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ହାଇକୋର୍ଟର ଜଷ୍ଟିସ୍ ନରିସ୍ଙ୍କ ସମ୍ବାଦପତ୍ରମାନଙ୍କରେ ଦେଖିଲୁଁ ହାଇକୋର୍ଟର ବିଚାରପତିମାନେ ପ୍ରଥମେ ରଘୁନାଥ ମହାପାତ୍ରଙ୍କ ନାମରେ ଫରାସୀ ଅଦାଲତରେ ଦାଏର ହେବା ନାଲିସ ଉପଲକ୍ଷରେ କହିଅଛନ୍ତି ଯେ "ଫରାସୀଗବର୍ଣ୍ଣମେଣ୍ଟ କୌଣସି ଇଂରାଜ ପ୍ରଜା ନାମରେ ଉଆରେଣ୍ଟ ଜାରି କଲେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବିନା ଆପତ୍ତିରେ ତାହାକୁ ଧରି ପଠାଇ ଦିଅନ୍ତି । ଯେ ବ୍ୟକ୍ତି ନାମରେ ବାସ୍ତବରେ କୌଣସି ଅପରାଧ ଘଟିତ ମୋକଦ୍ଦମାର କାରଣ ଅଛି କି ନା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନ କୌଣସି ଧର୍ମଗୃହ ତାହା ଅନୁସନ୍ଧାନ କରନ୍ତି ନାହିଁ ଏବଂ ଯାହାକୁ ଧରିବା ପାଇଁ ଉଆରେଣ୍ଟ ଆସେ ତହିଁସଙ୍ଗେ କୌଣସି ତୋକାନକଦ୍ଧ ଥାଏ ନାହିଁ । ଯେଉଁ ଧର୍ମଗୃହମାନେ ଆଇନାନୁସାରେ ବ୍ରିଟିଶପ୍ରଜାଙ୍କ ସ୍ୱାଧୀନତା ରକ୍ଷା କରିବାକୁ ବାଧ୍ୟ ଏବଂ ଯାହାଙ୍କ ହସ୍ତକ୍ଷେପବିନା ସେ ସ୍ୱାଧୀନତାର ବ୍ୟତିକ୍ରମ ଘଟି ନ ପାରେ ସେମାନେ ଆପଣା କର୍ତ୍ତବ୍ୟକାର୍ଯ୍ୟ ଏତାଦୃଶ ଅବଜ୍ଞାନ କରିବାର ଆମ୍ଭେମାନେ ଅନୁମାନ କରି ନ ପାରୁଁ । ଆମ୍ଭେମାନେ ଅବଶ୍ୟ କଳ୍ପନା କରିବୁଁ ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନସ୍ଥ ଧର୍ମଗୃହମାନେ ଆପଣା କର୍ତ୍ତବ୍ୟାନୁସାରେ କାର୍ଯ୍ୟ କରିଅଛନ୍ତି ।" ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ବାଲେଶ୍ୱରର ମାଜିଷ୍ଟ୍ରେଟ ଉଆରେଣ୍ଟ ପାଇବା ମାତ୍ରକେ କିଛି ବୁଝି, ସୁଝି, ନ କରି ରଘୁନାଥ ମହାପାତ୍ର ପ୍ରଭୃତିଙ୍କୁ ଧରି ଫରାସୀଅଦାଲତରୁ ଅର୍ପଣ କରିବା ଆଇନ ସଙ୍ଗତ ହୋଇ ନାହିଁ । ଆମ୍ଭେମାନେ ସେ ସମୟରେ ମାଜିଷ୍ଟ୍ରେଟଙ୍କର ଏହି ତ୍ରୁଟି ଦେଖାଇ ଦେଇ ଥିଲୁଁ ଏବଂ ତହିଁପାଇଁ ଓଡ଼ିଆ ଓ ନବସମ୍ବାଦ ଆମ୍ଭମାନଙ୍କୁ ବିଦ୍ରୂପ କରିଥିଲେ ।

ମୂଳ ମୋକଦ୍ଦମା ସମ୍ବନ୍ଧରେ ହାଇକୋର୍ଟରେ ଆପତ୍ତି ହୋଇଥିଲା ଯେ ରଫାନାମା ଦାଖଲ ହେବାର ପରକ୍ଷଣରେ ରଘୁନାଥଙ୍କୁ ଗିରଫ୍ତାର କରାଇ ଦେଇ ରାଜା ପ୍ରତିଜ୍ଞା ଭଙ୍ଗ କରିବାରୁ ସେ ରଫାନାମା ଅଗ୍ରାହ୍ୟ ହେବାର ଯୋଗ୍ୟ ଅର୍ଥାତ ଯେଉଁକାଳେ ପରସ୍ପର ମଧ୍ୟରେ ଏହିପରି ଯୁକ୍ତି ହୋଇଥିଲା ଯେ ରଘୁନାଥ ଦସ୍ତବରଦାର ହେଲେ ତାହା ବିରୁଦ୍ଧରେ ଫରାସୀଅଦାଲତରେ ଯେ ସବୁ ମୋକଦ୍ଦମା ଅଛି ରାଜା ତାହା ସବୁ ଉଠାଇ ନେବେ ଏବଂ ଦୁଇ ହଜାର ଟଙ୍କା କ୍ଷତିପୂରଣ ଦେବେ ଯାହା କି ମାଜିଷ୍ଟ୍ରେଟଙ୍କ ଠାରେ ଗଚ୍ଛିତ ଅଛି ସେ ସ୍ଥଳେ ରଘୁନାଥ ଦସ୍ତବରଦାର ଦାଖଲ କରି କଚେରୀରୁ ବାହାରି ସିଦା ମାଧକେ ତାହାକୁ ଧରାଇ ଦେବା ପ୍ରତିଜ୍ଞାଭଙ୍ଗ ହେଉଅଛି । ଏଥିକି ବିଚାରପତିମାନେ କହିଅଛନ୍ତି ଯେ କେବଳ ଘଟନାରୁ ପ୍ରତିଜ୍ଞାଭଙ୍ଗର ସନ୍ଦେହ ହୋଇ ପାରେ ମାତ୍ର ପ୍ରକୃତରେ ପ୍ରତିଜ୍ଞା ଭଙ୍ଗ ହୋଇଅଛି ଏପରି ସିଦ୍ଧାନ୍ତ ଆମ୍ଭେମାନେ (ବିଚାରପତିମାନେ) କରି ନ ପାରୁଁ ବିଶେଷତଃ ରଘୁନାଥ ଏଠାରେ ଉପସ୍ଥିତ ନାହିଁ ସେ ମୋକଦ୍ଦମା ଶୁଣି ଦୁଇ ହଜାର ଟଙ୍କା ନେଇ ସନ୍ତୋଷ ହୋଇ ପାରେ । ଅତଏବ ଯେବେ ଅପରାଧ ଆଇନମତେ ରଫାଯୋଗ୍ୟ ହୋଇପାରେ ତେବେ ତା ୨୦ ରିଖ ଅପ୍ରେଲର ଆଦେଶ ବାହାଲ ରହିବ ଅର୍ଥାତ ରାଜା ଖଲାସ ପାଇବେ । ମାତ୍ର ମୁଦେଇ ଯେପରି ଇଜହାର କରିଅଛି ଏବଂ ଏପର୍ଯ୍ୟନ୍ତ ଯେ ପ୍ରମାଣ ଆଗତ ହୋଇଅଛି ତହିଁରୁ ପ୍ରକାଶ ଯେ ଏ ମୋକଦ୍ଦମାପ୍ରତି ଦଣ୍ଡବିଧି ଆଇନର ଧା ୩୬୩ ଓ ୩୬୫ ସ୍ଥାନ ପଡ଼ୁଅଛି । ସେହି ଧାରାଲିଖିତ ଅପରାଧମାନ ରଫାଯୋଗ୍ୟ ନୁହଇ ଏବଂ ଇଂରାଜରାଜ୍ୟରୁ ଜଣେ ଇଂରାଜପ୍ରଜାକୁ ଟେକିନେବା ସାମାନ୍ୟ ଅପରାଧ ନୁହେ ଯେ ସହଜରେ ମୀମାଂସା କରିବାକୁ ହେବ । ମାଜିଷ୍ଟ୍ରେଟଙ୍କର ଅଭିପ୍ରାୟ ଭଲ ଥିଲା ସନ୍ଦେହ ନାହିଁ ମାତ୍ର ତାହାଙ୍କର ସ୍ମରଣ ରଖିବା ଉଚିତ ଯେ ମିଉନିସିପାଲଟୀଘଟିତ ସାମାନ୍ୟ କଳ ଭାଙ୍ଗିବାଠାରୁ ଅପରାଧର ମର୍ଯ୍ୟାଦା ପ୍ରତି ଦୃଷ୍ଟି ନ କରି ଦଣ୍ଡବିଧି ପ୍ରୟୋଗ କରିବା [illegible] କର୍ତ୍ତବ୍ୟ କାର୍ଯ୍ୟ ହେଉ ଅଛି । ଅତଏବ ଏ ମୋକଦ୍ଦମା ପୁନର୍ବିଚାର ହେବ ଏବଂ ଯଦ୍ୟପି ତହିଁରେ ପ୍ରମାଣ ହେବ ଯେ ଧା ୩୪୨ ଓ ୩୪୬ ଧାରାର ଅପରାଧ ହୋଇଅଛି ତେବେ ରାଜା ରଫା ଅନୁସାରେ ଖଲାସ ପାଇବେ ଆଉ ଯେବେ ଧା ୩୬୩ ଓ ୩୬୫ ସ୍ଥାନଙ୍କର ଅପରାଧ ପ୍ରମାଣ ହେବ ତେବେ ଅପରାଧୀମାନେ ଅବଶ୍ୟ ଦଣ୍ଡ ପାଇବେ । ଏ ମୋକଦ୍ଦମା ଅନ୍ୟ ଅଦାଲତରେ ବିଚାରିତ ହେବାର ପ୍ରାର୍ଥନା କରାଇଅଛି ଏବଂ ଯେ ସମସ୍ତ କାଗଜାତ ଉପସ୍ଥିତ ହୋଇଅଛି ତହିଁରୁ ଯଥେଷ୍ଟ ପ୍ରକାଶ ଯେ ବାଲେଶ୍ୱର ଜଣ୍ଟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏ ମୋକଦ୍ଦମା, ପୁନର୍ବାର ବିଚାରିତ ହେବା ବାଞ୍ଛନୀୟ ନୁହଇ । ଅତଏବ ମେଦିନୀପୁରର ମାଜିଷ୍ଟ୍ରେଟ ଏ ମୋକଦ୍ଦମାର ବିଚାର କରିବେ ।

---

ସଂସ୍କାରର ଆବଶ୍ୟକତା ଏବଂ ଉପାୟ ।

ପୁରୀରଥଯାତ୍ରା ଉପଲକ୍ଷରେ ଆସିଥିବା ଅସଂଖ୍ୟ ଯାତ୍ରିଙ୍କ ମଧ୍ୟରେ ସାଧୁଙ୍କର ଭାଗ ଏ ବର୍ଷ ଅଧିକ ଥିଲା । ତହିଁମଧ୍ୟରେ ସ୍ୱାମୀସିଦ୍ଧନାଥ ନାମକ ଏକଜଣ ସାଧୁ ପୁରୀରୁ ଫେରି ଆସି ମାସାଧିକ ହେବ ଏ ନଗରରେ ବାସ କରିଅଛନ୍ତି । ଏହାଙ୍କ ନାମ ପୂର୍ବେ ନନ୍ଦଲାଲ ଏବଂ ବାସସ୍ଥାନ ମଧ୍ୟ ପ୍ରଦେଶାନ୍ତର୍ଗତ ସାଗର ଜିଲ୍ଲାରେ ଥିଲା । ଇଂରାଜୀଭାଷା ଉତ୍ତମରୂପେ ଶିକ୍ଷା କରି ସାଗରର ହାଇସ୍କୁଲର ହେଡ୍‌ମାଷ୍ଟରୀ କାର୍ଯ୍ୟ କରୁଥିଲେ । ତହିଁ ତାହାଙ୍କର ସ୍ତ୍ରୀ ପୁତ୍ର କନ୍ୟା ଏବଂ ଜ୍ୟେଷ୍ଠ-

Digitized by srujanika@gmail.com

ଲିଭ ପ୍ରଭୃତି ଅଛନ୍ତି । ପ୍ରାୟ ଦୁଇବର୍ଷ ହେଲା ସେବ୍ୟଲିନ କଷ କରିବାରୁ ସରକାରୀକାର୍ଯ୍ୟ ଓ ଗୃହ ପରିତ୍ୟାଗପୂର୍ବକ ସନ୍ୟାସଧର୍ମ ଏବଂ ଉପରି- ଲିଖିତ ନାମ ଧାରଣ କରି ଧର୍ମୋପଦେଶ ଦେଇ ବୁଲୁଅଛନ୍ତି । ଏପରି ହିନ୍ଦୁମାନଙ୍କ ମଧ୍ୟରେ ସମାଜ ଓ ଧର୍ମସମ୍ବନ୍ଧୀୟ ପ୍ରୟୋଜନୀୟ ସଂସ୍କାର- ମାନ ସାଧିତ ହେବ ଓ ଲୋକଙ୍କର ଧର୍ମଜ୍ଞାନ ଜାଗ୍ରତ ହେବ ଏହି ବିଷୟ ତାହାଙ୍କର ଆନ୍ତରିକ ଚିନ୍ତା ଏବଂ ଏ ସମ୍ବନ୍ଧରେ ସେ ଗୋଟିଏ ଉପାୟ କଳ୍ପନା କରିଥାନ୍ତି । ସେହି କଳ୍ପନା ସର୍ବସା- ଧାରଣଙ୍କ ସମକ୍ଷରେ ଉପସ୍ଥିତ କରିବା ଏବଂ ଧର୍ମପ୍ରତି ଲୋକଙ୍କର ଅନୁରାଗ ବଢ଼ାଇବା ଅଭି- ପ୍ରାୟରେ ଏ ନଗରରେ ବକ୍ତୃତା ପ୍ରଦାନ କରିବାର ଇଚ୍ଛା ପ୍ରକାଶ କରିବାରୁ ଗଲ ରବି- ବାର ଅପରାହ୍ନ ୫ ଘଣ୍ଟା ସମୟରେ କଟକ ପ୍ରିଣ୍ଟିଙ୍ଗମାନଙ୍କ କୋଠାରେ ଗୋଟିଏ ସଭା ହୋଇଥିଲା ଏବଂ ବଡ଼ଖୁସିର ବିଷୟ ଯେ ବିଜ୍ଞାପନ ପାଇ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ବାବୁ ବଳରାମ ମଲ୍ଲିକ ମହାଶୟ ସଭାପତି ପଦରେ ବରିତ ହୋଇ ବକ୍ତା ସ୍ୱାମୀନ- ନ୍ଦୋଦୟଙ୍କର ସଂକ୍ଷେପରେ ପରିଚୟ ଦେଇ ସଭାର କାର୍ଯ୍ୟାରମ୍ଭ କଲନ୍ତି । ବକ୍ତା ମହୋଦୟ ହିନ୍ଦି- ଭାଷାରେ ପୂର୍ଣ୍ଣ ଦେଢ଼ଘଣ୍ଟା କାଳ ବଡ଼ ଉତ୍ସା- ହର ଏବଂ ଭାବପୂର୍ଣ୍ଣ ବକ୍ତୃତାଦ୍ୱାରା ଶ୍ରୋତାମାନଙ୍କୁ ମୋହିତ କରିଥିଲେ ଏବଂ ତାଙ୍କ କରତାଳିଦ୍ୱାରା ତାହା ବ୍ୟକ୍ତ ହୋଇଥିଲା । ବକ୍ତାଙ୍କର କଥା ଶୁଣି ବୋଧ ହେଲା ଯେ ଭକ୍ତିଭାବରେ ତାହାଙ୍କର ମନ ପରିପୂର୍ଣ୍ଣ ରହିଅଛି ଏବଂ ସର୍ବସାଧାରଣଙ୍କ ମନରେ ଉପରି ଧର୍ମଭାବର ଉଦ୍ଦୀପ୍ତ ହେବ ଏଥିପାଇଁ ସେ ଆନ୍ତରିକ ଯତ୍ନବାନ । ଏପରି ସାଧୁଲୋକର ଉପଦେଶ ଶୁଣିବାକୁ ଅନେକ ବଢ଼ିବା ସ୍ୱାଭାବିକ । ଏହିହେତୁରୁ ବକ୍ତୃତା ଶେଷ ହେଲା ଉତ୍ତାରୁ ଆଉ ଦିନେ ସ୍ୱାମୀମହାଶୟ ବକ୍ତୃତା ପ୍ରଦାନ କରିବେ କି ନା ଜାଣିବାକୁ ସମସ୍ତ ଲୋକମାନେ ବ୍ୟସ୍ତ ହୋଇ ପ୍ରଶ୍ନ କଲେ । ବୋଧହୁଏ ବାହୁଲ୍ୟ ରେ ପ୍ରାୟ ଜନସଭାଲୋକ ସମବେତ ହୋଇଥିଲେ ଓ ଗୃହଟି ପୂର୍ଣ୍ଣହୋଇ- ଯିବାରୁ କେତେଲୋକ ବାରଣ୍ଡାରେ ଅସିବାରୁ ବାଧ୍ୟହୋଇ ଫେରିଗଲେ ।

ସେଦିନ ବକ୍ତୃତା ଦେଢ଼ଘଣ୍ଟା କାଳ ବ୍ୟାପି- ଥିଲା ତହିଁର ସଂକ୍ଷେପ ବିବରଣ ମଧ୍ୟ ଏ ପତ୍ରି- କାର ଅଳ୍ପସ୍ଥାନରେ ପ୍ରକାଶ କରିବା ଅସମ୍ଭବ । ଅମ୍ଭେମାନେ ତହିଁର ତାତ୍ପର୍ଯ୍ୟ ଏହିପରି ଜଣା- ଇବା ଯଥେଷ୍ଟ ମନେ କରୁଅଛୁଁ ଯେ ବକ୍ତା ପ୍ରଥମେ ଧର୍ମ ଓ ଜଗତ ସୃଷ୍ଟିର ବ୍ୟାଖ୍ୟା କରି ଏବଂ ପ୍ରାତ୍ୟାହିକ ଉପାସନାର ଅମୂଲ୍ୟଫଳ ବ- ର୍ଣ୍ଣନା କରି କହିଲେ କି ହିନ୍ଦୁଧର୍ମ ପ୍ରଚାର ଏବଂ ରକ୍ଷାର ଭାର ବ୍ରାହ୍ମଣଙ୍କ ହାତରେ ଥିଲା । ବ୍ରାହ୍ମଣମାନେ ଧର୍ମନିଷ୍ଠାରେ ରହି ଅପର ସମ- ସ୍ତଙ୍କୁ ଧର୍ମୋପଦେଶ ଦେବେ ଏବଂ ସେମାନେ ବ୍ରାହ୍ମଣମାନଙ୍କର ପ୍ରତିପାଳନର ଉପାୟ କରି- ବେ । ଏହି ନିୟମ ବର୍ତ୍ତମାନ ଉଭୟ ପକ୍ଷରୁ ଉପେକ୍ଷିତ ହୋଇଅଛି ଏବଂ ତହିଁର ଫଳ ଏହି ହୋଇଅଛି ଯେ ବ୍ରାହ୍ମଣମାନେ ପେଟ ପାଇଁ ଭିକ୍ଷା ବା ଅନ୍ୟାନ୍ୟ ବ୍ୟବସାୟର ଆଶ୍ରୟ ନେଇଅଛନ୍ତି ଏବଂ ଅନ୍ୟାନ୍ୟ ଶ୍ରେଣୀର ଲୋ- କମାନେ ଶିକ୍ଷା ଓ ଉପଦେଶ ଅଭାବରେ ପଥଅଷ୍ଟାଶୃଙ୍ଖ ହୋଇଅଛନ୍ତି । ସ୍ୱୟଂ ବ୍ରାହ୍ମଣ- ମାନେ ସନ୍ଧ୍ୟା ଉପାସନାବିଧି ଛାଡ଼ି ଅପେ- ଷାପରେ ବୁଡ଼ିରହିବା ସ୍ଥଳେ କ ସାହସରେ ସାମାନ୍ୟଦକ୍ଷିଣା ସ୍ୱୀକାରେ ଅନ୍ୟର ପାପ ଆପଣା- ମୁଣ୍ଡରେ ନେଇ ତାହାକୁ ଉଦ୍ଧାର କରିବାର କହି ବୁଲନ୍ତି ଏଥିର ଅମାରତା କେ ବଡ଼ ସ୍ୱନବରୂପେ ପ୍ରତିପନ୍ନ କରିଥିଲେ । ଫଳତଃ ଯେସ୍ଥଳେ ବ୍ରାହ୍ମଣଠାରୁ ଶୂଦ୍ର ପର୍ଯ୍ୟନ୍ତ ସମସ୍ତଙ୍କର ଧର୍ମଜ୍ଞାନ ଓ କ୍ରିୟା ଲୋପ ପ୍ରାୟ ହୋଇଅଛି ଏବଂ ସେହି ହେତୁରେ ସମାଜବନ୍ଧନ ମଧ୍ୟ ଶିଥିଳ ହୋଇ ସମସ୍ତଙ୍କର ଅଧୋଗତି ଦିନକୁଦିନ ବୃଦ୍ଧି ହେଉଅଛି ସେ ସ୍ଥଳେ ତହିଁର ଉପାୟ କରିବା ନିତାନ୍ତ ପ୍ରୟୋଜନ । ଏ ବୃହତ୍କାର୍ଯ୍ୟ ସାମାନ୍ୟ- ରେ ସଂସାଧିତ ହେବାର ନୁହଇ । ଯେମନ୍ତ ଜଗତରେ ମହାସଭା ଅଛି ସେହିପରି ଏଦେଶ- ରେ ଧର୍ମସଂସ୍କାର ଏବଂ ଶିକ୍ଷାର୍ଥେ ଗୋଟିଏ ମହା- ସଭା ସ୍ଥାପିତ ହେବା ଏବଂ ତହିଁର ଶାଖା ପ୍ରଶାଖାମାନ ପ୍ରତ୍ୟେକ ନଗର ଏବଂ ଗ୍ରାମରେ ସ୍ଥାପିତହେବା ଆବଶ୍ୟକ । ମହାସଭା ଯେପରି ବ୍ୟବସ୍ଥା କରିବେ ଶାଖାସଭାମାନ ତଦନୁସାରେ କାର୍ଯ୍ୟ କରିବେ । ଶାସ୍ତ୍ରଜ୍ଞ ଏବଂ କ୍ରିୟାନିଷ୍ଠ ବ୍ରାହ୍ମଣମାନେ ଉପଦେଶ ଦେବା ନିମନ୍ତେ ନିଯୁକ୍ତ ହେବେ ଏବଂ ତହିଁ ସଭାରେ ସଭାରୁ ବେତନ ପାଇବେ । ବ୍ରାହ୍ମଣ ଛଡ଼ା ଅନ୍ୟ ଶ୍ରେଣୀର ସାଧୁ ଓ ଯୋଗ୍ୟଲୋକମାନେ ପ୍ରଚାର ଓ ଉପଦେଶ କାର୍ଯ୍ୟରେ ନିଯୁକ୍ତ ହୋଇ- ପାରିବେ । ଏମାନଙ୍କ ବେତନ ଏବଂ ସଭାର ଅନ୍ୟାନ୍ୟ ବ୍ୟୟ ନିର୍ବାହାର୍ଥ ଗୋଟିଏ ପାଣ୍ଠି ସ୍ଥାପିତ ହେବ ଯେ ସାମୟିକ ହେବ ଏବଂ ଦାନ ପ୍ରଭୃତିଦ୍ୱାରା ତହିଁପାଇଁ ଅର୍ଥ ସଂଗୃହୀତ ହେବ । ବିବାହ ଶ୍ରାଦ୍ଧ ଇତ୍ୟାଦି କ୍ରିୟାରେ ହିନ୍ଦୁମାନେ ଯେମନ୍ତ ଅର୍ଥ ବ୍ୟୟ କରନ୍ତି ତହିଁରୁ ଶତକଡ଼ା ୨ ଏ ପାଣ୍ଠିକୁ ଦାନ କଲେ ଅର୍ଥର ଅଭାବ କେବେହେଁ ହେବ ନାହିଁ । ଏ ବିଷୟର ବିସ୍ତାରିତ ନିୟମାବଳୀ ଅନ୍ୟ ଏକଦିନ ପ୍ରକାଶ କରିବାର କହି ବକ୍ତା ଏ ଦିନର ବକ୍ତୃତା ଶେଷ କଲେ ଏବଂ ତହିଁ ଉତ୍ତାରୁ ସଭାପତି ମହାଶୟ ଇଂରାଜୀଭାଷାରେ ବକ୍ତୃତାର ମୂଳ ତାତ୍ପର୍ଯ୍ୟ ଆଲୋଚନା ଏବଂ ତହିଁର ପ୍ରଶଂସା କରି ସମସ୍ତ ବ୍ୟକ୍ତିଙ୍କ ପକ୍ଷରୁ ତାହାଙ୍କୁ ଧନ୍ୟବାଦ ଦେଇ ସଭା ଭଙ୍ଗ କଲେ ।

—❖—

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ପ୍ରଥମ ଦିନମାନ ଏକ ଓ ତହିଁ ଉତ୍ତାରୁ ପ୍ରତ୍ୟହ ବୃଷ୍ଟି ହୋଇଅଛି । ଗତ ମଙ୍ଗଳବାର କଟକରେ ଏକଂଶ୍ର ଚାର ଧାରବୃଷ୍ଟି ହୋଇଥିଲା ।

ଓଲନ୍ଦାପାରେଷ ଏବଂ କଳାରେ ଦେଖା ଦେଉଅଛି । ଏଣେ କଟକରେ ଭାର ବାହାମୂଳ କ୍ଷେତ୍ରରେ ପୀଡ଼ିତ ହେବାରୁ ଅବଶ୍ୟ ଅନେକଙ୍କୁ ଯାଇପାରୁ ନାହାନ୍ତି ।

ସ୍ୱାମି ସ୍ୱିତନାଥ ଗତ ବୃହସ୍ପତିବାର ସନ୍ଧ୍ୟାଠାରୁ ଏ ନଗରର ଗୋପାଳକୃଷ୍ଣଙ୍କ ମଠରେ ଭକ୍ତି ଏବଂ ଧର୍ମସମ୍ବନ୍ଧ ବିଷୟ- ରେ ବକ୍ତୃତା ପ୍ରଦାନ କରିଥିଲେ । ସନ୍ଧ୍ୟା ପୂର୍ବ ପ୍ରାୟ ଚାରି- ଘଣ୍ଟାକାଳ ଘନ ବୃଷ୍ଟି ହେବାରୁ ଶ୍ରୋତାଙ୍କ ସଂଖ୍ୟା ଅଳ୍ପ ଥିଲା । ସ୍ୱାମିଙ୍କର ଭକ୍ତିଭାବରେ ସମସ୍ତେ ମୋହିତ ହୋଇ ଥିଲେ ।

## କଲିକତା-ଗେଜେଟ ।

ଗତ ଭାଦ୍ରବ ମାସରୁ ବୋର୍ଡମାନଙ୍କର ସଭ୍ୟ ସ୍ୱରୂପରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଛନ୍ତି ।

ପୁରୀ ଲୋକାଲ୍ ବୋର୍ଡର ସଭ୍ୟମାନଙ୍କର ନାମ ।

ଖଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର

ବାବୁ ଗୋପୀକୃଷ୍ଣ ମହାନ୍ତି ଡେଃ ମାଜିଷ୍ଟ୍ରେଟ

- ହରିଶ୍ଚନ୍ଦ୍ର ବୋଷ
- ଜଗବନ୍ଧୁ ପଟ୍ଟନାୟକ, ବଣେଇ ସବଡିଭିଜନ
- କାଳୁଚରଣ ମିଶ୍ର
- ଶେଖମୋହନ ଘୋଷ
- ନାରାୟଣ ଦେଓ
- ଗୋପାଳଚନ୍ଦ୍ର ସରକାର

ଖୋର୍ଦ୍ଧା ଲୋକାଲ୍ ବୋର୍ଡର ସଭ୍ୟମାନଙ୍କର ନାମ ।

ବାବୁ ତାରାରାମ ବୋଷ, ସବ ଡେଃ କଲେକ୍ଟର

- ନନ୍ଦକିଶୋର ଦାସ
- ଲକ୍ଷ୍ମୀଧର ପଟ୍ଟନାୟକ
- ଚନ୍ଦ୍ରନଦୀ ପଟ୍ଟନାୟକ

ଚୌଧୁରୀ ମଦନ ମହେନ୍ଦ୍ର

ମ୍ୟାଃ ଡକଲନ, ଡି, ଟେଲର ସାହେବ

Digitized by srujanika@gmail.com

ଅସ୍ମାମାନଙ୍କର ଛୁଟୀପ୍ରାପ୍ତ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର୍ ଚାର୍ଲସ୍ ଇଲିୟଟ୍ ସାହେବ ଫେର ଆସିବେ କାହିଁ ବୋଲି ଅନେକେ ଅନୁମାନ କରୁଥିଲେ । ମାତ୍ର ବର୍ତ୍ତମାନ ପ୍ରକାଶ ଯେ ସାହେବ ପ୍ରଶଂସିତ ଆଗାମୀ ନବମ୍ବରମାସ ତା ୫ ଋଖରେ ବ୍ରିଣ୍ଡିସିଠାରୁ ଇଲଣ୍ଡକୁ ଯାତ୍ରା କରିବେ ।

କପୂରଥାଲାର ମହାରାଜା ବମ୍ବଇରୁ ପାଣ୍ଡୁ ଜାହାଜରେ ଯାଇ ସେଠାରେ ସୁବାସିତ ଦ୍ରବ୍ୟାଦି ଏବଂ ଦ୍ରାକ୍ଷା କାରଖାନା ଦର୍ଶନ କରିଥିବାର ସମ୍ବାଦ ମିଳଇ । କାରଖାନାଟି ଦେଖି ମହାରାଜା ପ୍ରଭୂତ ଆନନ୍ଦ ପ୍ରକାଶ କରିଥିବାର କଥିତ ହୁଏ ।

ନିଜାମଙ୍କର ମନ୍ତ୍ରୀଙ୍କରେ ଉଭୟମଧ୍ୟରେ କଳହ ଜାତ ହୋଇଥିବାର ସମ୍ବାଦ ମିଳିଥିଲା ମାତ୍ର ବର୍ତ୍ତମାନ ଉକ୍ତ କଳହ ମୀମାଂସିତ ହୋଇଯାଇଥିବାର କଥିତ ହୁଏ ।

ମାନ୍ଦ୍ରାଜଠାରେ ଜଣେ ଦେଶୀୟକର୍ମଚାରୀଙ୍କି ବର୍ତ୍ତମାନ ଏକ ପାଗଳଲୋକର କାମୋଡ଼ିବାରୁ ତାହାଙ୍କୁ ଚିକିତ୍ସା ନିମନ୍ତେ ପାସ୍ତର ନଗରକୁ ପ୍ରେରଣ କରାଯାଇଥିବାର ସମ୍ବାଦ ମିଳଇ । ବର୍ତ୍ତମାନ ପାସ୍ତର୍ ନଗରରେ ବୃହତ୍ ଲୋକ ଚିକିତ୍ସା ହେଉଅଛି ।

ଶିମଳାଠାରୁ ସମ୍ବାଦ ମିଳଇ ଯେ ସୀମାନ୍ତ ଜାତି ଏବଂ ଆଫ୍ରିଦି ମହମ୍ମଦୀୟ ଅନେକ ଉପଦ୍ରବ କରୁଅଛନ୍ତି ଏବଂ ଶିଖଙ୍କର ଲୋକମାନଙ୍କୁ ବିଦ୍ରୋହ କରିବା କାରଣ ମଡ଼ାଉଅଛନ୍ତି । ଅଳ୍ପଦିନ ତଳେ ସେ ଶିଖର ଶ୍ରୀକାନ୍ତଠାରୁ ଗୋ ୨୦ ଟି ଓଟରେ ବୋଝାଇ କରି ନାନାପ୍ରକାର ଶସ୍ୟ ନେଣ୍ଡା ଏବଂ ଅନ୍ୟାନ୍ୟ ବହୁମୂଲ୍ୟ ଦ୍ରବ୍ୟ ଲୁଟି ନେଇଗଲେ । ଏହାଙ୍କ ଆକ୍ରମଣ କରିବା କାରଣ ଇଂରାଜସେନା ପ୍ରେରିତ ହେବାର ଆଦେଶ ହୋଇଅଛି ଏବଂ ଶିଖରର ପୋଲିଟିକେଲ ଏଜେଣ୍ଟ ମେଜର ଡେଣ୍ଟଲ୍ ସାହେବ ଗତମାସ ତା ୭ ଋଖରେ ଶିବିରଠାରୁ ଶିଖର ଅଭିମୁଖେ ଯାତ୍ରା କରିଅଛନ୍ତି । ସୀମାନ୍ତ ସଙ୍ଗେ ସହଯୋଗୀ ମିଳିଅଛନ୍ତି ଏବଂ ଲୋକମାନଙ୍କୁ ସୀମାନ୍ତ ପ୍ରତିଶ୍ରୁତି କରୁଅଛନ୍ତି ଯେ ଶିଖରର ଇଂରେଜ ପୁନର୍ବାର ମିତ୍ର ଗୋଧାନ୍ୟବର୍ଷାକୁ ଜିଣିବେ ନୋହିଲେ ଇଂରାଜ ହସ୍ତରେ ପ୍ରାଣତ୍ୟାଗ କରିବେ ।

ଲକ୍ଷ୍ନୌନଗରରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଗତମାସ ତା ୧୬ ଋଖରେ ବଣ୍ଟିଗ୍ରାମଠାରେ ରେଲଗାଡ଼ି ଭଗ୍ନ ହେବାରୁ ଅବତରଣ କରିବା ସମୟରେ ରେଲରୁ କାହାରି ଯାଇ ତଳେ ପଡ଼ି ପାଣି ଯାଇଅଛି । ଏଥିରେ ତୃତୀୟ ଶ୍ରେଣୀରେ ଆରୋହି ଉପବେଶନ କରିବା ନିମିତ୍ତ ଅନେକ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୧୫ ଜଣ ହତ ଏବଂ ଅନେକ ଜଣ ଆଘାତ ପ୍ରାପ୍ତ ହୋଇଅଛନ୍ତି ।

ସିକାଗୋ ଠାରେ ହୋଇଥିବା ମୁଦ୍ରାସମିତି ରୌପ୍ୟ ମୁଦ୍ରା ବ୍ୟବହାରକୁ ସମର୍ଥନ କରି ରୂପା ଚଳାଇବା ସମ୍ବନ୍ଧୀୟ ଆଇନ ଉଠାଇ ଦେବା ବିଷୟରେ ପ୍ରସ୍ତାବ ଆରମ୍ଭ କରିଅଛନ୍ତି । ସେମାନେ ଯୁକ୍ତରାଷ୍ଟ୍ରରେ ସ୍ୱର୍ଣ୍ଣମୁଦ୍ରା ଚଳାଇବା କାରଣ ମହାସମିତିର ଅଧିବେଶନ କରାଇ ଉକ୍ତ ଆଇନ ଉଠାଇ ଦେବାର ମତ ଦେଇଅଛନ୍ତି । ଏହାର ପରିଣାମ କ'ଣ ହେବ ଅସ୍ମାମାନଙ୍କ ଅନୁମାନର ଅତୀତ । ଶେଷ ଫଳ କ'ଣ ହେବ ଶୀଘ୍ର ଜଣାଯିବ ।

ଉଦାପୁର ଅନ୍ତର୍ଗତ ଦିହାରାବଳବନ୍ତପୁର ଠାରେ ଏକ ଅଶ୍ରୁତପୂର୍ବ ବ୍ୟାପାର ଘଟିଥିବାର ସମ୍ବାଦ ମିଳଇ । ଜଣେ ଅଧିକାରୀ ନିମନ୍ତେ ଅପରାଧରେ ଯାବଜ୍ଜୀବନ ବନ୍ଦୀବାସ ଭୋଗ କରିବାର ଦଣ୍ଡାଜ୍ଞା ପ୍ରାପ୍ତ ହୋଇ ଦଣ୍ଡିତ ହେବାପରେ ସେ ଏକ ସ୍ତ୍ରୀ ଦଶ୍ରୀଥ ଓ ତାହାଙ୍କୁ ଲୋଡ଼ିବ ଜନ୍ମ ଜାତ ହୋଇଅଛି । ଜନ୍ମର ଅବୈଧତାପ୍ରତିରୋଧ ଦଣ୍ଡ ଅଭାବରେ ତାହାର ମାତାକୁ ଦଣ୍ଡ କରିବାର ଇଚ୍ଛା ପ୍ରକାଶ କରନ୍ତି ବନ୍ଦୀପକ୍ଷମାନେ ଏହା ଦେଖିଲେ ଓ କାରାଗାରର ନିୟମରେ ସମ୍ପନ୍ନ ହେଲା ମାତ୍ର ପରକ୍ଷରେ ଉକ୍ତ ସତ୍ତ୍ୱ ଦାବୀ ନିମିତ୍ତ ଅଭାବ ହେବାରେ ସେଠାଁ ସେହିଠାରେ ଭେଟ ଉଠିଲା ତହିଁରେ ଦର୍ଶକମାନଙ୍କର ଛତ୍ରଙ୍ଗ ଦର୍ଶନ ହୋଇଗଲା ।

ହାତର ନଖକୁ କାମୁଡ଼ିବା ଅଭ୍ୟାସ ଅନେକ ବ୍ୟକ୍ତିଙ୍କର ଅଛି । ଏଥିରେ ସ୍ୱାସ୍ଥ୍ୟ ଭଙ୍ଗ ହୁଅଇ—ଏହି ଅଭ୍ୟାସ ସ୍ୱାସ୍ଥ୍ୟର ଦୁର୍ବଳତାର ଏକ ପ୍ରଧାନ କାରଣ ।

ବଲଜନ୍ତାର ଏଣ୍ଡିଷ୍ଟାଇକ୍ସ କେଲ ଡୋସାଇଟୀ ସିରିଜ ହାପରୁ ଏକପ୍ରକାର କଡ଼ିଶ ଅର୍ଥାତ୍ ତହିଁର ଗୁଡ଼ ( ଚିନି ଗୁଡ଼ ) ପ୍ରସ୍ତୁତ କରୁଅଛନ୍ତି । ସେହି ଗୁଡ଼ ଓ ଚିନି ବହୁ ହୁଅଇ ।

ଗତ ଶନିବାରଦିନ କଲିକତାରୁ ଦୁଇଟି ଜାତ ନେଣ୍ଟା ଓ ଜେଲ ଚିକିତ୍ସକରୁ ଖଲାସ ହୋଇଅଛନ୍ତି । ଏହି ପଶୁଗୁଡ଼ିକ ଜଣେ ବଣିକ ନିଲାମ କରିବା ପାଇଁ ନେଇ ଯାଇଅଛି । କାଶୀପୁରଠାରେ ପଲେ ଗୋରୁ ମହଜଦ ଅଛନ୍ତି । ଏଗୁଡ଼ିକ ମଧ୍ୟ ଶୀଘ୍ର ଚିକିତ୍ସକରୁ ଖଲାସ ହେବେ ।

ଅଳତାର ରଚମାଣ୍ଡ ଏବେଣ୍ଡିକାମରେ ଏକ ଯନ୍ତ୍ରାଦ୍ୟ ମିଶରଦେଶୀୟ ମୁସଲମାନ ଅମେରିକାର କୌଣସି ସହରରେ ମୁସଲମାନଧର୍ମ ପ୍ରଚାର କରୁଅଛନ୍ତି । ମାର୍କିନମାନଙ୍କୁ ମୁସଲମାନଧର୍ମରେ ଦୀକ୍ଷିତ କରିବା ତାହାଙ୍କର ଉଦ୍ଦେଶ୍ୟ ସେ ସେଠାରେ ଦେବଦେବୀ ଲୋକଙ୍କୁ ବୋଧନ ପଢ଼ାଉଅଛନ୍ତି ।

## ସୁଷ୍ଠ—ସମ୍ବାଦ ।

ଗତ ଦଶମୀଠାରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବୁଲନ ଯାତ୍ରା ଆରମ୍ଭ ହୋଇଅଛି । ମଠବାଡ଼ିମାନଙ୍କରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଯାତ୍ରା କରିବା କାରଣ ଅନେକ ଯାତ୍ରାବାଲାଦଳ ଆସିଅଛନ୍ତି ।

ଡାକ୍ତରବାବୁ ରଜନୀଚନ୍ଦ୍ର ବାମ ସ୍ୱପ୍ନ ଆଡେଶ୍ୱରଙ୍କୁ ବିଶେଷ ପରିମାଣରେ ଅପ୍ରେସନର କରି ଏଠାରେ ପହଞ୍ଚିଅଛନ୍ତି ।

ଗତ ଲୁତ୍ରିଗୁଦାଠାରେ ଦିନା ଗଢ଼ିଲେ ଏବଂ ପାଣିରୁ ଅଧିକ ଯାତ୍ରୀ ରହିଥିବା ଅପରାଧରେ ଅନେକ ଲୋକ ଅଭିଯୁକ୍ତ ହୋଇ ଲୋଗମାନା ଦେଇଲେଣି । ଅନ୍ୟ ବାଲ କଟେଲରେ ଏହି ମୋକଦ୍ଦମା ବିଶେଷ ଚଳୁଅଛି ।

ମାଳଷୀନା ଠାକୁରାଣୀଙ୍କ ତଟରେ ଯୋଗବନ୍ଧୁ ଏକ ପରମହଂସ ବହୁକାଳରୁ ଅବସ୍ଥାନ କରୁଥିଲେ । ଗତ କଲ୍ୟ ମଙ୍ଗଳବାର ଉକ୍ତ ମହାତ୍ମାଙ୍କର ଦେହାନ୍ତ ହୋଇଅଛି । ଏହାଙ୍କ ଏକଶହରୁ ଅଧିକ ବୟସ ହୋଇଥିଲା ।

ଗତ ଶନିବାର ଏଠାର ଜଣେ ପ୍ରସିଦ୍ଧ ପଣ୍ଡିତ ଲୋକନାଥ ବାଚସ୍ପତି ଓଲାଉଠା ରୋଗରେ କାଳକବଳଗ୍ରସ୍ତ ହୋଇଅଛନ୍ତି ।

ପୁରୀର କୋ ୫ ଶ ଦୂର ଭେଲେଶ୍ୱର ମହାଦେବଙ୍କ ନିକଟସ୍ଥ ଚାନ୍ଦିଗୋଡ଼ ନାମକ ଗ୍ରାମରେ ବୃନ୍ଦାବନ ଚଉଧୁରୀ ଜଣେ ମେହେନ୍ତର ଓ ଜନସୋବାଦାରଙ୍କୁ ବଲାତ୍କାର ହତ୍ୟା କରିବା ଅଭିପ୍ରାୟରେ ଏକ ଗୋରୁର ଚର୍ମ୍ମଖାନରେ ଦଣ୍ଡଯୁକ୍ତ କୌଣସି ଜୋଟିଏ ଅସ୍ତ୍ର ଭୁଷିଥିବା ସମୟରେ ଉକ୍ତ ଗୋରୁର ଉପର ଦେଇ ସ୍ଥାନବାସୀମାନଙ୍କ ଲଗାଇ ପୂର୍ବରେ ଏଠାର ଦେବାକୁ ଉକ୍ତ ମେହେନ୍ତରର ନାମରେ ମୋକଦ୍ଦମା ଦାଏର ହୋଇଅଛି । ଉକ୍ତ ଗ୍ରାମରେ ଏକମାସ ମଧ୍ୟରେ ଗୋ ୨୦ । ୨୫ ରୁ ଏକଶହ ମଧ୍ୟରେ ଚର୍ମ୍ମଖାନରୁ ରକ୍ତସ୍ରାବ ହୋଇ ପ୍ରାଣତ୍ୟାଗ କରିଥିବାରୁ ଏହି ଦଣ୍ଡର ମେହେନ୍ତରଙ୍କ ଏହି ଲଗ୍ନାବଦ୍ଧ ସଂହାରମାନ ହେଉଥିବାର ଅନୁମାନ ହେଉଅଛି । ଇତିପୂର୍ବେ କଣାସରେ ଏହିପରି ଗୋବଧ ଶ୍ରୁତ ହୋଇଥିଲା । ଏହି ବଦମାସମାନଙ୍କରେ ଲୋକମାନଙ୍କର ଦୃଷ୍ଟି ନ ପଡ଼ିବା ବଡ଼ ଦୁଃଖର ବିଷୟ ।

ଶ୍ରୀ ବିମଳା ଠାକୁରାଣୀଙ୍କ ବେଢ଼ା ମଧ୍ୟରେ ଦଶମହାବିଦ୍ୟା ଏବଂ କାର୍ତ୍ତିକେୟ ମୂର୍ତ୍ତି ମହାରାଜଙ୍କ ଦ୍ୱାରା କର୍ମଗୃହ ନିର୍ମାଣ ହୋଇଥିବାରୁ ଏଠାରେ ବିଶେଷ ଆନ୍ଦୋଳନ ଲାଗିଅଛି ।

ଗତ ରବିବାର ମନ୍ଦିର ମଧ୍ୟରେ ଗୋଟିଏ ସଭା ହୋଇଥିଲା । ମନ୍ଦିରସଂସ୍କାରଣୀପଣ୍ଡାରୁ ଉକ୍ତ ମୂର୍ତ୍ତିମାନ ପୁନର୍ବାର ସ୍ଥାପିତ ହେବାର ପ୍ରସ୍ତାବ ହୋଇଗଲା ।

ଏ ସପ୍ତାହରେ ବିଶେଷ ଅଳ୍ପ ବର୍ଷା ହେବାରୁ ଓଲାଉଠା ପୁନର୍ବାର ଦୀପ୍ତ ହୋଇଅଛି । କାଲୁ ଗତ କଲ୍ୟ ତା ୨୨ ଋଖ ମଙ୍ଗଳବାର ଉତ୍ତମ ଏକଅଧା ବୃଷ୍ଟି ହୋଇଅଛି ଏବଂ ଅନେକ ବର୍ଷା ହେବାରୁ ହୋଇ ବହୁଧାର ହେଉଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ।

ଅନୁଗ୍ରହ ପୂର୍ବକ ଅମ୍ଭର ନିମ୍ନ ଲିଖିତ ବିଷୟଟି ଉତ୍କଳଦୀପିକା ପତ୍ରରେ ସ୍ଥାନ ଦେଇ ବାଧିତ କରିବା ହେବେ ।

କୌଣସି ବ୍ୟକ୍ତି ଗୁରୁତର ପାପ କରି ପ୍ରାୟଶ୍ଚିତ୍ତ ଦ୍ୱାରା ସାଧାରଣରେ ମୁକ୍ତି ଲଭ ନାହିଁ କରୁ ସେ ବ୍ୟକ୍ତି ଗୃହରେ କୁଟୁମ୍ବ ଅନ୍ୟ ଲୋକମାନେ ଭକ୍ଷ ଭୋଜନ କରୁଥିଲେ ପ୍ରାୟଶ୍ଚିତ୍ତରେ ଦାୟୀ ହେବେ କି ନାହିଁ । ସମସ୍ତ ଗୁରୁଜନମାନଙ୍କୁ ଓ ପଣ୍ଡିତମାନଙ୍କୁ ନିବେଦନ ଦ୍ୱାରା ଅନୁରୋଧ କରୁଅଛୁଁ କି ଯଥାର୍ଥ ବାକ୍ୟଦ୍ୱାରା ଅଜ୍ଞାନ କରାଇବେ । ଇତି ।

। ଇ ।

ତା ୧୯।୮।୯୭ ମସିହା । ମୁ । ବାଲେଶ୍ୱର — ଶ୍ରୀ ରଘୁନାଥ ମହାନ୍ତି ବୋଧପୁର ନିକଟ

Split by PDF Splitter

Digitized by srujanika@gmail.com

ମହାଶୟ !

ଅମ୍ଭମାନଙ୍କ ମାନେଜର ଶ୍ରୀଯୁକ୍ତ ମୁନସି ମହମଦ ଅଲିଙ୍କ ରାଜ୍ୟଶାସନରେ ସମସ୍ତ ପ୍ରଜା ଓ ଅମଲେ‌ମାନେ ସନ୍ତୋଷ ହୋଇ ଏହି ଆଶୀର୍ବାଦ କରୁଅଛନ୍ତି ଯେ ଭଗବାନ ଈଶ୍ୱର ତାଙ୍କର ଉତ୍ତରୋତ୍ତର ଉନ୍ନତି କରନ୍ତୁ । ଅମ୍ଭମାନଙ୍କର ନାବାଳକ ରାଜା ଶ୍ରୀମାନ୍ କଣୋରଚନ୍ଦ୍ର ସାରବର ଦଣ୍ଡଭଜନ ଗତଭାଦ୍ରମାସ ତା ୧୮ ରିଖରେ ବିଦ୍ୟାଧ୍ୟୟନ ନିମିତ୍ତ କଟକ ସହରକୁ ଯାତ୍ରା କରିବେ । ଈଶ୍ୱର ସକଳ ସମ୍ପଦରେ ଶୁଭଂକରନ୍ତୁ ଏହା ଅମ୍ଭମାନଙ୍କର ବାଞ୍ଛନୀୟ ।

ଗୋଟିଏ ଲୋକକୁ ଜଙ୍ଗଲ ମଧ୍ୟରେ ଭାଲୁ ଶିରଦେଶରେ କଠୋରକାରରେ ଦଂଶନ କରିବାରୁ ସେ ଅଚେତ ହୋଇ ପଡ଼ି ରହିଥିଲା ସଙ୍ଗିଲୋକମାନେ ତାକୁ ବହିଆଣି ଏଠା ଡାକ୍ତରଖାନାକୁ ଆଣିଅଛନ୍ତି । ନେଟିଭ ଡାକ୍ତର ଶ୍ରୀ ବାବୁ ବ୍ରଜବନ୍ଧୁ ଦାସଙ୍କ ଚିକିତ୍ସାରେ ସେ ଭଲ ହୋଇ ଯାଇବା ଆଶା ଦେଖା ଯାଉଅଛି ବନ୍ଧୁ ଅରୋଗ୍ୟ ହେଲେ ସୁଦ୍ଧା ଅକର୍ମଣ୍ୟ ।

ଏ ଅଞ୍ଚଳରେ ଇନ୍ଦ୍ର ମହାରାଜାଙ୍କ ସୁଧାଲଭ ଯୋଗୁଁ କୃଷିର ଆଶା ଭଲ ଦେଖା ଯାଉଅଛି । ଭବିଷ୍ୟତକୁ କ କହିବ ଜଣା ନାହିଁ ।

ଅପଣଙ୍କର ବଶମ୍ବଦ

୧୬।୮।୯୩ ଢାଳନେଳ } ଶ୍ରୀ———

ସଙ୍ଗୀତ ।

ଏକାଳ ଅଭ ନୋହେ ସମାନ । ଶାହିକର ପ୍ରଭୁ ଶ୍ରୀବନମାଳୀ । ଘୋଷା ।

ଯୋଗିଭୃଙ୍ଗଳଅ ମହାହବ ହେଲେ ଉପଦ୍ରବନ୍ତ ଖାଇଲେ ଗାଳ । ଶ୍ରୀକରଣଠାରୁ ଛନ୍ଦ ଭୁଲାଇଣ ପର୍ଯ୍ୟନ୍ତେ ଧଇନ୍ଲେ କଲମ ହାଳ ।୧। ଅଷ୍ଟଭ୍ରାଗୀଏ ପ୍ରବନ୍ଧ ଲେଖିଲେ ସାଛ ପଦ ଦନ୍ତ ଯାଡ଼ି ଦୋବାଦ । କହୁନ୍ତ ଲୋଇର ଦକ୍ଷ ସୋଲେ ମୁଖ ଧରୁଥିଲେ ଧୁଅଁ-ବାହାରୀ ।୨। ବଦେଶୀ ଦେପାଙ୍କ ଗୁରୁଲ ଶିଖିଲେ ଦେଶୀ ଏକ ହେଲେ ଅମାର ଟାଣ । ଟଙ୍କାକୁ ସୁନ୍ଦର ଶାଜମେର ହେଲ ଦୁଃଖୀବଳି-ଏକିର କାନ୍ଦହୋନାଳ ।୩। ଭଲ ଦଲହୋଇ ପୁଣ ସାକ୍ଷୀ ମଲେ ତାହାତଅ କଲେ ଧନ-ସଞ୍ଚାର । ହାକମଙ୍କ ହୃଦ କଠିନ ହୋଇଲ୍ଲ ହେଦେ ଝଗାଭାଗପ୍ରଭୃଅ ଆଜ ।୪। ଗରିବ ପ୍ରଜାଙ୍କୁ ପାହେବ ପାଶିଲେ ଦେଶୀରାଜା ନାହିଁ ପାଇଲେ ତାଳ । ନନ୍ଦରଜା ବାଡ଼ି ନଉଡ଼ି ଗଢ଼ିଲେ ତାଲେ ଧରୁ ଧୀରେ ଭୁଲସୀ ମାଳୀ । ବୈଷ୍ଣବ ପ୍ରବରେ ପ୍ରୀଭ ନ ରହିଲେ ସେ ପ୍ରେମ କୃଷ୍ଣଲେ ଗାରଭ୍ୟାଲୀ । ଜେତେ ଧନମାନ ଖରଚ ହେଉଛି ହାଳ ଧରଅଛି ବାନ୍ଧିଓଖାଳ ।୫। ଟୋକାଟାକେଳଅ ଜୁଟି କଟାଇଲେ ତେ ତରେ ଉତ୍କଳ ଦଏ କଙ୍ଗାଳ । ସାନବଡ଼ ଅଭ କେହି ନ ମାନଲେ ଦେଖିଲେ ମେଳଲେ ଭଗଭମାନ ।୬। ହିନ୍ଦୁ ଯବନଙ୍କ ମଧ୍ୟେ ଭାରତରେ ହେଲ ଦଣା ହେଲ ବବାଦ ହାନ । କେତେ ମହାପ୍ରାଣୀ ହାଇକବଲରେ ଏ ଯୋଗୁଁ ହେଲେଣି ହରଣ-ଗ୍ରନ ।୭। ଶାଭଳେ ସାତୁଙ୍କୁ ଋଣ ନ ସୁଝିଲେ ହାଦେ ଧନ ଦେଲେ ଯାଉଛି ଢାଳ । ସାଇ ମହାଜନ ଉଗିର ପାଇଲେ ଦୃଷ୍ଟିନ୍ତ କାଗଜ ଫାଳକ ଫାଳ ।୮। ବ୍ରାହ୍ମଣ ପିଲାଏ ପଇତା ଛୋଡ଼ିଲେ ହିନ୍ଦୁ ଧର୍ମଦିଛି କଲେ ବୋହାଳ । ବୃକ୍ଷ ପିଢ଼ା ମାଢ଼ା ଧରଜୀଲେଇଛନ୍ତି ଭୂମି ସିକ୍ତକର ଲୋହକ ଗାଳ ।୧୦। ହିଅ ବୋହୂମାନେ ଅଣ୍ଟିକା ଛଡ଼ିଲେ କ୍ଷୁଦ୍ରପ୍ରଭା ଧରୁ ଦନ ମହାଳ । ପଣ୍ଡା ପୂଜାରିଙ୍କ ପେଜମିଶାଇକ ବାବୁ-ପାଣଧାରଣକୁ ସଞ୍ଚାଳ ।୧୧। ଶୁଣାଯାଏ ଏବେ ସାହେବ ଲେଖେଲ ଦକ୍ଷିଣଭ ଖାଉଛନ୍ତି ପଖାଳ । ବିଲାତର ଲୁଟି ଦମ୍ପିକ୍ଟ ଜାସି ଅସି ଏ ଦେଶରେ ଲଗେ ପଟ୍ଟାଳ ।୧୨। ଯାଗ ହୋମ ହେଣୁଁ ସବୁ ଉଠିଗଲା ପାପସ୍ତ୍ରୀରେ ଉନେ ହେଲେ କଟାଳ । ଲେଣ ମହାମାରୀ ମହାରୋଗ ପଶି ମହାରଥୀମାନ ଚଞ୍ଚଳ ଟାନ ।୧୩। ହିନ୍ଦୁ ଦେବାଳୟେ ଘଣ୍ଟ ନ ବାଜଲ ସେବାପୂଜା ଦେବମାନ୍ତ ନ ଖୁନ । ଭାରତଭୂମି ଯେଉଁ କାର୍ଯ୍ୟେ ନ ପଡ଼ିଲ ତ ହେବ ଦୁଃଖରେ ହେଲେ ଦ୍ରୁମାଳ ।୧୪। ଇନ୍ଦ୍ରଦେବ ଧରା ଧାରାରେ ଏଣିକ ହେଉର ନାହାନ୍ତି ସୁନ୍ଦର ପାତ । ହେବେ ଖେତବାଡ଼ୀ ଅନ୍ନ ଉଡ଼ାଇନ୍ତି ଲେବେଦ୍ୟନ୍ତି ପାଣିଓଳଅ ଗାଳ ।୧୫। ପ୍ରିୟସଖାଭବ ମୋ ଦୁଃଖ ବଚନ କହିବ ବନ୍ଧୁଙ୍କୁ ମନରେ ଘାନ । ବଣିଲେ ପ୍ରଭୁଙ୍କା ନରହିତୀରୁହା ହୃଦରେ ସ୍ମରଭ ଶ୍ରୀବନମାଳୀ ।୧୬।

———

ମହାଶୟ !

ପୁରୁଷୋତ୍ତମକ୍ଷେତ୍ର ୬ ଶ୍ରୀ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ମନ୍ଦିର ଜୀର୍ଣ୍ଣସଂସ୍କାର ସକାଶେ ଅମ୍ଭର ସହାୟତା ଅଥ ମୟୂରଭଞ୍ଜ ଷ୍ଟେଟ କାଲେକ୍ଟ୍ରି କର୍ମଚାରୀଙ୍କ ସଦ୍ୟ ଅମଲା ମହାଶୟମାନଙ୍କଠାରୁ ଯେଉଁ ଚନ୍ଦା ଆଦାୟ ହୋଇଥିବାରୁ ତାହା ମହମାନର ଶୀଲ ଶ୍ରୀଯୁକ୍ତ ବାବୁ ସୁଦାମଚନ୍ଦ୍ର ନାୟକ ଧାର୍ମିକେନ ଅସିଷ୍ଟାଣ୍ଟ କମିସନର ମହୋଦୟଙ୍କ ସନ୍ନିଧିକୁ ମଣିଅର୍ଡ଼ରଦ୍ୱାରା ଟ ୫୦୯ ଅଦ୍ୟ ତାହା ଯୋଗେ ପଠାଇଅଛୁଁ ଅପଣଙ୍କୁ ଅମ୍ଭର ବିଶେଷରୂପେ ଅନୁରୋଧ ଯେ ଅପଣ ଅନୁଗ୍ରହ କରି ଚନ୍ଦାଦାତା ସଦ୍ୟମହାଶୟମାନଙ୍କ ନାମ ଓ ପଦ ସହିତ ଅପଣଙ୍କର ପତ୍ରିକା ମଧ୍ୟରେ ଲେଖିବାକୁ ସ୍ଥାନ ଦେଇ କୃତାର୍ଥ ପ୍ରଦାନ କରନ୍ତୁ କଲେ ଅମ୍ଭେ ଭବିଷ୍ୟତ ସକାଶେ ଚେଷ୍ଟା କରିବାର ଆଶା କରୁଁ, ବୋଧହୁଏ ଏ ସ୍ଥାନର ସଦ୍ୟମାନେ ଅପଣଙ୍କର ଉତ୍ସାହଦାନରେ ଚନ୍ଦା ଦେବାକୁ ବିଶେଷ ଅଗ୍ରସର ହୋଇପାରିବେ । କମ୍ପିଂ ନିବେଦନ ଇତି । ତା ୧୧ । ୮ । ୯୩ ସାଲ ।

ଅପଣଙ୍କର
ଶ୍ରୀ ନେତ୍ରମୋହନ ପଣ୍ଡା
ଶିରସ୍ତାଦାର ମୟୂରଭଞ୍ଜଷ୍ଟେଟ୍
କଲେକ୍ଟ୍ରି ବିଭାଗ ।

କାଲେକ୍ଟ୍ରି ବିଭାଗର ଅମଲା ।

| | |
|---|---|
| ଶ୍ରୀଯୁକ୍ତ ବାବୁ ନେତ୍ରମୋହନ ପଣ୍ଡା ଶିରସ୍ତାଦାର | ଟ ୨ |
| " " ଅଚ୍ୟୁତ ପଟ୍ଟନାୟକ ପେସ୍କାର | ଟ ୧ |
| " " ଜଗନ୍ନାଥ ସିଂହ ହେଡ ମୋହରର | ଟ ୧ |
| " " ବୃନ୍ଦାବନଲାଲ ପଟ୍ଟନାୟକ ମୋହରର | ଟ ୦। |
| " " ବୃନ୍ଦାବନ ମହାନ୍ତି | ଟ ୦। |
| " " କୃଷ୍ଣପ୍ରସାଦଦାସ | ଟ ୦। |
| " " ଜଗନ୍ନାଥ ପଟ୍ଟନାୟକ ନାଜରଜମାଦ | ଟ ୨ |
| " " ହରିହର ପଟ୍ଟନାୟକ | ଟ ୧ |
| " " ଅଭୟକୃଷ୍ଣ ମହାନ୍ତି ନାଜର | ଟ ୨ |
| " " ଭଗବାନ ଦାସ ମହାଫିଜ | ଟ ୦। |
| " " ବଳରାମ ପଟ୍ଟନାୟକ ରବୋକାର୍ଟ ଦପ୍ତରର ହେଡ଼ମୋହରର | ଟ ୨ |
| " ଲୋକନାଥ ମହାନ୍ତି ଅଙ୍ଗ୍ରେଜ ହେଡ଼ମୋହରର | ଟ ୧ |
| " " ଚନ୍ଦ୍ରପ୍ରସାଦ ପଟ୍ଟନାୟକ ମୋହରର | ଟ ୦। |
| " " କେଶବଲଣ ମହାନ୍ତି ସଦର ସରେ ମୋହରର ଜଳ | ଟ ୧ |
| ବଦୋବସ୍ତ ଶିରସ୍ତାଦ ସନ୍ଦ ସରେ ମୋହରର ଓ ମୋହରର | ଟ ୨୬ |
| ଶ୍ରୀଯୁକ୍ତ ବାବୁ ବଳରାମ ପଟ୍ଟନାୟକ ସରେ ମୋହରର | ଟ ୧ |
| " " ମଧୁସୂଦନ ମହାନ୍ତି ମୋହରର | ଟ ୦। |
| " " ଧର୍ମଜ ମହାନ୍ତି | ଟ ୦। |
| " " ବୃନ୍ଦାବନ ଭଞ୍ଜବାବୁ ସରଦାର | ଟ ୧ |
| " " ଲକ୍ଷ୍ମୀଧର ପଟ୍ଟନାୟକ | ଟ ୨ |
| " " ଭଗଗୋବିନ୍ଦ ସିଂହ | ଟ ୧ |
| " " ଚନ୍ଦ୍ରାମଣି ସିଂହ | ଟ ୧ |
| " " ଗିରିଧାରୀ କେବେଳ ମହାଜନ | ଟ ୧ |

Split by PDF Splitter
Digitized by srujanika@gmail.com

Split by PDF Splitter



| | | |
|---|---|---|
| " " ଧୀରେନ୍ଦ୍ର ପାତ୍ରୀ ଏବଂ ଦଇତାରୀନନ୍ଦନ | | ଟ ୦। |
| " " କୃଷ୍ଣଚନ୍ଦ୍ର ପଟ୍ଟନାଏକ ହର୍ଦ୍ଦାର ଗମାସ୍ତା | | ଟ ୦। |
| | ୬୦ | ଟ ୬୯ |
| ମୋଟ | | |
| ଗତଅର୍ଜିତ | | ଟ ୫୦ |
| ଏକୁନ ଖର୍ଚ୍ଚା | | ଟ ୦୮ |
| ନଦୁଦ୍ଧ ମାଃ ଶିଉସ୍ତାଦାର ବାବୁ | | ଟ ୦୫ |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ସ୍ୱାଧିଚରଣ ମାହାନ୍ତି | | ଟ ୪ ୧ |
| " ଶ୍ୟାମଚରଣ ମହାନ୍ତି | | ଟ ୪ ୧ |
| " ମାଲକଣ୍ଡ ମହାନ୍ତି | ଏରସ୍ରମା | ଟ ୨ ୧ |
| " ଗୋପୀନାଥ ମହାନ୍ତି | ଭୁବନେଶ୍ୱର | ଟ ୨ ୧ |
| " କାଳୀକୃଷ୍ଣ ସେନ | କଟକ | ଟ ୧୩ |
| " ଅନନ୍ତରାମ୍ ଦତ୍ତ | ଯୋଡକ୍ସ | ଟ ୧ ୧ |
| " ଜଗବନ୍ଧୁ ମହାନ୍ତି | ସିନ୍ଧରପୁର | ଟ ୫ ୧ |

# ବିଜ୍ଞାପନ ।

## ବାବୁ ବିଶ୍ୱେଶ୍ୱର ଦାସ ।

ଅସିଷ୍ଟାଣ୍ଟ ସର୍ଜ୍ଜନ

କଟକ କଲେଜ ଵଳରେ ଥାଇ ଚିକିତ୍ସା କରିବା ଏବଂ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି ।

## ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

## ନାମ "ସଙ୍ଗୀତସାର"

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ୵୵ ତିନିଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳିକାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଗୀତାଗୋବିନ୍ଦର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରକୃତି ଓ ଦୁର୍ବୋଧ ସ୍ଥାନମାନଙ୍କର ବିଶଦ ବବୃତ୍ତି ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇଅଛି । ଇଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ଚତୁର୍ଥଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

## ଶବ୍ଦମାଳା ଅର୍ଥପୁସ୍ତକ ।

ସ୍କୁଲପାଠ୍ୟ ଶବ୍ଦମାଳା ପରିବର୍ତ୍ତିତ ସଂସ୍କରଣ—ଅର୍ଥପୁସ୍ତକ ଅର୍ଦ୍ଧଅଣା ମୂଲ୍ୟରେ ଏବଂ ପଣ୍ଡିଅମାଳିକା ଏକଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଓ ସୋମପ୍ରସନ୍ନ ବାବୁଙ୍କ ନିକଟରେ ବିକ୍ରୟ ହେଉଅଛି ।

ଶ୍ରୀ ନୀଳମଣି ଶର୍ମା,
ବାମଣ୍ଡା

## NOTICE.

Wanted immediately a passed and experienced Sub-Overseer for the Kondmal Sub-Division, Orissa. None need apply who has not had at least 3 years experience in hill roads and building works. Applications will be received by the undersigned up to end of September 1893.

Copies of testimonials should only be sent.

N. Lloyd
*Sub-Divisional Officer*
Kondmal Sub-Division
Orissa.

# Sita-mai-ki Andira

# ସୀତା ମାଈ କି ଅନ୍ଦିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାବଧି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ　　..　　ଟ ୦୵୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ

# ନୂତନପୁସ୍ତକ ।

ଉତ୍କଳଇତିବୃତ୍ତର ପ୍ରଶ୍ନୋତ୍ତର ମୂଲ୍ୟ ଟ୦୵ ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପରପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିବୃତ୍ତ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ତ୍ତିତ ନୂତନସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୬ମ ସଂସ୍କରଣ ) ଟ୦୵
ସ୍କୁଲର ଜ୍ୟାମିତି ( ୩ୟ ସଂସ୍କରଣ ) ଟ୦୵
ଲିପିମାଳା　( ୨ୟ ସଂସ୍କରଣ ) ଟ ୦।

ଲାଣ୍ଡକାଟେକସ ଯୁଦ୍ଧ ମୂଲ୍ୟ　ଟ ୦।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଚମସାହେବଙ୍କ ବଟିକା ।

## ( BEECHAM'S PILLS. )

ଫଳକଲିକତାରେ ଏକ ୨ ଫରୁଆର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଚର୍ବି ଇତ୍ୟାଦି ଧାତୁ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିବାକ୍ସ ଆକାର ଅନୁସାରେ ଟ ୦୫ ଟ ୦ ୧୦ ଓ ଟ ୦ ୧୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

Digitized by srujanika@gmail.com

Split by PDF Splitter



R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

ନୂତନ ଭର୍ଣ୍ଣାକୁଲର ଲ ୨ ମରର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।୷ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

## ଘଣ୍ଟିମରାମତି ।

**Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.**

ଛାପାଖାନାର ହେଡ ବଡ ବୃନ୍ଦାବନ୍ଦ ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ୀ ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ସାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ଘରତଳେ ଆମ୍ଭମାନଙ୍କର ଦୋକାନରେ କଲିକତା, ମାନ୍ଦ୍ରାଜ, ବମ୍ବେ ଓ ଦେଶୀ ଲୁଗା ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାରେ ଦାମ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୂଲ୍ୟ ଲେଖା ଦେଖି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ

ଗ୍ରାହକଙ୍କ ପକ୍ଷରେ ଏକଦର ହେତୁ ଉଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଅନ୍ୟସ୍ଥ ଦେଖି ବଜାର ସଙ୍ଗେ ମିଶାଇଲେ ବୁଝିପାରିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରିମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଫର୍ଦ୍ଦ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସିଲ | ଗୋ ୧ ଟ ୦ ୵୧ |
| ଉତ୍ତମ ପେନସିଲ | ବ ୧ ଟ ୦ ।୵ |
| ନକସା କାଗଜ | ।ଦ ୧ ଟ ୦ ୳୵ |
| ଫୁଲସ୍କାପ କାଗଜ ସରସା | ଦ ୧ ଟ ୦ ୵୩ |
| ଏକନ ଗ୍ଲେଜଡ୍ | ଦ ୧ ଟ ୦ ୵୨ |
| ଏକନ ଚିରସା | ଦ ୧ ଟ ୦ ୵୩ |
| ଫାନସୀନୋଟପେପର ଓ | |
| ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରସା | ଦ ୧ ଟ ୦ ୵ |
| ଏକନ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ସରସା ସ୧୦୦ ଟ୦୳୵ | ଗୋ ୨୫ ଟ ୦୵୩ |
| ଏକନ ମଧ୍ୟମ ସ୧୦୦ ଟ ୦ ।୵ | ଗୋ ୨୫ ଟ ୦ ୧ |
| ବାଲିକାଗଜ ୧୬ ପଣି | ଦ ୧ ଟ ୦ ୵୩ |
| ଶିଆହି | ଗୋ ୧ ଟ ୦ ୷୵ |
| ଏକନ ସ୍ୱର୍ଣ୍ଣ ଏବାଲୁ ଅଧୋ- | |
| ବୋତଲ ଜଳରେ ପକାଇ | |
| ଫୁଟାଇଲେ ପରେ ଛାଣି | |
| ନେଲେ ଉତ୍ତମ ସିଆହି | |
| ପ୍ରସ୍ତୁତ ହେବ | ଡ ୧ ଗ୍ରୋସ ଟ ୦ ୵୨ |
| ସୀଲଟ ପେନସିଲ | ବ ୧ ଟ ୦ ।୵ |
| ରବର | ଖ ୧ ଟ ୦ ।୵୪ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରସା | ଡ ୧ ଟ ୦ ୵ |
| ଏକନ ଜିରସା | ଡ ୧ ଟ ୦ ୧ |
| ଏକନ କଚ୍ଚମାଗଜବୋଲନ | ଗୋ ୧ ଟ ୦ ୧୬ |
| ହାତଦୁଆର ଚାବିଣି ସହିତ (ଜଗଦ୍ଦାନ) | ଗୋ ୧ ଟ ୦ । |

| | |
|---|---|
| ଏକନ ସାଧାରଣ | ଗୋ ୧ ଟ ୦୵୨ |
| ଲଣ୍ଡିଖ ସରସା | ଗ ୧ ଟ ୦ ।୵ |
| ଟୋଇଲେଟ ହେୟାର | |
| ଗନ୍ଧଯୁକ୍ତ | ଗୋ ୧ ଟ ୦୷୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଗୁନିପଥରର ପଞ୍ଚତିନ୍ତୁଳା ଓ | |
| ରୁପେଲକଳମଦାନ | ଗୋ ୧ ଟ ୨ । |
| କେଲେଣ୍ଡର | ଗୋ ୧ ଟ ୧୧ |
| ମେଲସିର ଅଏଲ | ଗୋ ୧ ଟ ୦ ୳ |
| ସାବୁନ ସରସା | ଖ ୧ ଟ ୦ ୵୯ |
| ଫୁଲଦାନି | ଗୋ ୧ ଟ ।୵ |
| ହେଭାନସିର ମ୍ୟାନିଫ୍ୟୁ | ଗୋ ୨ ଟ ୪ । |
| ଏକନ ଏକଡାଲଅ | ଗୋ ୧ ଟ ୨ |
| ଶେଭ | ଗୋ ୧ ଟ ୨ |
| ଅଗ୍ରଫେଟ | ଗୋ ୧ ଟ ୵ ୨ |
| ତାସ | ଡ ୧ ଟ ୦ ।୩ |
| ସାନପରଜ୍ଞୀ | ଗୋ ୧ ଟ ୨ ୧ |
| ବନାରଶୀ ସତ୍ତ୍ୱ ଲସ | ଖ ୧ ଟ |
| ଷୋଡଶାର ଏବାଲୁ କୌଣସି | |
| ଖାଦ୍ୟରେ ଇଣ୍ଡି ଚାଅରେ | |
| ଭରନାର ଚୋପା ଛଡର | |
| ଫାଙ୍କରେ ଲଗାଇ ଦେଲେ | |
| ଘାଣ୍ଟି ପଡ଼ିବାର ବନ୍ଦ ହେବ ଟେ | ୧ ଟ ୦ |

କଟକ } ଅଗ୍ରଦତ୍ତପୁର ଦର
ଚୌଧୁରୀ ବଜାର } ଲକ୍ଷ୍ମୀନା ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ଓ ତୃତୀୟରୁ ଯଥାକ୍ରମେ ହେବ ଅଧିକ ଥରର ସକାଶେ ଭିନ୍ନ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୫ ଶ
ସଂ ୩୫ ସଂଖ୍ୟା

ତା ୨ ରଖ ମାହେ ସେପ୍ଟେମ୍ବର ସନ ୧୮୯୯ ମସିହା । ମୂ । ଭାଦ୍ରବ ଶୁ ୧୧ କୁ ସନ ୧୩୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯

ବଙ୍ଗୀୟ ବ୍ୟବସ୍ଥାପକମଣ୍ଡଳର ବେସରକାରୀ ସଭ୍ୟମାନେ ମାନ୍ୟବର ଲେଫ୍‌ଟେଲାଟଙ୍କଦ୍ୱାରା ଅନୁରୁଦ୍ଧ ହୋଇ ଭାରତବ୍ୟବସ୍ଥାପକ ସଭା ନିମନ୍ତେ ଜଣେ ସଦସ୍ୟ ନିର୍ବାଚନ କରିବାକୁ ଆଦିଷ୍ଟ ହେବାରୁ ଏକମତରେ ଦ୍ୱାରଭଙ୍ଗାର ମହାରାଜାଙ୍କୁ ମନୋନୀତ କରିଅଛନ୍ତି । ଏ ମହାରାଜା ଏଥିପୂର୍ବେ ଏକଥର ଭାରତସଭାର ବେସରକାରୀ ସଦସ୍ୟସ୍ୱରୂପ ପ୍ରଶଂସା ସହିତ କାର୍ଯ୍ୟ କରିଥିଲେ । ସୁତରାଂ ଏହାଙ୍କ ନିର୍ବାଚନରେ ସମସ୍ତେ ଆନନ୍ଦିତ ।

---

ସମୁଦ୍ରରେ ଜାହାଜରେ ଗମନ କରିବାବେଳେ ଅନେକ ଲୋକର ମୁଣ୍ଡ ବୁଲାଇ ବାନ୍ତି ହୁଏ । ଜଣେ ଡାକ୍ତର କହୁଅଛନ୍ତି ଯେ ଲେଣ୍ଟୁ ଜଳ ପାନ କଲେ ମୁଣ୍ଡବୁଲା କି ବାନ୍ତି ହେବ ନାହିଁ । ଲୁଣପାଣି ପିଇଲେ ସବୁଜଲୋକର ବାନ୍ତି ହୁଏନ ଜନ୍ତୁ କାନ୍ତି ସମୁଦ୍ରରେ ତାହା ପିଇଲେ ଅବ୍ୟର୍ଥ ହେବ । ବିଶେଷ ବିଷନୋଷଧ ସ୍ୱରୂପ ଅନ୍ୟାନ୍ୟ ଅନେକ ମୂଳ ଫଳ ଏଠାରେ ସାର୍ଥକ ହେଉଅଛି । ପ୍ରକୃତରେ ଏହି ସ୍ୱର ଉପରେ ନିର୍ଭର କରି ହୋମିଓପାଥିଚିକିତ୍ସାର ସୃଷ୍ଟି ହୋଇଅଛି ।

---

ସମ୍ବଲପୁର କୁଷ୍ଠାଶ୍ରମ ନିମନ୍ତେ ଅର୍ଥ ସାହାଯ୍ୟର ପ୍ରୟୋଜନ ହୋଇଅଛି ଏବଂ ସେହି ଅର୍ଥସଂଗ୍ରହର ଚେଷ୍ଟା କରିବା ପାଇଁ ସମ୍ବଲପୁରର ହିତୈଷିଣୀ କମିଟୀକୁ ଅନୁରୋଧ କରିଅଛନ୍ତି । କୁଷ୍ଠାଶ୍ରମର ଆୟ ବ୍ୟୟ ଏବଂ ଫଳାଫଳର ସାମୟିକ ହିସାବ ଅର୍ଥାତ୍ କେତେ ରୋଗୀ କି ପ୍ରକାର ସାହାଯ୍ୟ ପାଉ ଅଛନ୍ତି ତହିଁରେ କେତେ ଖରଚ ଏବଂ ତଦ୍ୱାରା କି ପରିମାଣରେ ଉପକାର ହେଉଅଛି ଏଥିର ମାସିକ ତ୍ରୈମାସିକ ବା ଷାଣ୍ମାସିକ ହିସାବ କମିଟୀ ପ୍ରସ୍ତୁତ ଏବଂ ମୁଦ୍ରିତ କରି ସର୍ବସାଧାରଣଙ୍କୁ ଜଣାଇଲେ ଅଥବା ସମ୍ବାଦପତ୍ର ଯୋଗେ ପ୍ରକାଶ କଲେ ଦୟାବାନ୍ ବ୍ୟକ୍ତିମାନେ ସବିଶେଷ ଅବସ୍ଥା ଜାଣିପାରି ସାଧ୍ୟାନୁସାରେ ସାହାଯ୍ୟ କରିବାକୁ ପ୍ରବୃତ୍ତ ହେବେ । କାର୍ଯ୍ୟ ନ ଦେଖାଇ ସାହାଯ୍ୟ ପ୍ରାର୍ଥନା କଲେ ସୁଫଳ ହେବାର ଆଶା ଅଳ୍ପ ଅଟେ ।

---

ସୋରଣ ଥାନା ଏଲକାର ଜଣେ ଜମିଦାର ଚୌଧୁରୀ ରାଧାଶ୍ୟାମନନ୍ଦଙ୍କ ମହାପାତ୍ର କଟକ ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ଶ୍ରୀ ରେଭେନସା ସାହେବଙ୍କ ନାମରେ ବଙ୍ଗୀୟ ଗୋଭର୍ଣ୍ଣମେଣ୍ଟଙ୍କ ନିକଟରେ ଯେଉଁ ଅତ୍ୟାଚାରସମ୍ବନ୍ଧୀୟ ଅଭିଯୋଗପତ୍ର ପ୍ରଦାନ କରିଥିଲେ ଏବଂ ଯହିଁର ବିସ୍ତାରିତ ବିବରଣ ଗତ ମାସ ତା ୧୯ ରଖରେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ତାହା ନିଷ୍ପତ୍ତି ହୋଇଅଛି । ରେଭେନସା ସାହେବଙ୍କ ଦୋଷ ସାବ୍ୟସ୍ତ ହେବାରୁ ସେ ବନ୍ଦୋବସ୍ତ ଏଲକାରୁ ବଦଳ ଏବଂ ନିମ୍ନଶ୍ରେଣୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ପଦକୁ ଅବନତ ହୋଇ ଜିଲ୍ଲା ସଦର ମୁକାମରେ କାର୍ଯ୍ୟ କରିବାର ଆଦେଶ ପାଇ ଅଛନ୍ତି । ଏହି ଦଣ୍ଡ ହେବାରୁ ଗବର୍ଣ୍ଣମେଣ୍ଟ ଏହାଙ୍କ ନାମରେ ଫୌଜଦାରୀ ମୋକଦ୍ଦମା ଚଳାଇବାର ଅନୁମତି ଦେଲେ ନାହିଁ । ବିସ୍ତାରିତ ବିବରଣ ଏ ପତ୍ରେ ପ୍ରକାଶ କରିବୁଁ ।

---

ବାଲେଶ୍ୱର ବନ୍ଦରସମୂହର ଲାଇସେନ୍ସ ବାର୍ଷିକ ଯାହା ଆୟ ହେଉଅଛି ବ୍ୟୟ ତଦପେକ୍ଷା ଅଧିକ ପଡ଼ୁଅଛି । ପ୍ରତିବର୍ଷ ଏହିପରି ନିଅଣ୍ଟ ପଡ଼ିବାରୁ ଲାଇସେନ୍ସ ବଢ଼ାଇବା ଅଭିପ୍ରାୟରେ ସନ ୧୮୮୯ ସାଲ ବନ୍ଦରବିଷୟକ ଆଇନ ସଂଶୋଧନ କରିବାର ଆବଶ୍ୟକ ବିବେଚିତ ହୋଇ ସେହି ସଂଶୋଧନାର୍ଥେ ଏକ ପାଣ୍ଡୁଲିପି ଭାରତୀୟ ବ୍ୟବସ୍ଥାପକସଭାରେ ଉପସ୍ଥିତ ହୋଇ ଅଛି । ତହିଁରେ ଏହି ପ୍ରସ୍ତାବ ହୋଇ ଅଛି କି ଡାକଜାହାଜ ଓ ଉପକୂଳ ବାଣିଜ୍ୟରେ ନିଯୁକ୍ତ ଥିବା ଜାହାଜମାନ ତିନିମାସରେ ଯାହା ଥରେ ମାସୁଲ ଦେଉଥିଲେ ତାହା ନୁହଇ ପ୍ରତି ଦ ୩୦ ଦ ଅର୍ଥାତ୍ ଏକମାସରେ ଥରେ ଲେଖାଏଁ ମାସୁଲ ଦେବେ । ଏଥିରେ ସେ ପ୍ରକାର ଜାହାଜମାନଙ୍କଠାରୁ ପୂର୍ବାପେକ୍ଷା ତିଗୁଣ ମାସୁଲ ଆଦାୟ ହେବ । ତଥାପି ବନ୍ଦର ଲାଇସେନ୍ସ ବ୍ୟୟକୁ ଯଥେଷ୍ଟ ହେବ ନାହିଁ । କେବଳ ପୂର୍ବଠାରୁ ଊଣା ନିଅଣ୍ଟ ପଡ଼ିବ ।।

---

Digitized by srujanika@gmail.com

ବଙ୍ଗବାସୀରେ ପାଠକଲୁଁ ନୂତନ ଡେପୁଟିମାଜିଷ୍ଟ୍ରେଟ ବାବୁ ଶ୍ରୀନାଥଦତ୍ତ ଭାଗା-ଅଞ୍ଚଳର ସୁପ୍ରସିଦ୍ଧ ବସୁବଂଶଜ ଶ୍ରୀ ଶ୍ରୀପତିଚନ୍ଦ୍ର ବାବୁଙ୍କ ଅପଣା କନ୍ୟା ଦାନ କରିଥିଲେ । ବିବାହ ହେବା ସମୟରେ ଉକ୍ତ ମହାତ୍ମା ଜାମାତାଙ୍କର ଖରଚ ଯୋଗାଇବାର କଥା ସ୍ଥିର କରିଥିଲେ । ଖରଚର ଟଙ୍କା ବାକି ରହିବାରୁ ଉପଯୁକ୍ତ ଜାମାତା ଶ୍ୱଶୁରଙ୍କ ନାମରେ ତାହା ପ୍ରେଟ ଅଦାଲତରେ ନାଲିସ କରି ତାହାର ନେଟେଡାଂଶ ଅର୍ଥାତ ଟ ୧୦୭୯ ଙ୍କା ଡିକ୍ରୀ ପାଇ ଅଛନ୍ତି । ସହଯୋଗୀ ଯଥାର୍ଥ କହି ଅଛନ୍ତି ଯେ ଇଂରାଜୀ-ଶିକ୍ଷା ଏବଂ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ସମାଜର ଯେ ଦଶା ଉପସ୍ଥିତ ହୋଇଅଛି ଏହି ମୋକଦ୍ଦମ ତହିଁର ପ୍ରତ୍ୟକ୍ଷ ପରିଚୟ ଅଟଇ ।

---

ଏଥିପୂର୍ବେ ଏଠା କଦମରସୁଲବସ୍ତିମଧ୍ୟରେ ଏକଦଳ କୁସ୍ତି ହେବାର ଅଳ୍ପ ମାତ୍ର ଭୟ ଉତ୍ପନ୍ନ ହେବାରୁ ହୋଇ ନ ପାରିବାର ପାଠକମାନଙ୍କୁ ଜଣାଇଥିଲୁଁ ସେହି କୁସ୍ତି ଗତ ଶନିବାର ରାତି-ବାଟି ବସ୍ତିମଧ୍ୟରେ ଏଠା ପଲଟନର କର୍ଣ୍ଣେଲ ସାହେବଙ୍କ ବିଶେଷ ଉତ୍ସାହରେ ହୋଇଥିଲା ନଗରବାସି ଅନେକ ୟୁରୋପୀୟ ଓ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ ତାହାରେ ଏମନ୍ତ ଧୂମ ହୋଇଥିଲା ଯେମନ୍ତ କି ନଗରର ଆବାଳ-ବୃଦ୍ଧ ସମସ୍ତେ ସେଠାରେ ଓଳାଡ ପଡ଼ିଥିଲେ । ଚୌଧୁରୀବଜାରର ବନମାଳୀଦଳେଇ ଏବଂ ଜାଫଲି ବଜାରର [illegible] ପ୍ରଧାନ ମଲ୍ଲ ଥିଲେ । ପ୍ରଥମ ବ୍ୟକ୍ତି ଜୟଲାଭକରି ବାଦ୍ୟବାଜଣା ସହିତ ମହା ସମାରୋହରେ ନଗର ଭ୍ରମଣ ଦ୍ୱାରା ଜୟ ଘୋଷଣା କଲା । ସେ ସମୟରେ ଯେତେ-ଲୋକ ଏହାଙ୍କ ସଙ୍ଗରେ ବୁଲୁଥିଲେ ଗୋଟାଏ ଦେବଯାତ୍ରାରେ ପ୍ରାୟ ସେତେ ହେବେ ନାହିଁ ଏଥିରୁ ଜଣାଯାଏ ଯେ ଏଠାରେ ମଲ୍ଲଯୁଦ୍ଧର ଆଦର ବିଶେଷ ଅଛି ।

---

ଗଞ୍ଜେଇକମିଶନରମାନେ ଗଞ୍ଜେଇଖିଆଙ୍କର ଅବସ୍ଥା ଦେଖିବାକୁ ଇଚ୍ଛା କରିବାରୁ ନଲ-ବନ୍ଧାର ପୁଲିସ ବନ୍ଦୋବସ୍ତରେ ଏକଦଳ ବଡ଼ବଜାରର ଏବଂ ଭାରିକାରେ ନ ୭୦ ଜଣ ଗଞ୍ଜେଡିଙ୍କୁ ଏକତ୍ର କରି କମିଶନରମାନଙ୍କୁ ଦେଖାଇବାକୁ ନେଇ ଯାଇ ଥିଲେ । ଗଞ୍ଜେଡିମାନେ ଅପଣା ଇଚ୍ଛାମତେ ଗଞ୍ଜେଇ ଖାଇବାରେ ଲାଗିଗଲେ । ଚିଲମ ଉପରେ ଚିଲମ ଉଡଇ ସମ୍ଭବତଃ ସବୁ-ବାର ଖରଚରେ । ଏକଜଣ ବୃଂର୍ଷର ଯୁବା ମିଂ [illegible] ପର୍ଯ୍ୟନ୍ତ କ୍ରମାଗତ ଗଞ୍ଜେଇ ଟାଣି ସ୍ଥିର ରହିଥିଲା । କିନ୍ତୁ ଭ୍ରମ ହେବାକୁ ନାହିଁ । ପଶ୍ଚାତ୍କାଳରେ ସେ କହିଲା ଯେ ବର୍ଷ ବୟସ-ଠାରୁ ଗଞ୍ଜେଇ ଅଭ୍ୟାସ କରିଅଛି ଅଥଚ ସବଳ ଅଛି ଏବଂ ଯେଉଁକାର୍ଯ୍ୟରେ ଲଗାଅ ତାହା କରି-ବ । ଅନ୍ୟଜଣେ ଓଡ଼ିଆ ବେଟବର ବୟସ ପ୍ରାୟ ୬୦ ବର୍ଷ ହେବ ଚିଲମ ଟାଣିବାରେ ସେହିପରି ଯୋଗ୍ୟତା ଦେଖାଇ କହିଲା ଯେ ଅନନ୍ତକାଳରେ ସେ ଅଧିକ ପରିଶ୍ରମ କରିପାରେ ଏବଂ ବହୁକା-ଳରୁ ଏହା ଅଭ୍ୟାସ କରିଅଛି । କମିଶନରମାନେ ଏହା ସବୁ ଦେଖି କି ସିଦ୍ଧାନ୍ତରେ ଉପନୀତ ହେଲେ ପରେ ଜଣାଯିବ ।

---

କଲିକତାଗେଜେଟରେ ଘୋଷଣା ହୋଇଅଛି ଯେ ଏ ବର୍ଷ ବଙ୍ଗପ୍ରଦେଶ ନିମନ୍ତେ ୧୫ ଜଣ ପୁଲିସ ସବ୍-ଇନ୍ସପେକ୍ଟରର ନିଯୋଗ ହେବାର ପ୍ରୟୋଜନ । ଗତବର୍ଷପ୍ରାୟ ପ୍ରତିଯୋଗିତା-ପରୀକ୍ଷାଦ୍ୱାରା ଲୋକ ବଛା ଯିବ । ଆଗାମୀ ଡିସେମ୍ବରମାସ ତା ୧୩ ଓ ୧୪ ରଖରେ କଲି-କତା ପାଟନା ଢାକା ଏବଂ ଓଡ଼ିଶା ଏହି ଚାରି-ସ୍ଥାନରେ ପରୀକ୍ଷା ଗୃହୀତ ହେବ । ଯେଉଁମାନେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା-ପାସ କରିଅଛନ୍ତି ଓ ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ନୁହେ ସେମାନେ ଓ ପୁଲିସର ହେଡ଼କନେଷ୍ଟ-ବଲ ଏବଂ ସବ୍‌ଟେର କନେଷ୍ଟବଲଙ୍କ ମଧ୍ୟରୁ ଯାହାଙ୍କର ବୟସ ୩୦ ବର୍ଷରୁ ଊର୍ଦ୍ଧ୍ୱ ନୁହେ ମାଜିଷ୍ଟ୍ରେଟଙ୍କଠାରୁ ଅନୁମତି ପାଇଲେ ସେମାନେ ପରୀକ୍ଷା ଦେଇପାରିବେ । ଆଡ଼ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସନ୍ତୋଷଜନକ ଏବଂ ଜିଲ୍ଲା ଡାକ୍ତରଙ୍କ ସ୍ୱାକ୍ଷରିତ ଘୋଡ଼ା ଚଢ଼ିପାରିବା ସାର୍ଟିଫିକେଟମାନ ଯେ ଦର୍ଶାଇ ନ ପାରିବ ସେ କାର୍ଯ୍ୟ ପାଇବାର ଯୋଗ୍ୟ ହେବ ନାହିଁ । ଏକମାସ ପୂର୍ବରୁ ଆବେଦନ କରିବାକୁ ହେବ ଏବଂ ଯେଉଁମାନେ ବର୍ତ୍ତମାନ ପୁଲିସରେ ନାହାନ୍ତି ସେମାନେ ଟ ୫ ଙ୍କା ଲେଖାଏଁ ଫିସ ଦେବେ । ଓଡ଼ିଆ-ଭାଷାରେ ଯେଉଁମାନେ ପରୀକ୍ଷା ଦେବେ ସେମାନଙ୍କୁ ଓଡ଼ିଶାନିବାସୀ ଜ୍ଞାନ କରାଯିବ ଏବଂ ସେମାନେ ଓଡ଼ିଶାବିଭାଗ ଏବଂ ସିଂହଭୂମରେ ନିଯୁକ୍ତ ହୋଇପାରିବେ ।

---

ବରିଶାଲ ଜିଲ୍ଲାର ଏକ ଫୌଜଦାରୀ ମୋକଦ-ମାର ଅପିଲ ହାଇକୋର୍ଟରେ ଶୁଣାଣି ହେବା ସମୟରେ ମାନ୍ୟବର ବିଚାରପତିମାନେ କାଗଜ-ପତ୍ରରୁ ଅବଗତ ହେଲେ ଯେ ସେଠା ପୁଲିସ-ସାହେବ ଅପଣା ଅଧୀନସ୍ଥ ପୁଲିସ କର୍ମଚାରୀଙ୍କୁ ଏକ ସର୍କୁଲାର ପତ୍ରଦ୍ୱାରା ଉପଦେଶ ଦେଇଥି-ଲେ ଯେ ସେମାନେ ଏପରି ଭାବରେ ମୋକଦ୍ଦମା ଚଲାଇବେ ଯେମନ୍ତ କି ଶତକଡ଼ା ୭୫ ମୋକଦ୍ଦମାରେ ଆସାମିମାନେ ଦଣ୍ଡ ପାଇବେ । ଅଧସ୍ଥ ଅଦାଲତରେ ମୋକଦ୍ଦମାର ବିଚାର ସମ-ୟରେ ଜଣେ ପୁଲିସ ଇନସ୍ପେକ୍ଟରର ନୋଟ-ବହିରୁ ଏକଥା ବାହାରି ପଡ଼ିଲା । ଜଜ ସାହେବ ଏଥିରେ ଆଶ୍ଚର୍ଯ୍ୟ ହୋଇ ସ୍ପଷ୍ଟରେ କହିଲେ କି ଏପରି ସର୍କୁଲାର ଜାରି ରହି-ଲେ ପୁଲିସ କର୍ମଚାରୀମାନେ ଆସାମି ସପକ୍ଷରେ କୌଣସି କଥା ପାଇଲେ ତାହା ଗୋପନ କରି-ବେ ଏବଂ ତାହା ହେଲେ ସୁବିଚାରର ବ୍ୟାଘାତ ହେବ । ହାଇକୋର୍ଟ ଜଜ ସାହେବଙ୍କ ମନ୍ତ-ବ୍ୟରେ ଐକ୍ୟ ହୋଇ ଉକ୍ତ ସର୍କୁଲାରର ତୀବ୍ର ସମାଲୋଚନା କରିଅଛନ୍ତି । ଏଥି ଉତ୍ତାରୁ ଉକ୍ତ ଆଦେଶ ରହିତ ହେବାର କଥିତ ହୁଏ ମାତ୍ର ଏଥି ପାଇଁ ଏକା ପୁଲିସକୁ ଦୋଷୀ କରିବା ନ୍ୟାୟସଙ୍ଗତ ନୁହଇ । ଯେତେବେଳେ ସ୍ୱୟଂ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଦଣ୍ଡର ଶତକଡ଼ା ହିସାବ ମାଜିଷ୍ଟ୍ରେଟଙ୍କର ଗୁଣାଗୁଣ ବିଚାର କରନ୍ତି ଓ ଯା-ହାର ଶତକଡ଼ା ଦଣ୍ଡର ସଂଖ୍ୟା ଅଧିକ ତାହାର ପ୍ରଶଂସା କରନ୍ତି ସେସ୍ଥଳେ ପୁଲିସ ସାହେବ ଉପର ଲିଖିତ ସର୍କୁଲାର ଜାରି କରିବା ଅ-ଚିନ୍ତ ନୁହଇ ।

—※—

ଏଠା ସବଜଜ ବାବୁ ବଳରାମ ମଲ୍ଲିକ ଅପ-ଣା ବୃଦ୍ଧପିତାଙ୍କ ପୀଡ଼ାର ସମ୍ବାଦ ପାଇ ଘରକୁ ଯିବାକୁ ବ୍ୟସ୍ତ ହୋଇ ଏକମାସର ଛୁଟୀ ପ୍ରାର୍ଥନା କରିବାରୁ ତାହା ମଞ୍ଜୁର ହେଲା । ଏଥିମଧ୍ୟରେ ପିତାଙ୍କ ଆରୋଗ୍ୟ ହେବାର ପତ୍ର ପାଇ ଛୁଟୀ ରହିତ କରିବାକୁ ପ୍ରାର୍ଥନା କଲେ ମାତ୍ର ତାହାଙ୍କ ସ୍ଥାନରେ ଅନ୍ୟଲୋକ ଏକଟିଂ ନିଯୁକ୍ତ ହୋଇ ଶୀଘ୍ର ଏଠାକୁ ଆସିବାର ଆଦେଶ ପାଇଥିବାରୁ ଛୁଟୀ ରହିତ ହେଲା ନାହିଁ । ଏକଟିଂ ସବଜଜ ବାବୁ ମନ୍ମଥନାଥ ଘୋଷ ଗତ ମଙ୍ଗଳବାର ଅପରାହ୍ନରେ ଏଠାରେ ପହଞ୍ଚିଲେ ଏବଂ ସେହି ଦିନ ବଳରାମ ବାବୁ ତାହାଙ୍କୁ ଚାର୍ଜ ଦେଇ ତହିଁ ଆରଦିନ ସକାଳେ ଷ୍ଟିମରଯୋଗେ ବାଟେ କଲିକତାକୁ ପ୍ରସ୍ଥାନ କଲେ । ବାବୁ ବଳରାମ ମଲ୍ଲିକ ବଡ଼ ଉଦାରଚରିତ ବହୁଦର୍ଶୀ ଏବଂ

Digitized by srujanika@gmail.com

ଯୋଗ୍ୟ ହାକିମ ଅଟନ୍ତି । ସେ ବଡ଼ ନିଶ୍ଚଳ ମାନସ ବିଶିଷ୍ଟ ଧୀ ଶାନ୍ତି ଏବଂ ଏତ ସ୍ୱଭାବରେ ଭୁ କେବେ ଭ୍ରମ ଘଟିଲେ ସୁଦ୍ଧା ( ମନୁଷ୍ୟ ହୋଇ କାହାର ଭ୍ରମ ନାହିଁ ? ) ତାହାଙ୍କ ନ୍ୟାୟ ଓ ନିରପେକ୍ଷ ବିଚାରରେ ସମସ୍ତେ ସନ୍ତୁଷ୍ଟ ଏବଂ ତାହାଙ୍କ ଶାନ୍ତ ଓ ସରଳ ପ୍ରକୃତିରେ ସମସ୍ତେ ମୋହିତ । ଗୁରୁତର ବିଷୟରୁ ଅଧିକ କାଳ ଏଠାରେ ରହିଲେ ମାତ୍ର ଦଳେ ସୁଦ୍ଧା ଟେବଲରେ ଗରମ ହେବାର ଦେଖା ଯାଏ ନାହିଁ । ହାକିମ ଛଡ଼ା ତାହାଙ୍କର ସାମାଜିକ ଗୁଣ ମଧ୍ୟ ବଡ଼ ସୁନ୍ଦର । ଏହାଙ୍କ ପରି ଉଦାରାଶୟ ମିଷ୍ଟଭାଷୀ ପ୍ରେମୀ ମନୁଷ୍ୟ ଅଳ୍ପ ଦେଖିଅଛୁଁ । ନଗରବାସୀ ସ୍ୱଦେଶୀ ବିଦେଶୀ ସମସ୍ତଙ୍କ ସହିତ ସମାନ ବ୍ୟବହାର ଓ ସକଳ ହିତକର କାର୍ଯ୍ୟରେ ଯୋଗ ଦେବାକୁ ତତ୍ପର । ବିଶେଷତଃ ପୁରୀ ମନ୍ଦିରସଂସ୍କାର କମିଟୀର ସଭାପତି ହୋଇ ସେ ଯେଉଁ ମହତ୍‌କାର୍ଯ୍ୟ କରି ଅଛନ୍ତି ତାହା କାହାରି ଅବିଦିତ ନାହିଁ । ଏପର୍ଯ୍ୟନ୍ତ ଏହି ସଂସ୍କାର କାର୍ଯ୍ୟ ଯେତେଦୂର ଅଗ୍ରସର ହୋଇଅଛି ତାହା କେବଳ ତାହାଙ୍କର ଅବିଶ୍ରାନ୍ତ ଚେଷ୍ଟା ଓ ଯତ୍ନର ଫଳ ଅଟଇ । ଓଡ଼ିଶାର ପ୍ରଧାନ ଗୌରବ ପୁରୀମନ୍ଦିର ଓ ତହିଁର ରକ୍ଷାବିଷୟରେ ସେ ପ୍ରଧାନ ସହାୟ ହେବାରୁ ଓଡ଼ିଶାର ପରମବନ୍ଧୁ ହୋଇଅଛନ୍ତି । ଏପରି ବନ୍ଧୁଙ୍କୁ ଲୋକମାନେ ବିଦାୟ ଦେଇ କିଏ ମନ ଧରି ପାରିବ ? ଏଥିପାଇଁ ଏହାଙ୍କୁ ବିଦାୟ ଦେବା ଉପଲକ୍ଷରେ କେତେକଣ ଭଦ୍ରଲୋକଙ୍କ ଯତ୍ନରେ ଗତ ମଙ୍ଗଳବାର ପ୍ରିନ୍ସି କମ୍ପାନୀଙ୍କ କୋଠାରେ ଗୋଟିଏ ସମ୍ମିଳନ ହୋଇଥିଲା । ନଗରବାସୀ ଅନେକ ଭଦ୍ରଲୋକ ଓ ବଙ୍ଗୀୟ ଏକତ୍ରିତ ହୋଇ ବାବୁ ମହୋଦୟଙ୍କୁ ସେ ଦିବସ ସ ୮ ଘଡ଼ିରୁ ପ୍ରାୟ ସ ୧୧ ଟା ପର୍ଯ୍ୟନ୍ତ ମିଷ୍ଟାଳାପ ଗୀତ ବାଦ୍ୟ ଭୋଜ ଇତ୍ୟାଦି ଆମୋଦ ପ୍ରମୋଦରେ ମଗ୍ନ ଥିଲେ । ସେ ଦିବେଳେ ପାଣ୍ଡ ସାହେବ ଉତ୍କଳ ଏକତ୍ର ମଣି ବନ୍ଧୁ ବାବୁଙ୍କ ଗଳାରେ ସ୍ନେହ ଓ କୃତଜ୍ଞତାର ଉପହାର ସ୍ୱରୂପ ପୁଷ୍ପମାଳା ପ୍ରଦାନ କଲେ ସେକାଳର ଦୃଶ୍ୟ ବଡ଼ ଚମତ୍କାର ହୋଇଥିଲା । ପୁଷ୍ପମାଳା ପ୍ରଦାନ ପରେ ବାବୁ ସୁଦାମଚନ୍ଦ୍ର ନାୟକ ଦୁଇ ଶ୍ଲୋକପଦ୍ୟ ସଭିଏ ଜଥରେ ସଭାଳକ ବାବୁଙ୍କୁ ଜଣାଇଲେ ଏବଂ ବାବୁ ମହୋଦୟ ତହିଁର ଉତ୍ତରରେ ଭକ୍ତିପୂର୍ଣ୍ଣକରେ ଧନ୍ୟବାଦ ପ୍ରଦାନ କରି କହିଲେ ଯେ ବନ୍ଧୁମାନଙ୍କର ଅକୃତ୍ରିମ ସ୍ନେହ ଓ ଆଦରରେ ତାହାଙ୍କର ହୃଦୟ ଏପରି ବିଗଳିତ ହୋଇଅଛି ଯେ ବାକ୍ୟ ସ୍ଫୁରୁ ନାହିଁ । ଏହି ସମୟରେ ତାହାଙ୍କ ଉଦ୍ଦେଶ୍ୟରେ ରଚିତ ନିମ୍ନଲିଖିତ ଗୀତ ଗାୟକ ହେଲ ଓ ତହିଁରେ କ୍ଷଣକାଳ ସମସ୍ତେ ଅସୀମ ଆନନ୍ଦ ଉପଭୋଗ କଲେ । ଶେଷରେ ଲୋକ ସମସ୍ତେ ଯେ ଯାହା ଘରକୁ ବିଦାୟ ହୋଇ ଗଲେ । ସଂକ୍ଷେପରେ ଏହି ମିଳନର ଆଦ୍ୟପ୍ରାନ୍ତ ସମସ୍ତ କାର୍ଯ୍ୟ ସୁବ୍ୟବସ୍ଥିତ ରୂପେ ନିର୍ବାହିତ ଓ ବଡ଼ ସୁଖକର ଏବଂ ସଫଳ ହୋଇଥିଲା ।

କାମୋଦୀ—ଏକତାଳୀ ।
"ମନା କରୁଥିଲି ସାଥୀ ଯିବୁ ଯମୁନା" ବୃତ୍ତରେ ।
ଯିବାର ହେଲାଣି ସେବେ ନ କର ଗଞ୍ଜଣା ।
ହୃଦୟ କମଳ ଭେଦ କଲୁ ଅଗୋ କାହିପନା
କରୁଁ ବନ୍ଧୁପନା । ଘୋଷା ।
ଉତ୍କଳ ଶିରୋମଣି    ମଧ୍ୟରେ ତୁ ରତ୍ନମଣି
ମନ ପୂରିବର ପୂରିଁ କଲ ନାହିଁ ବନ୍ଧୁ ମନା
କଲ ନାହିଁ ମନା । ୧ ।
ବହୁଦେହଲ ଘାଟ    ମନେ ପଡ଼ୁଥିବ ଶତ
ଚନ୍ଦ୍ରସମ ସ୍ନିଗ୍ଧ ଜ୍ୟୋତି ସ୍ନେହ ଜଣାଉଥ ସିନା
ଜଣାଉଥ ସିନା । ୨ ।
ତବ ଶୁଭକୁ ଗଣରେ    ପ୍ରୀତି ଉତ୍କଳ ମନରେ
ପାସୋରିବ ନାହିଁ ମନ ଏତିକି ଏକା ପ୍ରାର୍ଥନା
ଏତିକି ପ୍ରାର୍ଥନା । ୩ ।

## ପ୍ରାପ୍ତ ।

### ପ୍ରାଚୀନ କାବ୍ୟସଂକ୍ରାନ୍ତ ବିବାଦ ।

ଉତ୍କଳର କବିବର ଉପେନ୍ଦ୍ରଭଞ୍ଜଙ୍କର ଉତ୍କୃଷ୍ଟ କବିତା ସମ୍ବନ୍ଧରେ ବାବୁ ରାମନାରାୟଣ ଲାଲ ଓ ଗୋପୀନାଥଙ୍କ ବିବାଦ ଅବା ବାଦାନୁବାଦ ଅଦ୍ୟାପି ହୋଇ ତାହା ବିଜ୍ଞାପନାର୍ଥେ ପ୍ରବର୍ତ୍ତି ହୋଇଅଛି, କୃତକାର୍ଯ୍ୟ ହୋଇପାରିଲେ ଶ୍ରମ ସଫଳ ହେବ । ଲେଖାର ସୁବିଧାର୍ଥେ ରାମନାରାୟଣ ବାବୁ ଓ ତାଙ୍କ ସମର୍ଥକମାନଙ୍କୁ ବାଦୀ ଓ ଗୋପୀନାଥ ଓ ତାଙ୍କ ପକ୍ଷୀୟ ବ୍ୟକ୍ତିଙ୍କୁ ପ୍ରତିବାଦୀ ସ୍ୱରୂପେ ଏ ପ୍ରବନ୍ଧରେ ଉଲ୍ଲେଖ କରୁଅଛୁଁ ଏବଂ କୌଣସି ପକ୍ଷପାତ ପକ୍ଷାଘାତ ଅବା ଚାଟୁଳତା ନ କରି ସ୍ପଷ୍ଟ କହିବାର ଉଚିତ ଥିବାରୁ ଆପଣା ସାଧ୍ୟାନୁସାରେ ତଦ୍ରୂପ ବ୍ୟବହାର କରିବୁଁ କିନ୍ତୁ ସ୍ପଷ୍ଟ କଥାମାନେ ଅନେକ ଲୋକଙ୍କୁ କଷ୍ଟକର ହୁଏ ଏଣୁ ଓ ଏ ପ୍ରବନ୍ଧର ଅନିବାର୍ଯ୍ୟ ପାଠକମାନେ କେହି ଅସନ୍ତୁଷ୍ଟ ନ ହେବେ ।

ବାଦୀମାନେ କହନ୍ତି, ଉପେନ୍ଦ୍ରଭଞ୍ଜ ଉତ୍କଳର କବିରତ୍ନ ଥିବାରୁ ତାଙ୍କଠାରେ ଭୁଲ ନ ଥିବ ଏପରି ଅର୍ଥାତ୍ ତାଙ୍କ କବିତାର କୌଣସି ଅଂଶରେ କଷ୍ଟ ଅବା ଦୋଷ ନ ଥିବ ଏପରି ? କିନ୍ତୁ ଚନ୍ଦ୍ରର ମନୋହର ଜ୍ୟୋତିକୁ ଉତ୍ପତ୍ତି କଳଙ୍କ ଲେଶମାତ୍ର ହ୍ରାସ କରି ପାରଇ ନାହିଁ ଓ ତାଙ୍କ ସୁଧାବର୍ଷଣରେ କିଛି ବାଧା ହୁଅଇ ନାହିଁ । ସୁଧାକରଙ୍କ ସୁଧାପାନ ଚିତ୍ତକୁ ଏପରି ମୋହିତ କରଇ ଯେ କଳଙ୍କ ଆଦୌ କଳଙ୍କ ବୋଲି ସେତେ ହୁଏ ନାହିଁ ତାହା କେବଳ ପୁସ୍ତକର କଥା—ସେହିପରି କବିବରଙ୍କ କାବ୍ୟ ଏପରି ସରସ ଓ ସୁଧାମୟ ଓ ଚିତ୍ତକୁ ଏପରି ମୋହିତ କରେ ଯେ ତହିଁରେ ଦୋଷ ଥିଲେ ତାହା ଆଦୌ ଧର୍ତ୍ତବ୍ୟ ନୁହେ ଓ ତାହା ଗାଇବା କିନ୍ତୁ ଓ ମନଲୋକର କର୍ମ ଅତଏବ ଭଞ୍ଜଙ୍କ ମନୋରଞ୍ଜକ କାବ୍ୟରେ ଦୋଷ ଥିଲେ ତାହା ଚନ୍ଦ୍ରଙ୍କର କଳଙ୍କତୁଲ୍ୟ ଭୁକ୍ତ ଅଟଇ ଓ ତାଙ୍କ ଗରିମାକୁ ଲୋପ କରି ପାରିବ ନାହିଁ । ଏଣୁ କରି ପ୍ରତିବାଦୀଙ୍କର ଭୟର କିଛି କାରଣ ନାହିଁ ।

ତନ୍ମାନଙ୍କୁ ଗନ୍ଧ ଈର୍ଷାଭାବରେ କେତେକ ଗ୍ରାହକର ତାଙ୍କର ସୁଲଭ ଜ୍ୟୋତିକୁ ଲୋପ କରିବାର ଚେଷ୍ଟା କରୁଥାଏ, ଉପେନ୍ଦ୍ର ଭଞ୍ଜ ଉତ୍କଳର କବିରତ୍ନ ଥିବାରୁ ତାଙ୍କର ଏରୂପ ଦଶା କେବେ ନ ଘଟିବ କପଟ ? ସ୍ୱଚ୍ଛରୂପ ଜାଣି ନନ୍ଦାରୂପ ଗ୍ର ସଦ୍ବାକ୍ୟ କବିତନ୍ଙ୍କର କାବ୍ୟରୂପ ସୁଧାମୟ ଜ୍ୟୋତିକୁ ଲୋପ କରିବାର ଚେଷ୍ଟା କରିବାରୁ ପ୍ରତିବାଦୀ ଅଜ୍ଞାୟୁକ୍ତ ହୋଇ ଆପଣା କାମାନ୍ଧରୂପ ଅନ୍ଧାରେ ପଡ଼ି ବଡ଼ ବ୍ୟସ୍ତ ଅଛନ୍ତି ଏବଂ ସହିତ ତାଙ୍କ ତରଙ୍ଗ କାରଣ ଧନ୍ୟ ଧାରଣ କରିଅଛନ୍ତି । କିଛିମାତ୍ର ଧନ୍ୟ ପ୍ରତି ମନୁଷ୍ୟକୃତ ଧନୁଶର କାର୍ଯ୍ୟକର ନ ହେବା ଶଙ୍କାରେ ଇନ୍ଦ୍ରଧନୁ ଓ ବୃହସ୍ପତି ଅସ୍ତ୍ର ନେଇ ଅଛନ୍ତି କିନ୍ତୁ ସେ କଣ ଜାଣନ୍ତି ନାହିଁ ଯେ ସନ୍ତୋଷରେ ଚନ୍ଦ୍ରଙ୍କର ବାସ୍ତବିକ କିଛି କ୍ଷତି ହୁଏ ନାହିଁ । କେତେକ କେବଳ ପଡ଼ି ଏ ଦୁଇ ଘଡ଼ି ତାଙ୍କର ଜ୍ୟୋତିକୁ ଆବୃତ କରିଦିଏ ଓ ଲୋପ କରିବାକୁ ଅପାରଗ ମଣି ପଳାଇଯାଏ ପୁଣି ସେ ସମସ୍ତେ ଲୋକମାନେ ଅନ୍ଧସମୟ ଅପେକ୍ଷା ନୂତନ ନୂତନ ଉଦ୍ବର୍ଦ୍ଧନ କରୁଥାନ୍ତି ଏବଂ ସ୍ତବ ସ୍ତୁତି ଦାନ ଧ୍ୟାନ କରନ୍ତି । ସୁତରାଂ ଚନ୍ଦ୍ରଙ୍କର ମର୍ଯ୍ୟାଦା ଓ ଆଦର ବୃଦ୍ଧି ହୁଏ । ସେହିପରି ବାଙ୍ଗ କବିବର ମହୋଦୟଙ୍କ ନିନ୍ଦାବାଦ କରିବାରେ ତାଙ୍କ ଉତ୍କୃଷ୍ଟ କାବ୍ୟର ଚର୍ଚ୍ଚା ଆଲୋଚନା ଓ ପ୍ରଶଂସା ବୃଦ୍ଧି ହୋଇଅଛି ଓ ଟେକ ଅଧିକ ହୋଇଅଛି ଲେଶମାତ୍ର କ୍ଷତି ହୋଇ ନାହିଁ । ବାଦପକ୍ଷ ପକ୍ଷେ ଗୁରୁ-

Split by PDF Splitter
Digitized by srujanika@gmail.com

ଜଗନ୍ନାଥଦାସ କବିଚନ୍ଦ୍ରଙ୍କର ସାହିତ୍ୟୋପଭୋଗ ଲୋପ କରିପାରିବେ ନାହିଁ ଓ ଜନସାଧାରଣରେ ତାଙ୍କର ଖ୍ୟାତି ଲେଶମାତ୍ର ସଙ୍କୁଚିତ ହେବ ନାହିଁ । ଅତଏବ ପ୍ରତିବାଦମାନେ ନିଃଶଙ୍କ ହୋଇ ଓ "ଅହିଂସା ପରମୋ ଧର୍ମଃ" ଏ ମହାବାକ୍ୟକୁ ଅନୁସରି ବାପା କାନ୍ତର ପ୍ରାଣନାଶ ସମ୍ବାଦେ ଉଦ୍ଧୃତନ୍ତୁ ଓ ବ୍ରହ୍ମପର ପ୍ରୟୋଗ ନ କରି କୃଷ୍ଣସିଂହ ଓ ଶ୍ରୀନାଥ ଶର୍ମା ଓ ପାଠକ ପ୍ରଭୃତିଙ୍କ ପ୍ରୟୋଗ କରନ୍ତୁ ଓ ଲଦ୍ଧାର ମହାଜନଙ୍କ ତୁଲ୍ୟ ଖ୍ୟାତିମନ୍ତ ହେଉନ୍ତୁ । ଏପରି ସ୍ତୁତିର ବ୍ୟାପାରରେ ଦେବାର୍ଥ ଦରକାର ବାଗାଡ଼ମ୍ବର ଭୂରି ସ୍ତୁତିପରେ ଅନାବଶ୍ୟକ ଓ ଅନୁଚିତ ।

ବର୍ତ୍ତମାନ ମୂଳ ବିବାଦ ବିଷୟରେ ଦୁଇଚାରି କହିବାର ଆବଶ୍ୟକ । ଉପେନ୍ଦ୍ରଭଞ୍ଜ ପ୍ରଭୃତି ମହାକବିମାନଙ୍କର ଦେଶ ବିଦେଶରେ ଓ ସୁପଣ୍ଡିତ ବର୍ଗ ମଧ୍ୟରେ ପ୍ରଶଂସା ପ୍ରଚୁର ଥିବା ସତ୍ତ୍ୱେ ବାପା ତାଙ୍କର ନିନ୍ଦା କରିବାର କାରଣ କିଣ ? ଆମ୍ଭ ବୁଝିବାରେ ସେ କବିମାନଙ୍କର ଯଶ ଲୋପ ହେବ ଓ ତାଙ୍କ ଆଦରର ଦାବି ସାଧାରଣସ୍ଥ ଲୋକ ଜନଙ୍କର ହୃଦୟ ବଳି ହେବ ଏହାହିଁ ତାଙ୍କର ଉଦ୍ଦେଶ୍ୟ କିନ୍ତୁ ଏହା କଦାପି ସଫଳ ହେବ ନାହିଁ । ବୈଦେହୀଶବିଳାସ ଇତ୍ୟାଦିରେ ଯେପରି ଶବ୍ଦାଳଙ୍କାର ଓ ଭାବାଳଙ୍କାର ପୂର୍ଣ୍ଣ ଅଛି ସେପରି ପଦେ ଅର୍ଦ୍ଧେ ବଳ ନବ୍ୟକବି କେହି ଲେଖିଲେଣି କି ? ଏସବୁର ଦୃଷ୍ଟାନ୍ତ ତୁଳନା ଅତି ବାହୁଲ୍ୟ ଏହେତୁ ଏଠାରେ କହୁଅଛୁଁ ଯେ ପ୍ରାଚୀନ କବିମାନଙ୍କ ସମୟେ ମୁଦ୍ରାଯନ୍ତ୍ର ନ ଥିଲା କିମ୍ବା କାଗଜଲେଖା ନ ଥିଲା, ତାଳପତ୍ର ଲେଖା ପୁସ୍ତକର ଓ ପାଠକଙ୍କ ଅପେକ୍ଷା ପୋଥିର ମୂଲ୍ୟ ଅତି ଅଧିକ—ତଥାପି ଦୁଇ ବହି ଛଡ଼ା ପ୍ରତ୍ୟେକ ନବ୍ୟ କବିଙ୍କର ଗ୍ରନ୍ଥର ସଂଖ୍ୟା ଅପେକ୍ଷା ଲାବଣ୍ୟବତୀ ଇତ୍ୟାଦି ପ୍ରତ୍ୟେକ ତାଳପତ୍ର ପୁସ୍ତକର ସଂଖ୍ୟା ଅନେକ ଅଧିକ ପ୍ରାୟ ସହସ୍ରଗୁଣ ଅଧିକ ଓ ତହିଁ ମଧ୍ୟ ଅଧିକ ପୁଣି ଛାପା ହୋଇ ଅଳ୍ପ ମଧ୍ୟରେ ସାଧାରଣ ନବ୍ୟ କାବ୍ୟ ଅପେକ୍ଷା ପ୍ରାଚୀନ କାବ୍ୟର ବହୁସଂଖ୍ୟ ଅନେକ ଅଧିକ । ଏଥିରୁ କଣ ଉଲ୍ଲିଖିତ ବାପା ଜଣେ ବୁଝନ୍ତୁ । ଯାହାଙ୍କର ଉତ୍କଳସାହିତ୍ୟରେ ଟେକ ଓ ସାହାଯ୍ୟ ଉଚିତ ପୂର୍ବ ତୁଳନା କରିବା ଏବଂ ପ୍ରାଚୀନ କବିଙ୍କର ଏହାଦ୍ୱାରା ଅଥବା କାବ୍ୟାନୁରାଗ ପ୍ରତିଷ୍ଠାନ ଦେଉଅଛୁ ତେଣିକି ମୂଲୋତ୍ପାଟନ କରିବାକୁ ବାପା ଉଦ୍ୟତ ହୋଇଛନ୍ତି ଏ ଅଶେଷ ଦୁର୍ବୁଦ୍ଧି । କହିଲ୍ଲି ପ୍ରାଚୀନ କାବ୍ୟମାନ ବିଲୁପ୍ତ ହେଲେ ଉଧାନାଥବାବୁ ପ୍ରଭୃତି ତାହା ପୂରଣ କରି ପାରିବେ କି ? ଉପେନ୍ଦ୍ରଭଞ୍ଜଙ୍କ ଉଳ ପାରିବେ କି ? ତାଙ୍କୁ ଅମେ ନବକୁ ବୋଲି କେହି ମନେ ନ କରି, ତ୍ରିଭୁଜଉଥା ଶୁଭଦାୟ—ଅନ୍ୟତ୍ର ଦେଶ ଇଂରେଜ,ଫାରସି, ସଂସ୍କୃତ ଇତ୍ୟାଦିରେ ସେକ୍ସପିୟର, ସେକସାଦ, କାଳିଦାସ ପ୍ରଭୃତିଙ୍କୁ କେହି ଅଯୋଗ୍ୟ କହି ବଳ ଯାଇଅଛନ୍ତି କି ? ସେ ସମସ୍ତ ଗୁଣ ଥିଲା ନ କଣ, ଅନ୍ୟ ସେପରି କେହି ହୃଦୟ ଭାବାନ୍ତି । ଉପେନ୍ଦ୍ରଭଞ୍ଜଙ୍କୁ କଦାପି ଦୂରେ ଥାଉ ତାଙ୍କ ଶ୍ରୀମୂର୍ତ୍ତିରେ ଛିଡ଼ାହେବା ତୁଲ୍ୟ ଏ ପର୍ଯ୍ୟନ୍ତ କେହି ହୋଇ ନାହାନ୍ତି ।

ବାପା କହିଲେ କି ସାରବସ କରୁଣରସ ଇତ୍ୟାଦି ଅନେକ ରସ ଥିବା ସ୍ଥଳେ କେବଳ ଶୃଙ୍ଗାରରସରେ କବିଙ୍କ ଭାବ-ମାନ ପୂର୍ଣ୍ଣ ଥିବାରୁ ତାଙ୍କର କାମୁକତା କିମ୍ବା ମନ ରୁଚିର ପରିଚୟ ମିଳୁଅଛି । ଏଥିରୁ ଶୃଙ୍ଗାରରସ ସର୍ବପ୍ରଧାନ ଓ ଆଦରର ଅଛି । ପ୍ରଥମେ ପରମେଶ୍ୱର କେବଳ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ସୃଷ୍ଟି କରି ଆଦରସକୁ ପ୍ରବଳ କରିଥିବାରୁ ପୃଥିବୀ ଏତେ ଲୋକରେ ଜନପୂର୍ଣ୍ଣ ହୋଇଅଛି । ଏ ରସ ଯେ କେବଳ ମନୁଷ୍ୟମଧ୍ୟରେ ପ୍ରବଳ ଏମନ୍ତ ନୁହେ ପଶୁ ପକ୍ଷୀ ମଧ୍ୟରେ ମଧ୍ୟ ପ୍ରବଳ । ଅଣ୍ଡିରା ଓ ମାଈ ପକ୍ଷିଙ୍କର କେହି ବିବାହ କରି ଦିଏ ନାହିଁ କିମ୍ବା ସେମାନଙ୍କୁ ସୁଗ୍ନ କରି ଦିଏ ନାହିଁ ତଥାପି ସେମାନେ ସ୍ୱଭାବତଃ ଯୁଗ୍ମ ହୋଇ ଅବହିତ ପ୍ରୀତରେ କାଳ ଯାପନ ଓ ଆପଣା ସଂଖ୍ୟା ବୃଦ୍ଧି କରୁଅଛନ୍ତି । ଏକ ସମୟରେ ଭାରତଭୂମିରେ ଆଦରସର ଶକ୍ତି ଓ ଜାତିର ସ୍ୱାଭାବିକଧର୍ମର ବୃଦ୍ଧି କେଉଁ ପରମେଶ୍ୱର ଏହି ରସର ବୃଦ୍ଧି ଓ ପ୍ରଚୁର ନିମନ୍ତେ ବୃନ୍ଦାବନଭାରରେ ପୃଥିବୀରେ ଅବତୀର୍ଣ୍ଣ ହୋଇ ସ୍ୱୟଂ ଉଦ୍ଧାଦ ଗୋପୀମାନଙ୍କ ସହିତ ବିଭିନ୍ନର ଧର୍ମୀଲୁ କରିଥିଲେ । ଏହା ହିନ୍ଦୁ ଶାସ୍ତ୍ର ପୁରାଣର କଥା ଅମ୍ଭର ନୁହେ । ଏପରିସ୍ଥଳେ ଭକ୍ତଙ୍କର ଅବତାର ବର୍ଣ୍ଣନାରେ କି ଦୋଷ ? ପୁଣି ଏହି ରସରେ ଏକା ତାଙ୍କ କାବ୍ୟ ପୂର୍ଣ୍ଣ ଏମନ୍ତ ନୁହେ ପ୍ରାୟ ସକଳ ଦେଶର ପ୍ରାଚୀନ କାବ୍ୟମାନ ନ୍ୟୂନାଧିକରେ ଏ ରସର ବର୍ଣ୍ଣନା କରି ଯାଇ ଅଛନ୍ତି । ଏ ସେ ପ୍ରକାର ନ ଥିଲେ କାହା କମ୍ପା ତାଙ୍କ ସ୍ୱଧାନାଥବାବୁ କବୁ ଗ୍ରହଣ କରିଥାନ୍ତେ କି ? ଏ ରସ ସର୍ବପ୍ରଧାନ ଓ ସର୍ବସାଧାରଣଙ୍କର ରୁଚିକର ଥିବାରୁ ପ୍ରାୟ ସମସ୍ତ ପ୍ରାଚୀନ କବି-ମାନେ ତହିଁର ବର୍ଣ୍ଣନା ଅଧିକ ପରିମାଣରେ କରି ଯାଇଅଛନ୍ତି । କବିର କାମୁକତା ଅବା ମନ-ରୁଚି ତହିଁର କାରଣ ନୁହେ ।

ଜାଣ ପାଠକବାର ଯେ ଦୋଷାରୋପ କରନ୍ତି ଏଥିରୁ ପରି ଦେଇଁ ପ୍ରୀତି କି ଅପରାଧ ? ତାହା ନୁହେ କେବେ ତହିଁର ଅବା ସେମାନଙ୍କ ବିରହ ବର୍ଣ୍ଣନା କପଟ ଅଶ୍ଳୀଳ ଅବା ଦୂଷଣୀୟ ହୋଇ-ଥାରେ ? ଲାବଣ୍ୟବତୀ ପ୍ରେମସୁଧାନିଧି ଇତ୍ୟା-ଦିରେ ପତି ସ୍ତ୍ରୀଙ୍କ ପବିତ୍ର ପ୍ରେମ ଓ ବିରହ ବର୍ଣ୍ଣନା ହୋଇଅଛି ଲମ୍ପଟତା ଅବା ବ୍ୟଭିଚାରର ବର୍ଣ୍ଣନା ନାହିଁ । ଏ କାବ୍ୟମାନଙ୍କର ନାୟକ ନାୟିକାଙ୍କଠାରେ ଲମ୍ପଟତାର ଦୋଷ ଦେଖା ନ ଯାଏ । ତଥାପି ସେ ସବୁ ସ୍କୁଲର ପାଠୋପଯୁକ୍ତ ନୁହେ ସତ୍ୟ—କିନ୍ତୁ ସେଥିରୁ ସରସ କଥା ଲାଗବଙ୍କର ବୋଧ ହୁଏ ଯେ ସ୍କୁଲ ବାଳକଙ୍କ ପାଠ ନିମନ୍ତେ ସେ ସମସ୍ତ ନ ହୋଇ କେବଳ ବାଲ୍ମୀକି କାଳିଙ୍କ ପାଠ-ଯୋଗ୍ୟ ହୋଇଅଛି । ଅଳ୍ପବୟସ୍କ ବାଳକମାନେ ତହିଁର ଗ୍ରାହକ ହୋଇ ନ ପାରନ୍ତି ।

ବାପା ଯେ ଲାବଣ୍ୟବତୀ ପ୍ରଭୃତି ପ୍ରତି ଅଶ୍ଳୀଳତାର ଦୋଷାରୋପ କରନ୍ତି ଏଥିରୁ ସ୍ୱାମୀ ସ୍ତ୍ରୀର ପବିତ୍ରପ୍ରୀତି ଇତ୍ୟାଦିର ବର୍ଣ୍ଣନା ଅଶ୍ଳୀଳ ହେଲା, ଯଥା କୃଷ୍ଣ ଗୋପୀମାନଙ୍କ ବସ୍ତ୍ରହରଣ ଓ ତହିଁରେ ଗୌରଟେକଙ୍କର ରଙ୍ଗକ୍ରୀଡ଼ା ଓ ବସ୍ତ୍ରହରଣ ଇତ୍ୟାଦି ଲମ୍ପଟତା ବର୍ଣ୍ଣନା ପବିତ୍ର ହେଲା କି ଆଶ୍ଚର୍ଯ୍ୟ ! ! ଧନ୍ୟ ବାପାଙ୍କ ବୁଦ୍ଧି ବିବେଚନା ! ! ପୁଣି ସେପରିକି ପୁସ୍ତକମାନ ଧର୍ମପୁରାଣ ଓ ତାହା ପାଠ କଲେ ମହାପୁଣ୍ୟ—ସେହିଁ ସମାଜରେ ଏପରି ବ୍ୟବହାର ଯେ ସମାଜରେ ଲାବଣ୍ୟବତୀ ଦୂଷଣୀୟ ! ! ପିତା ମାତା ପୁତ୍ର କନ୍ୟା ପୁଣି ଭଗିନୀ ଏକତ୍ରରେ ବସ ଲବଣ୍ୟ ପଢ଼ିବାର ଓ ଦେବମନ୍ଦିରକୁ ଯିବାର ଦେଖାଯାଏ । ଦେବ ମନ୍ଦିରରେ କେତେ ଅଶ୍ଳୀଳ ରୂପ ଥାଆନ୍ତି ? ବାପା କଣ ଦେଖି ନାହାନ୍ତି ? କେବେ ସେ କାହିଁକି ଏତେ କଣା ହେଉଅଛନ୍ତି ? ଯାହା ହେଉ ଆଉ କହିବୁ ନା ଭବିଷ୍ୟତ କ୍ଷାନ୍ତି ହେବନ୍ତୁ ।

———